# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 44 ♦ISSUE-85 ♦FRIDAY ♦18 SEPTEMBER 2026 ♦PAGE-12 ♦₹ 7.00

SAMBALPUR

♦ବର୍ଷ-୪୪ ♦ସଂଖ୍ୟା-୮୫ ♦ଶୁକ୍ରବାର ♦୧୮ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




**ଟି୨୦ରେ ଅଭିଷେକଙ୍କ ଦ୍ରୁତତମ ଶତକ**

▶ପୃଷ୍ଠା ୧୨ ଦେଖନ୍ତୁ...

## ଜାପାନରେ ୧ ଲକ୍ଷରୁ ଅଧିକ ଶତାୟୁ ବ୍ୟକ୍ତି



■ ଟୋକିଓ, ୧୭।୯ (ଏଜେନ୍ସି): ଜାପାନରେ ୧୦୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ପ୍ରଥମ ଥର ପାଇଁ ୧ ଲକ୍ଷ ଅତିକ୍ରମ କରିଛି। ଜାପାନ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନୂଆ ତଥ୍ୟ ଅନୁଯାୟୀ, ଦେଶରେ ଏବେ ମୋଟ ୧,୦୭,୬୭୭ ଜଣ ଶତାୟୁ ବ୍ୟକ୍ତି ଅଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ୮୮ ପ୍ରତିଶତ ମହିଳା। ଜାପାନରେ ଶତାୟୁ ବ୍ୟକ୍ତିଙ୍କ ସର୍ବେକ୍ଷଣ ୧୯୬୩ରେ ଆରମ୍ଭ ହୋଇଥିଲା। ସେତେବେଳେ ଦେଶରେ ମାତ୍ର ୧୫୩ ଜଣ ଶତାୟୁ ବ୍ୟକ୍ତି ଥିଲେ। ୧୯୮୧ରେ ଏହି ସଂଖ୍ୟା ୧,୦୦୦ ଓ ୧୯୯୮ରେ ୧୦,୦୦୦ ଅତିକ୍ରମ କରିଥିଲା। ବର୍ତ୍ତମାନ କ୍ୱୋଟୋ ସହରର ୧୧୪ ବର୍ଷୀୟା କିଶିମୋତୋ ଫୁଯୋ ଦେଶର ସର୍ବାଧିକ ବୟସ୍କ ମହିଳା। ସେହିପରି କୁମାମୋଟୋର ୧୧୨ ବର୍ଷୀୟ କାଟୋ ହିକାରୁ ସବୁଠାରୁ ବୟସ୍କ ପୁରୁଷ। ସ୍ୱାସ୍ଥ୍ୟମନ୍ତ୍ରୀ କେନିଚିରୋ ଉଏନୋ କହିଛନ୍ତି, ଏତେ ସଂଖ୍ୟକ ଲୋକ ଦୀର୍ଘ, ସୁସ୍ଥ ଓ ସକ୍ରିୟ ଜୀବନ ବିତାଉଥିବାରୁ ସେ ଖୁସି। ଚିକିତ୍ସା ଓ ପ୍ରଯୁକ୍ତିର ଅଗ୍ରଗତି ଦୀର୍ଘାୟୁ ପାଇଁ ▶ପୃଷ୍ଠା-୭

## ମଣିପୁର ରିଲିଫ୍ କ୍ୟାମ୍ପରେ ଯୌନ ନିର୍ଯାତନା !



**ବଢୁଛି ସନ୍ଦେହଜନକ ମୃତ୍ୟୁ**

**ସରକାରଙ୍କୁ ସୁପ୍ରିମ୍‌କୋର୍ଟଙ୍କ ଭର୍ତ୍ସନା**

■ ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ତିନି ବର୍ଷ ହେଲା ମଣିପୁର ଅଶାନ୍ତ। ହିଂସା ଥମୁନାହିଁ। ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ ଅନେକ ସ୍ଥାନରେ ହିଂସା ଜାରି ରହିଛି। ହଜାର ହଜାର ଲୋକ ବାସଚ୍ୟୁତ ହୋଇଛନ୍ତି। ସେମାନଙ୍କୁ ବିଭିନ୍ନ ସ୍ଥାନରେ ରିଲିଫ କ୍ୟାମ୍ପରେ ରଖାଯାଇଛି। କିନ୍ତୁ ରିଲିଫ କ୍ୟାମ୍ପରେ ମଧ୍ୟ ସେମାନେ ସୁରକ୍ଷିତ ନୁହନ୍ତି। ସେଠାରେ ଅନେକ ସନ୍ଦେହଜନକ ମୃତ୍ୟୁ ଘଟୁଛି। ରିଲିଫ କ୍ୟାମ୍ପରେ ଯୌନ ନିର୍ଯାତନା ସଂପର୍କରେ ମଧ୍ୟ ସାଂଘାତିକ ଅଭିଯୋଗ ଆସିଛି। ଏହାକୁ ନେଇ ସୁପ୍ରିମ କୋର୍ଟ ବିରକ୍ତି ପ୍ରକାଶ କରିବା ସହିତ ମଣିପୁର ସରକାରଙ୍କର ତୀବ୍ର ଭର୍ତ୍ସନା କରିଛନ୍ତି। ଏସଂପର୍କରେ ସରକାରଙ୍କ ଠାରୁ ରିପୋର୍ଟ ତଲବ କରିଛନ୍ତି। ବିଶେଷ କରି ୨୫ଟି ସନ୍ଦେହଜନକ ମୃତ୍ୟୁ, ଶବ ବ୍ୟବଚ୍ଛେଦ ରିପୋର୍ଟ ଏବଂ ମୃତ୍ୟୁର କାରଣ ସଂପର୍କରେ ଡାକ୍ତରୀ ରିପୋର୍ଟ ଦାଖଲ କରିବା ଲାଗି ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୩ରେ ମଣିପୁରରେ ବ୍ୟାପକ ହିଂସା ଓ ଯୌନ ନିର୍ଯାତନା ସଂକ୍ରାନ୍ତ ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ▶ପୃଷ୍ଠା-୭

**ଜୀବନ ନେଲା ବିବାହ ଜିଦ୍**

# ପ୍ରେମିକକୁ ଜାଳିଦେଲେ

**ବାପା, ମା' ସହ ପ୍ରେମିକା ଅଟକ**

**୭ ଜଣଙ୍କ ନାମରେ ମାମଲା ରୁଜୁ**

■ ଦେବଗଡ଼, ୧୭।୯ (ସମିସ): ପ୍ରେମିକାକୁ ବିବାହ ଜିଦ୍ ଶେଷରେ ପ୍ରେମିକ ପାଇଁ ମହଙ୍ଗା ପଡ଼ିଛି । ନିଜ ଘର ସାମ୍ନାରେ ପ୍ରେମିକକୁ ପ୍ରେମିକାର ପରିବାର ଜୀଅନ୍ତା ଜାଳି ଦେଇଥିବା ଅଭିଯୋଗ ହୋଇଛି। ଏପରି ଏକ ଭୟଙ୍କର ଓ ଚାଞ୍ଚଲ୍ୟକର ଘଟଣା ଘଟିଛି ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅଞ୍ଚଳରେ। ଖବର ପାଇ ପୁଲିସ ମୃତ ପ୍ରେମିକର ଦଗ୍ଧୀଭୂତ ଶବକୁ ଜବତ କରିଛି ଓ ପ୍ରେମିକାର ବାପା, ମା, ସମ୍ପର୍କୀୟଙ୍କ ସମେତ ୭ ଜଣକୁ ଗିରଫ କରିଛି ।

ଅଭିଯୋଗ ଅନୁସାରେ ଘଣ୍ଟିଆପାଲି ଗ୍ରାମର ସିଲୁ ରାୟ ଓ ରିଆମାଳ ଗ୍ରାମର ନଳିନୀ ବେହେରାଙ୍କ ଝିଅ ଗୌରୀ ମଧ୍ୟରେ ଦୀର୍ଘ ବର୍ଷ ହେଲା ପ୍ରେମ ସମ୍ପର୍କ ରହିଥିଲା। ମାତ୍ର ଉଭୟ ଭିନ୍ନ ଜାତିର ହୋଇଥିବାରୁ ଗୌରୀଙ୍କ ପରିବାର ସେମାନଙ୍କ ପ୍ରେମକୁ ସ୍ୱୀକୃତି ଦେଉ ନ ଥିଲେ। ଅପରପକ୍ଷରେ ଗୌରୀଙ୍କୁ ବିବାହ ପାଇଁ ସିଲୁ ଜିଦ୍ ଧରି ବସିଥିଲେ। ଗୌରୀଙ୍କ ପରିବାର ଝିଅ ପାଇଁ ବିଭିନ୍ନ ସ୍ଥାନରେ ବରପାତ୍ର ଯୋଗାଡ଼ କରୁଥିବାବେଳେ ସିଲୁ ଏହାକୁ ଭାଙ୍ଗି ଦେଉଥିଲେ। ରାଜପୁତ ପରିବାର ଓ ଉଚ୍ଚ ଶିକ୍ଷିତ ସିଲୁ ଜାତିପ୍ରଥାର ବିରୋଧୀ ଥିଲେ ଓ ଗୌରୀଙ୍କୁ ପତ୍ନୀ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବାବେଳେ ଏକ ବିବାଦରେ ଛନ୍ଦି ହୋଇ ସେ କିଛି ସମୟ ପାଇଁ ରାଜ୍ୟ ବାହାରକୁ ଚାଲି ଯାଇଥିଲେ ହେଁ ନିୟମିତ ଭାବରେ ଗୌରୀଙ୍କ ସମ୍ପର୍କରେ ଥିଲେ ଓ ତାଙ୍କ କଥା ପଚାରି ବୁଝୁଥିଲେ। ଇତିମଧ୍ୟରେ ଗୌରୀଙ୍କ ବିବାହ ଅନ୍ୟତ୍ର ଠିକ୍ କରାଯାଉଥିବା ସଂକ୍ରାନ୍ତରେ ସେ ଖବର ପାଇ ଗତକାଲି ରାତିରେ ରିଆମାଳରେ ▶ପୃଷ୍ଠା-୭

## ତ୍ରିକୋଣୀୟ ପ୍ରେମ: ପାଣିଟାଙ୍କି ଉପରୁ ବନ୍ଧୁକୁ ଠେଲି ହତ୍ୟା

■ରାଉରକେଲା, ୧୭।୯ (ସମିସ): ତ୍ରିକୋଣୀୟପ୍ରେମର ଭୟଙ୍କର ପରିଣତି ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ଅଞ୍ଚଳରେ। ପ୍ରେମିକା ସହ ସମ୍ପର୍କ ଥିବା ସନ୍ଦେହରେ ମଦ ପିଆଇ ନିଜର ବନ୍ଧୁକୁ ନିର୍ମାଣାଧୀନ ୪୦ ଫୁଟ୍ ପାଣିଟାଙ୍କି ଉପରୁ ଠେଲି ହତ୍ୟା କରିଛି ଜଣେ ଯୁବକ। ଅଭିଯୁକ୍ତ କୁନାଲ ଦାସଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ଅଞ୍ଚଳର ଅଭିଷେକ ମଲ୍ଲିକ (୨୭) ଏବଂ କୁନାଲ ଦାସ ଦୁଇ ବନ୍ଧୁ। ଅଭିଷେକ ମଲ୍ଲିକ ଆରଏସପିରେ ଏକ ଠିକା କମ୍ପାନୀରେ କାମ କରୁଥିଲେ ଓ କୁନାଲ ଦାସ ପାଣି ବୋତଲ କାରବାର କରୁଥିଲେ। କୁନାଲ ବନ୍ଧମୁଣ୍ଡା ଅଞ୍ଚଳର ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ ହେଁ ସମ୍ପୃକ୍ତ ଯୁବତୀ ଅଭିଷେକଙ୍କୁ ପସନ୍ଦ କରୁଥିଲେ। ଯାହାକୁ ନେଇ କୁନାଲଙ୍କ ମନରେ ଅସନ୍ତୋଷ ଓ ଇର୍ଷାଭାବ ସୃଷ୍ଟି ହୋଇଥିଲା। ଇତିମଧ୍ୟରେ ସମ୍ପୃକ୍ତ ଯୁବତୀ ଚାକିରି ପାଇଁ ରାଜ୍ୟ ବାହାରକୁ ▶ପୃଷ୍ଠା-୭

# ତୃଣମୂଳ ନାଁ ଓ ଚିହ୍ନକୁ ବାରଣ କଲେ ନିର୍ବାଚନ କମିସନ



■ ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ପଶ୍ଚିମ ବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ବାନାର୍ଜୀଙ୍କ ଦ୍ୱାରା ଗଠିତ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ନାଁ ଏବଂ ନିର୍ବାଚନ ଚିହ୍ନ କୁ ଫ୍ରିଜ୍ କରିଛନ୍ତି ନିର୍ବାଚନ କମିସନ। ମମତା ବାନାର୍ଜୀ ଏବଂ ବିଦ୍ରୋହୀ ଗୋଷ୍ଠୀ ନେତା ରିତବ୍ରତ ବାନାର୍ଜୀ ନିଜକୁ ପ୍ରକୃତ ଟିଏମ୍‌ସି ବୋଲି ଦାବି କରୁଥିବା ବେଳେ ନିର୍ବାଚନ କମିସନ ଆଜି ରାତିରେ ଏଭଳି ମଧ୍ୟବର୍ତ୍ତିକାଳୀନ ଆଦେଶ ଜାରି କରିଛନ୍ତି। ବର୍ତ୍ତମାନ ପାଇଁ କୌଣସି ଗୋଷ୍ଠୀ ଟିଏମସି ନାମ କିମ୍ବା ଏହାର ନିର୍ବାଚନ ଚିହ୍ନକୁ ବ୍ୟବହାର କରିପାରିବେ ନାହିଁ। ଏଥିରୁ ସେମାନଙ୍କୁ ବାରଣ କରାଯାଇଛି। ଆସନ୍ତା ୬ ତାରିଖରେ ରାଜ୍ୟ ବିଧାନସଭାର ନନ୍ଦିଗ୍ରାମ ଏବଂ ରେଜିନଗରରେ ହେବାକୁ ଯାଉଥିବା ଉପନିର୍ବାଚନରେ କୌଣସି ଗୋଷ୍ଠୀ ଦଳର ନାମ ଏବଂ ଚିହ୍ନକୁ ବ୍ୟବହାର କରିପାରିବେ ନାହିଁ। ଏହା ବଦଳରେ ନିଜ ମନ ପସନ୍ଦର ନାମ ଏବଂ ଚିହ୍ନ ପାଇଁ ପ୍ରସ୍ତାବ ଦେବା ଲାଗି ନିର୍ବାଚନ କମିସନ ଉଭୟ ଗୋଷ୍ଠୀଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଉପନିର୍ବାଚନରେ ଉଭୟ ଗୋଷ୍ଠୀ ନିଜ ନିଜ ତରଫରୁ ପ୍ରାର୍ଥୀ ଦେବା ସହିତ ଟିଏମସି ନାଁ ସହିତ ଘାସରେ ଯୋଡ଼ା ଫୁଲ ଚିହ୍ନ ବ୍ୟବହାର କରିଛନ୍ତି। ଏଥିରୁ କମିସନ ସେମାନଙ୍କୁ ବାରଣ କରିଥିବାରୁ ନୂଆ ନାମ ଓ ଚିହ୍ନ ସହିତ ସେମାନେ ନିର୍ବାଚନ ଲଢ଼ିବେ। ଆଜି ଉଭୟ ଗୋଷ୍ଠୀର ପ୍ରତିନିଧି ଦଳ ସହିତ ପୃଥକ ବୈଠକ କରିଥିଲେ ନିର୍ବାଚନ କମିସନ। ନିଜ ନିଜ ଦାବି ସପକ୍ଷରେ ଉଭୟ ଗୋଷ୍ଠୀ ଦସ୍ତାବିଜ ଦାଖଲ କରିଥିଲେ। କିଛି ଦିନ ତଳେ ମଧ୍ୟ ଉଭୟ ଗୋଷ୍ଠୀ ସହ ବୈଠକ କରିଥିଲେ ନିର୍ବାଚନ କମିସନ।

**ଦିଗ ବଦଳାଉଛି ଘୂର୍ଣ୍ଣିବଳୟ**

## ୨୩ରୁ ୨୫ ତାରିଖ ମଧ୍ୟରେ ଭୀଷଣ ବର୍ଷା

**ଅବପାତର ରୂପ ନେଇପାରେ: ଆଇଏମ୍‌ଡି**

**ବାତ୍ୟା ଆଶଙ୍କା ଏଡ଼ାଇ ହେବନି: ପଶୁପାଳକ**

■ ଭୁବନେଶ୍ୱର, ୧୭।୯ (ସମିସ): ଥାଇଲାଣ୍ଡ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆଣ୍ଡାମାନ ସାଗର ପରିବର୍ତ୍ତେ ବିପରୀତ ଦିଗ ମୁହାଁ ହୋଇ ଲାଓସ ଉପରେ କେନ୍ଦ୍ରୀଭୂତ ରହିଛି। ଏବେ ଘୂର୍ଣ୍ଣିବଳୟର କେନ୍ଦ୍ର ଉତ୍ତର ଆଣ୍ଡାମାନଠାରୁ ପ୍ରାୟ ୧୦୦୦ କିମି ଦୂରରେ ରହିଥିବା ବେଳେ ଓଡ଼ିଶା ଉପକୂଳଠାରୁ ଏହା ପାଖାପାଖି ୨୨୦୦ କିମି ଦୂରରେ ରହିଛି। ଏହି ଘୂର୍ଣ୍ଣିବଳୟ ୧୮ ତାରିଖ ସୁଦ୍ଧା ଆଣ୍ଡାମାନରେ ପ୍ରବେଶ କରିବ ଓ ୧୯ ରେ ଏହା ପ୍ରଭାବରେ ସମାନ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପୂର୍ବରୁ ଆଇଏମ୍‌ଡି କହିଥିଲା। ମାତ୍ର ୧୦୦୦ କିମିର ଦୂରତାକୁ ଦେଖିଲେ ▶ପୃଷ୍ଠା-୭

### ଓଲଟ ପାଲଟ



ପ୍ରତି ଦିନ ଓଡ଼ିଶାକୁ ଆସୁଅଛି
ଆନ୍ଧ୍ରରୁ ମାଛ, ଅଣ୍ଡା,
ତା ସହିତ ଆସେ ଟ୍ରକ ଟ୍ରକ
କଦଳୀ ଅମୃତ ଭଣ୍ଡା !
ପଶ୍ଚିମବଙ୍ଗରୁ ଆଳୁ ନ ଆସିଲେ
ଜଳିବନି ଚୁଲି ମୁଣ୍ଡା !
ଯୋଜନା ଗଣ୍ଡା ଗଣ୍ଡା,
ଶୀତଳ ଭଣ୍ଡାର ଖତ ଖାଇଲାଣି
ବିନ୍ଧେ ଚାଷୀ କାନ ମୁଣ୍ଡା !!

-ଯାଯାବର

**ମହାନଦୀ ଜଳ ବିବାଦ: ଦୀପାବଳି ଆଉ ୫୧ ଦିନ**

## ଓଡ଼ିଶାକୁ ମିଳିଲା ପୁଣି ଏକ ତାରିଖ

**ସେପ୍ଟେମ୍ବର ୨୮ ରେ ପରବର୍ତ୍ତୀ ଶୁଣାଣି**

**ହୋଇ ପାରିବ ତ ମହାନଦୀ ଜଳ ବିବାଦର ସମାଧାନ**

**ସମାଧାନ ସୂତ୍ରକୁ ଗୋପନ ରଖିବାକୁ ନେଇ ସନ୍ଦେହ**

■ ଭୁବନେଶ୍ୱର, ୧୭।୯ (ସମିସ): ଗତ ଜୁଲାଇ ମାସରେ ନୂଆଦିଲ୍ଲୀରେ କେନ୍ଦ୍ର ଜଳସମ୍ପଦ ମନ୍ତ୍ରୀଙ୍କ ଉପସ୍ଥିତିରେ ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ଏକାଠି ହୋଇଥିଲେ ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ। ବୈଠକ ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମହାନଦୀ ଜଳ ବିବାଦର ସମାଧାନ ଦୀପାବଳି ପୂର୍ବରୁ ହେବ ବୋଲି ଆଶାପ୍ରକଟ କରିଥିଲେ। ଦୀପାବଳି ଆଉ ୫୧ ଦିନ ବାକିଥିବାବେଳେ ଗୁରୁବାର ମହାନଦୀ ଜଳ ବିବାଦ ସମାଧାନ ଟ୍ରିବ୍ୟୁନାଲ ଶୁଣାଣି ପାଇଁ ଓଡ଼ିଶା ଓ ଛତିଶଗଡ଼କୁ ଦେଇଛନ୍ତି ଆଉ ଏକ ତାରିଖ। ଆଜି ଶୁଣାଣି ସମୟରେ କେତେକ ଔପଚାରିକତା ପରେ ଟ୍ରିବ୍ୟୁନାଲ ପରବର୍ତ୍ତୀ ଶୁଣାଣି ଆସନ୍ତା ୨୮ ତାରିଖକୁ ଧାର୍ଯ୍ୟ କରିଛନ୍ତି।

ମହାନଦୀ ଜଳ ବିବାଦ ଶୁଣାଣି ସମ୍ପର୍କରେ ଓଡ଼ିଶା ଆଡଭୋକେଟ ଜେନେରାଲ ପୀତମ୍ବର ଆଚାର୍ଯ୍ୟ ସୂଚନା ଦେଇ ବିବାଦର ସମାଧାନ ଦିଗରେ ଉଭୟ ରାଜ୍ୟ ଅଗ୍ରସର ହେଉଛନ୍ତି ବୋଲି କହିଛନ୍ତି। ତାଙ୍କ ସୂଚନା ଅନୁସାରେ ଦୁଇ ରାଜ୍ୟର ସହମତି ଭିତ୍ତିରେ ସିଡବ୍ଲ୍ୟୁସିର ମଧ୍ୟସ୍ଥତାରେ ଯେଉଁ ବୈଷୟିକ କମିଟି ଗଠନ କରାଯାଇଥିଲା, ସେହି କମିଟିର ପୂର୍ବ ବୈଠକଗୁଡ଼ିକର ସାରାଂଶ ସିଡବ୍ଲ୍ୟୁସିର ସଚିବ ଟ୍ରିବ୍ୟୁନାଲଙ୍କ ରେଜିଷ୍ଟ୍ରାରଙ୍କୁ ଜଣାଇଛନ୍ତି। ବୈଠକର ସାରାଂଶକୁ ଟ୍ରିବ୍ୟୁନାଲ ରେକର୍ଡଭୁକ୍ତ କରିଛନ୍ତି। ସିଡବ୍ଲ୍ୟୁସି ଚେୟାରମ୍ୟାନଙ୍କ ଅଧ୍ୟକ୍ଷତାରେ ଦୁଇରାଜ୍ୟ ପକ୍ଷରୁ ଗଠିତ ବୈଷୟିକ କମିଟି ଦୁଇଥର ବୈଠକ କରି ସାରିଛନ୍ତି। ▶ପୃଷ୍ଠା-୭

**ମେଗା-ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ**

# ବିଜ୍ଞାନ ଯେତେ ଆଗେଇଲେ ବି ରକ୍ତର ବିକଳ୍ପ ନାହିଁ



**ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ମୋହନ**

**ଏକ ମାସ ବ୍ୟାପି ସେବା ସଂକଳ୍ପ ଅଭିଯାନର ଶୁଭାରମ୍ଭ**

**ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବା ପାଇଁ ଯୁବବର୍ଗଙ୍କୁ ଆହ୍ୱାନ**

■ ଭୁବନେଶ୍ୱର, ୧୭।୯ (ସମିସ): ବିଜ୍ଞାନ ଯେତେ ଆଗେଇଲେ ମଧ୍ୟ ରକ୍ତର କୌଣସି ବିକଳ୍ପ ନାହିଁ ଏବଂ ଏହା କୌଣସି କାରଖାନାରେ ତିଆରି ହୋଇପାରିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି। ରାଜ୍ୟରେ 'ସେବା ସଂକଳ୍ପ ଅଭିଯାନ' ଆରମ୍ଭ ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ରକ୍ତଦାନ କରି ଗୋଟିଏ ଜୀବନ ବଞ୍ଚାଇବାର ଅନୁଭବ ଆମ ଉଚ୍ଚ ମାନବୀୟ ମୂଲ୍ୟବୋଧର ପରିଚୟ ▶ପୃଷ୍ଠା-୭







ସକାଳ THE SAKALA
www.sakalaepaper.com



# ବିଦ୍ୟୁତ୍ ସଙ୍କଟରେ ଛଟପଟ ବାଂଲାଦେଶ

■ ୩ରୁ ୧୦ ଘଣ୍ଟା ବିଦ୍ୟୁତକାଟ୍
■ ହସ୍ପିଟାଲରେ ଅନ୍ଧାରର ରାଜ୍

ଢାକା, ୧୭ ।୯ (ଏଜେନ୍ସି): ଦୀର୍ଘ ସମୟର ବିଦ୍ୟୁତ୍ କାଟ୍, ଗ୍ୟାସ୍ ଅଭାବ ଓ ଇନ୍ଧନ ସଙ୍କଟ ଯୋଗୁଁ ବାଂଲାଦେଶ ଗତ ପ୍ରାୟ ଦୁଇ ଦଶନ୍ଧିର ସବୁଠୁ ବଡ଼ ଶକ୍ତି ସଙ୍କଟର ସମ୍ମୁଖୀନ ହୋଇଛି । ବରିଶାଲର ଏକ ହସ୍ପିଟାଲରେ ବିଦ୍ୟୁତ୍ ଓ ଜେନେରେଟର ଇନ୍ଧନ ଅଭାବ ଯୋଗୁଁ ନର୍ସମାନେ ମୋବାଇଲ୍ ଟର୍ଚ୍ଚ ଆଲୋକରେ ରୋଗୀଙ୍କ ସେବା କରିଥିବା ଖବର ମିଳିଛି । ଦେଶରେ ବିଦ୍ୟୁତ୍ ଅଭାବ ପ୍ରାୟ ୩, ୦୦୦ରୁ ୩, ୫୦୦ ମେଗାୱାଟ୍‌ରେ ପହଞ୍ଚିଛି । ଢାକା ସମେତ ମୟମନସିଂହ, ବରିଶାଲ, ରଙ୍ଗପୁର, ସିଲେଟ୍, ରାଜଶାହୀ ଓ ଖୁଲନାର ଅନେକ ଅଞ୍ଚଳରେ ଦିନକୁ ୩ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍ ହେଉଥିବା ଜଣାପଡ଼ିଛି । ବାଂଲାଦେଶର ବିଦ୍ୟୁତ୍ ବ୍ୟବସ୍ଥା ମୁଖ୍ୟତଃ ପ୍ରାକୃତିକ ଗ୍ୟାସ୍ ଉପରେ ନିର୍ଭରଶୀଳ । ଦେଶୀୟ ଗ୍ୟାସ୍ ଉତ୍ପାଦନ କମିବା ସହ ଆମଦାନୀ ଉପରେ ନିର୍ଭରତା ବଢ଼ିଛି । ଏହା ଯୋଗୁଁ ବିଦ୍ୟୁତ୍ ଉତ୍ପାଦନ ମଧ୍ୟ ପ୍ରଭାବିତ ହୋଇଛି । ଜୁଲାଇରେ ମହେଶଖାଲିର ଦୁଇଟି ଭାସମାନ ଗ୍ୟାସ୍ ଟର୍ମିନାଲ୍ ମଧ୍ୟରୁ ଗୋଟିଏ ଅଗ୍ନିକାଣ୍ଡ ପରେ ବନ୍ଦ ହେବାରୁ ସଙ୍କଟ ଆହୁରି ତୀବ୍ର ହୋଇଥିଲା । ଏହାର ପ୍ରଭାବ ଶିଳ୍ପ ଓ ରପ୍ତାନି କ୍ଷେତ୍ର ଉପରେ ମଧ୍ୟ ପଡ଼ିଛି । ଗ୍ୟାସ୍ ଓ ବିଦ୍ୟୁତ୍ ଅଭାବରୁ ଶତାଧିକ ବୟନ ଶିଳ୍ପ କାରଖାନାର ଉତ୍ପାଦନ ମଧ୍ୟ ପ୍ରଭାବିତ ହୋଇଛି । ଭାରତ ବର୍ତ୍ତମାନ ବାଂଲାଦେଶକୁ ପ୍ରାୟ ୨, ୬୫୬ ମେଗାୱାଟ୍ ବିଦ୍ୟୁତ୍ ଯୋଗାଉଛି । ଝାଡ଼ଖଣ୍ଡର ଗୋଡ୍ଡାସ୍ଥିତ ଆଦାନୀ ପାୱାର ପ୍ଲାଣ୍ଟରୁ ମଧ୍ୟ ପ୍ରାୟ ୧, ୫୦୦ ମେଗାୱାଟ୍ ବିଦ୍ୟୁତ୍ ବାଂଲାଦେଶକୁ ଯାଉଛି । ତେବେ ଭାରତ ନିଜେ ମଧ୍ୟ ଗ୍ୟାସ୍ ଆମଦାନୀ ଉପରେ ନିର୍ଭରଶୀଳ ଥିବାରୁ ଆକସ୍ମିକ ଭାବେ ଅଧିକ ଗ୍ୟାସ୍ କିମ୍ବା ବିଦ୍ୟୁତ୍ ଯୋଗାଣ କରିବା ସହଜ ନୁହେଁ । ଏହା ସହ ଦୁଇ ଦେଶ ମଧ୍ୟରେ ନୂଆ ବିଦ୍ୟୁତ୍ ଚୁକ୍ତି କରିବା ଏବଂ ଆବଶ୍ୟକ ପ୍ରସାରଣ ବ୍ୟବସ୍ଥା ସୃଷ୍ଟି କରିବାକୁ ସମୟ ଲାଗିପାରେ । ତେଣୁ ବର୍ତ୍ତମାନର ସଙ୍କଟର ତୁରନ୍ତ ସମାଧାନ ପାଇଁ ବାଂଲାଦେଶ ପାଇଁ ଭାରତରୁ ବଡ଼ ପରିମାଣର ଅତିରିକ୍ତ ଶକ୍ତି ପାଇବା ସହଜ ହେବ ନାହିଁ । ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଝାଡ଼ଖଣ୍ଡ ପାୱାର ପ୍ଲାଣ୍ଟରେ ଉତ୍ପାଦନ ବାଧାପ୍ରାପ୍ତ ହୋଇଥିବାରୁ ବାଂଲାଦେଶକୁ ଯୋଗାଣ ବ୍ୟାହତ ହୋଇଛି । ଏ ସଂପର୍କରେ ବାଂଲାଦେଶର ଶାସକ ଦଳର ନେତା ଅଭିଯୋଗ କରିଛନ୍ତି ଯେ ବଂଲା ପ୍ରଧାନମନ୍ତ୍ରୀ ତାରିକ ରହେମାନ ଦିଲ୍ଲୀରେ ଅନୁଷ୍ଠିତ ବ୍ରିକ୍ସ ସମ୍ମିଳନୀରେ ଯୋଗଦେଇନଥିବାରୁ ଭାରତ ଜାଣିଶୁଣି ବିଦ୍ୟୁତ ଯୋଗାଣ କମାଇ ଦେଇଛି ।

# ବିଦେଶୀ ଛାତ୍ରଙ୍କ ପରିବାର ଉପରେ ଅଷ୍ଟ୍ରେଲିଆର ରୋକ

କାନବେରା, ୧୭ ।୯ (ଏଜେନ୍ସି): ଅଷ୍ଟ୍ରେଲିଆରେ ପଢୁଥିବା ବିଦେଶୀ ଛାତ୍ରଛାତ୍ରୀଙ୍କ ସ୍ୱାମୀ, ପତ୍ନୀ, ସାଥୀ ଓ ସନ୍ତାନଙ୍କୁ ସେମାନଙ୍କ ସହ ଦେଶରେ ରହିବା ପାଇଁ ଆଣିବା ଉପରେ ସରକାର ନୂଆ କଟକଣା ଲଗାଇବାକୁ ଯାଉଛି । ଏଥିସହ ଅସ୍ଥାୟୀ ପ୍ରବାସୀମାନଙ୍କ ଭିସା ପରିବର୍ତ୍ତନ ନିୟମକୁ ମଧ୍ୟ କଡ଼ା କରାଯିବ ବୋଲି ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି । ଗୃହ ବ୍ୟାପାର ମନ୍ତ୍ରୀ ଟୋନି ବର୍କ ଗୁରୁବାର ନ୍ୟାସନାଲ ପ୍ରେସ୍ କ୍ଲବ୍‌ରେ ଅଷ୍ଟ୍ରେଲିଆର ନୂଆ ପ୍ରବାସନ ନୀତି ସମ୍ପର୍କରେ ଘୋଷଣା କରିବେ । ରିପୋର୍ଟ ଅନୁଯାୟୀ, ୨୦୨୮ ସୁଦ୍ଧା ଦେଶର ନିଟ୍ ବିଦେଶୀ ପ୍ରବାସନ ସଂଖ୍ୟାକୁ ବର୍ତ୍ତମାନର ପ୍ରାୟ ୩ ଲକ୍ଷରୁ ୨.୨୫ ଲକ୍ଷକୁ ହ୍ରାସ କରିବା ଲକ୍ଷ୍ୟ ରହିଛି । ବର୍ତ୍ତମାନ ଅଷ୍ଟ୍ରେଲିଆରେ ଅନ୍ତର୍ଜାତୀୟ ଛାତ୍ରଙ୍କ ସ୍ୱାମୀ, ପତ୍ନୀ କିମ୍ବା ସାଥୀଙ୍କୁ ଦେଶରେ ରହିବା ସହ କାମ କରିବାର ସୁଯୋଗ ମିଳୁଛି । ଛାତ୍ରଙ୍କ ପାଠ୍ୟକ୍ରମ ଅନୁଯାୟୀ କାମ କରିବାର ସମୟସୀମା ଭିନ୍ନ ହୋଇଥାଏ । ଏଥିସହ ୧୮ ବର୍ଷରୁ କମ୍ ବୟସର ନିର୍ଭରଶୀଳ ସନ୍ତାନଙ୍କୁ ମଧ୍ୟ ଛାତ୍ରମାନେ ସାଙ୍ଗରେ ନେଇପାରୁଛନ୍ତି । କୋଭିଡ୍-୧୯ ପରେ ୨୦୨୨ରେ ଅଷ୍ଟ୍ରେଲିଆ ସୀମା ଖୋଲିବା ପରେ ଅନ୍ତର୍ଜାତୀୟ ଛାତ୍ର, ଅସ୍ଥାୟୀ ଦକ୍ଷ କର୍ମଚାରୀ ଓ ଅନ୍ୟ ପ୍ରବାସୀଙ୍କ ଆଗମନ ବଢ଼ିଥିଲା । ୨୦୨୫ ଜୁନ୍ ୦୩୦ରେ ଶେଷ ହୋଇଥିବା ବର୍ଷରେ ପ୍ରବାସନ ୩.୦୬ ଲକ୍ଷ ଥିଲା । ଏଥିରେ ଅନ୍ତର୍ଜାତୀୟ ଛାତ୍ରଙ୍କ ଅଂଶ ଅଧାରୁ ଅଧିକ ଥିଲା ।

# ନିଟ୍-ଏସ୍ଏସ୍ ଯୋଗ୍ୟତା ମାର୍କ ୫୦ରୁ ୩୦%କୁ ହ୍ରାସ

ନୂଆଦିଲ୍ଲୀ, ୧୭ ।୯ (ଏଜେନ୍ସି): ଦେଶରେ ଖାଲି ପଡ଼ିଥିବା ସୁପର ସ୍ପେଶାଲିଟି ମେଡିକାଲ୍ ଆସନଗୁଡ଼ିକ ପୂରଣ କରିବା ଲକ୍ଷ୍ୟରେ ନିଟ୍-ଏସ୍ଏସ୍‌ର ଯୋଗ୍ୟତା ୫୦ ପର୍ସେଣ୍ଟାଇଲ୍‌ରୁ ୩୦ ପର୍ସେଣ୍ଟାଇଲ୍‌କୁ ହ୍ରାସ କରିବାକୁ କେନ୍ଦ୍ର ସରକାର ଗୁରୁବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି । ଏହି ନିଷ୍ପତ୍ତି ପ୍ରସ୍ତାବିତ 'ସ୍ପେଶାଲ୍ ଷ୍ଟ୍ରେ ଭ୍ୟାକେନ୍ସି ରାଉଣ୍ଡ' ପାଇଁ ଲାଗୁ ହେବ । ଏଥିସହ ତାମିଲନାଡୁର ୪୦ଟି ଖାଲି ଇନ୍-ସର୍ଭିସ୍ ଆସନ ରାଜ୍ୟକୁ ଫେରାଇ ଦିଆଯିବ ବୋଲି ମଧ୍ୟ କେନ୍ଦ୍ର ସହମତି ପ୍ରକାଶ କରିଛି ।



ସୁପ୍ରିମକୋର୍ଟର ଜଷ୍ଟିସ୍ ପିଏସ୍ ନରସିଂହଙ୍କ ନେତୃତ୍ୱାଧୀନ ଖଣ୍ଡପୀଠରେ କେନ୍ଦ୍ର ସରକାର ଦାଖଲ କରିଥିବା ନୋଟ୍‌ରେ କହିଛନ୍ତି ଯେ, ଏହି ପ୍ରସଙ୍ଗରେ ସମ୍ପୃକ୍ତ ପକ୍ଷଙ୍କ ସହ ବିଚାରବିମର୍ଶ କରାଯାଇଛି । ଉପଲବ୍ଧ ସୁପର ସ୍ପେଶାଲିଟି ଆସନ ଖାଲି ନ ରହିବା ଏବଂ ଡାକ୍ତରୀ ତାଲିମ ପାଇଁ ଉପଲବ୍ଧ କ୍ଷମତାର ସର୍ବାଧିକ ବ୍ୟବହାର ସୁନିଶ୍ଚିତ କରିବା ନିଷ୍ପତ୍ତିର ମୁଖ୍ୟ ଉଦ୍ଦେଶ୍ୟ । ବର୍ତ୍ତମାନ ନିଟ୍-ଏସ୍ଏସ୍‌ରେ ଯୋଗ୍ୟତା ପାଇଁ ୫୦ତମ ପର୍ସେଣ୍ଟାଇଲ୍ ଆବଶ୍ୟକ ହେଉଥିବାବେଳେ ଏହାକୁ ୩୦ତମ ପର୍ସେଣ୍ଟାଇଲ୍‌କୁ ହ୍ରାସ କରାଯିବ । ଫଳରେ ଅଧିକ ପ୍ରାର୍ଥୀ ଖାଲି ଥିବା ସୁପର ସ୍ପଶାଲିଟି ଆସନ ପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ ଅଂଶଗ୍ରହଣର ସୁଯୋଗ ପାଇପାରିବେ । ସୁପର ସ୍ପେଶାଲିଟି ଡାକ୍ତରୀ ଶିକ୍ଷାରେ ଏମ୍‌ଡି, ଏମ୍ଏସ୍ କିମ୍ବା ସମକକ୍ଷ ଡିଗ୍ରୀ ପରେ ଉଚ୍ଚତର ବିଶେଷଜ୍ଞ ତାଲିମ ପାଇଁ ନିଟ୍-ଏସ୍ଏସ୍ ଏକ ପ୍ରମୁଖ ପ୍ରବେଶିକା ପରୀକ୍ଷା । ଆସନ ଖାଲି ରହିବାରୁ ଡାକ୍ତରୀ ତାଲିମ କ୍ଷମତାର ପୂର୍ଣ୍ଣ ବ୍ୟବହାର ହୋଇପାରୁ ନ ଥିବା ପରିପ୍ରେକ୍ଷୀରେ କେନ୍ଦ୍ର ଏହି ପଦକ୍ଷେପ ନେଇଛି ।

# ଆଦିତ୍ୟ ଠାକରେଙ୍କୁ ୫୦୦ କୋଟି ଟଙ୍କାର ନୋଟିସ

ମୁମ୍ବାଇ, ୧୭ ।୯ (ଏଜେନ୍ସି): ଦିବଂଗତ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ପୂର୍ବତନ ମ୍ୟାନେଜର ଦିଶା ସାଲିଆନଙ୍କ ସେନ୍ଦହଜନକ ମୃତ୍ୟୁ ମାମଲାକୁ ନେଇ ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକରେ ଓ ଏନ୍‌ସିପି (ଏସ୍‌ପି) ନେତା ଅନିଲ ଦେଶମୁଖଙ୍କୁ ୫୦୦ କୋଟି ଟଙ୍କାର ମାନହାନି ନୋଟିସ ପଠାଇଛନ୍ତି ଦିଶାଙ୍କ ବାପା ସତୀଶ ସାଲିଆନ । ଉଭୟ ନେତାଙ୍କୁ କଥିତ ବୟାନ ପ୍ରତ୍ୟାହାର,



ସାର୍ବଜନୀନ କ୍ଷମାପ୍ରାର୍ଥନା ଓ ୫୦୦ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ନୋଟିସରେ ଦାବି କରାଯାଇଛି । ଏଥିପାଇଁ ୭ ଦିନର ସମୟ ଦିଆଯାଇଛି । ୨୦୨୦ ଜୁନ୍ ୮ରେ ମୁମ୍ବାଇର ମାଲାଡ୍‌ସ୍ଥିତ ଏକ କୋଠାର ୧୪ତମ ମହଲାରୁ ଖସି ଦିଶାଙ୍କ ମୃତ୍ୟୁ ହୋଇଥିଲା । ଛଅ ଦିନ ପରେ ସୁଶାନ୍ତ ସିଂହ ରାଜପୁତ ମଧ୍ୟ ମୁମ୍ବାଇର ବାନ୍ଦ୍ରାସ୍ଥିତ ବାସଭବନରେ ମୃତ ମିଳିଥିଲେ । ପ୍ରଥମେ ଦିଶାଙ୍କ ମୃତ୍ୟୁକୁ ନେଇ ପୁଲିସ ଦୁର୍ଘଟଣାଜନିତ ମୃତ୍ୟୁ ରିପୋର୍ଟ କରିଥିଲା ଏବଂ ପରେ ତଦନ୍ତରେ ଏହା ଆତ୍ମହତ୍ୟା ବୋଲି କୁହାଯାଇଥିଲା । ବିଭିନ୍ନ ଦାବି ପରେ ୨୦୨୩ରେ ମାମଲାର ତଦନ୍ତ ପାଇଁ ଏସ୍ଆଇଟି ଗଠନ ହୋଇଥିଲା । ଏହାପରେ ବମ୍ବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସେପ୍ଟେମ୍ବର ୧୪ରେ ସିବିଆଇ ଏହି ମାମଲାରେ ଏଫ୍ଆଇଆର୍ ରୁଜୁ କରିଛି । ଏଫ୍ଆଇଆର୍‌ରେ ଆଦିତ୍ୟ ଠାକରେ ଓ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀଙ୍କ ସମେତ କିଛି ନାମ ରହିଛି । ତେବେ ସିବିଆଇ ସ୍ପଷ୍ଟ କରିଛି ଯେ, ଏହି ନାମଗୁଡ଼ିକୁ ଏବେ ଅଭିଯୁକ୍ତ ଭାବେ ବିବେଚନା କରାଯାଉନାହିଁ, ତଦନ୍ତରେ ସେମାନଙ୍କ ଭୂମିକା ଯାଞ୍ଚ କରାଯିବ ।

# ବିମାନରେ ଭାରତୀୟଙ୍କ ମୃତ୍ୟୁ

କାନବେରା, ୧୭ ।୯ (ଏଜେନ୍ସି): କୁଆଲାଲମ୍ପୁରରୁ ସିଡନୀ ଯାଉଥିବା ମାଲେସିଆ ଏୟାରଲାଇନ୍ସର ଏକ ବିମାନରେ ଜଣେ ୫୮ ବର୍ଷୀୟ ଭାରତୀୟଙ୍କ ମୃତ୍ୟୁ ଘଟିଛି । ବିମାନ ଯାତ୍ରା ସମୟରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିବା ପରେ ତାଙ୍କର ମୃତ୍ୟୁ ଘଟିଥିବା ପୁଲିସ ସୂଚନା ଦେଇଛି । ରିପୋର୍ଟ ଅନୁଯାୟୀ, ଉଡ଼ାଣ ସମୟରେ ଯାତ୍ରୀଜଣକ ଆସ୍ଥମା ଆକ୍ରମଣର ଶିକାର ହୋଇଥିଲେ । ପରେ ତାଙ୍କ ଅବସ୍ଥା ଗୁରୁତର ହୋଇଥିଲା । ବିମାନ କର୍ମଚାରୀ ଓ ସହଯାତ୍ରୀମାନେ ତାଙ୍କୁ ପ୍ରାଥମିକ ଚିକିତ୍ସା ଦେବାକୁ ଚେଷ୍ଟା କରିଥିଲେ ।

# ପୁଣି ଚର୍ଚ୍ଚାରେ ତୃତୀୟ ସାମ୍ମୁଖ୍ୟ



ଆଞ୍ଚଳିକ ଦଳଙ୍କୁ ଏକାଠି କରୁଛି ଡିଏମ୍‌କେ

ନୂଆଦିଲ୍ଲୀ, ୧୭ ।୯ (ଏଜେନ୍ସି): ଆସନ୍ତା ଲୋକସଭା ନିର୍ବାଚନକୁ ଆଉ ତିନି ବର୍ଷ ବାକିଥିବା ବେଳେ ଏନ୍‌ଡିଏର ମୁକାବିଲା ଲାଗି କଂଗ୍ରେସକୁ ବାଦ୍ ଦେଇ ତୃତୀୟ ସାମ୍ମୁଖ୍ୟ ଗଠନ ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏଭଳି ଉଦ୍ୟମ ଚଳାଇଛି ଡିଏମ୍‌କେ । କଂଗ୍ରେସ ସହ ସଂପର୍କ ଛିନ୍ନ କରିବା ପରେ ଡିଏମ୍‌କେ ଇଣ୍ଡିଆ ମେଣ୍ଟରୁ ମଧ୍ୟ ଓହରିଯାଇଛି । ଏବେ ବିଭିନ୍ନ ଆଞ୍ଚଳିକ ଦଳଙ୍କୁ ଏକାଠି କରି ଏଭଳି ତୃତୀୟ ସାମ୍ମୁଖ୍ୟ ଗଠନ କରିବାକୁ ଯୋଜନା ରହିଛି । ଏହି ଅଭିଯାନର ନେତୃତ୍ୱ ନେଉଛନ୍ତି ଡିଏମକେ ମୁଖ୍ୟ ଷ୍ଟାଲିନ୍ । ଏଥିପାଇଁ ସେ ଦାୟିତ୍ୱ ଦେଇଛନ୍ତି ନିଜର ଭଉଣୀ ତଥା ଲୋକସଭା ସାଂସଦ କାନିମୋଝୀଙ୍କୁ ।

ଗତ ସପ୍ତାହ କାନିମୋଝୀ ମୁମ୍ବାଇ ଯାଇ ଶିବ ସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେଙ୍କୁ ଭେଟି ଏସଂପର୍କରେ ଆଲୋଚନା କରିଥିଲେ । ଦୀର୍ଘ ସମୟ ଧରି ସେମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଶିବ ସେନା ପକ୍ଷରୁ କୁହାଯାଇଥିଲା ଯେ ସୀମା ପୁନଃନିର୍ଦ୍ଧାରଣ ବିଲ୍ ଉପରେ ଆଲୋଚନା ହୋଇଥିଲା । ଏହାପରେ ଦିଲ୍ଲୀ ଯାଇଥିଲେ କାନିମୋଝୀ । ସେଠାରେ ଏନସିପି ପ୍ରତିଷ୍ଠାତା ଶରଦ ପାୱାରଙ୍କ ସହିତ ମଧ୍ୟ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ । ଆଲୋଚନା ବେଳେ ଶରଦଙ୍କ ଝିଅ ସୁପ୍ରିୟା ସୋଲେ ମଧ୍ୟ ଉପସ୍ଥିତ ଥିଲେ । ଏବେ କାନିମୋଝୀ କୋଲକାତା ଯିବାକୁ ଯୋଜନା କରିଛନ୍ତି । ସେ ଟିଏମ୍‌ସି ନେତ୍ରୀ ମମତା ବାନାର୍ଜୀଙ୍କୁ ଭେଟି ଆଲୋଚନା କରିବେ ବୋଲି ଜଣାପଡ଼ିଛି । ପଶ୍ଚିମ ବଙ୍ଗରେ ଦୁଇଟି ବିଧାନସଭା ଆସନରେ ଉପନିର୍ବାଚନ ହେଉଥିବା ବେଳେ ଏଥିରେ ଟିଏମ୍‌ସି ସହିତ ମେଣ୍ଟ କରିବାକୁ କଂଗ୍ରେସ ମନା କରିଦେଇଥିବାରୁ ମମତା କ୍ଷୁବ୍ଧ ଅଛନ୍ତି ।

ସୂଚନାଯୋଗ୍ୟ ଯେ କଂଗ୍ରେସକୁ ବାଦ ଦେଇ ତୃତୀୟ ସାମ୍ମୁଖ୍ୟ ଗଠନ ପାଇଁ ଏହାପୂର୍ବରୁ ମଧ୍ୟ ଉଦ୍ୟମ ହୋଇଥିଲା । ୨୦୧୩ରେ ମମତା ବାନାର୍ଜୀ ଏଭଳି ଉଦ୍ୟମ କରିଥିବା ବେଳେ ୨୦୧୯ ରେ ବିଆରଏସ୍ ମୁଖ୍ୟ ଚନ୍ଦ୍ରଶେଖର ରାଓ ଉଦ୍ୟମ କରିଥିଲେ । ୨୦୨୪ରେ ଅରବିନ୍ଦ କେଜ୍ରିୱାଲ ମଧ୍ୟ ଯୋଜନା କରିଥିଲେ ।



# ମୋବାଇଲ ଛାଡ଼, ବହି ପଢ଼

■ ବହି ପଢ଼ିଲେ ଟଙ୍କା ଦେବେ ସିଙ୍ଗାପୁର ସରକାର
■ ଦିନକୁ ୧୫ ମିନିଟ୍ ପଢ଼ିବାକୁ ପଡ଼ିବ

ସିଙ୍ଗାପୁର, ୧୭ ।୯ (ଏଜେନ୍ସି): ସ୍ମାର୍ଟଫୋନ୍ ବ୍ୟବହାର ଓ ସ୍ୱଳ୍ପ ସମୟର ଭିଡିଓ ପ୍ରତି ବଢୁଥିବା ଆକର୍ଷଣ ମଧ୍ୟରେ ଲୋକଙ୍କୁ ପୁଣି ବହି ପଢ଼ିବା ଅଭ୍ୟାସକୁ ଫେରାଇବା ପାଇଁ ସିଙ୍ଗାପୁର ସରକାର ପାଞ୍ଚବର୍ଷିଆ 'ନ୍ୟାସନାଲ ରିଡିଂ ମିଶନ' ଆରମ୍ଭ କରିଛନ୍ତି । ଏହି ଯୋଜନାରେ ଦିନକୁ ଅତି କମ୍‌ରେ ୧୫ ମିନିଟ୍ ବହି ପଢୁଥିବା ଲୋକଙ୍କୁ ପୁରସ୍କାର ଦିଆଯିବ । ସିଙ୍ଗାପୁର ନ୍ୟାସନାଲ ଲାଇବ୍ରେରି ବୋର୍ଡ (ଏନ୍ଏଲ୍‌ବି) ସରକାରଙ୍କ 'କ୍ରାଉଡ୍‌ଟାସ୍କ ଏସ୍‌ଜି' ୱେବସାଇଟ୍ ମାଧ୍ୟମରେ ଏକ ଖେଳଭିତ୍ତିକ ପୁରସ୍କାର ବ୍ୟବସ୍ଥା କରିଛି । ଅଂଶଗ୍ରହଣକାରୀମାନେ ପ୍ରତିଦିନ ନିଜର ପଢ଼ା ସମୟ ରେକର୍ଡ କରି ଭର୍ଚୁଆଲ୍ କଏନ୍ ହାସଲ କରିପାରିବେ । ଦିନକୁ ୧୫ ମିନିଟ୍ ପଢ଼ିଲେ ୨୦ଟି କଏନ୍ ମିଳିବ । ଏଭଳି ୫୦ ଦିନ ପଢ଼ିଲେ ୧, ୦୦୦ କଏନ୍ ଜମା ହେବ, ଯାହାକୁ ୧ ସିଙ୍ଗାପୁର ଡଲାର୍, ଅର୍ଥାତ୍ ପ୍ରାୟ ୭୬ ଟଙ୍କାର ନଗଦ ପୁରସ୍କାରରେ ବଦଳାଯାଇପାରିବ । ଚଳିତ ବର୍ଷ ୭୫ ଲକ୍ଷ ପଢ଼ା ମିନିଟ୍‌ର ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରାୟ ୧.୧୪ କୋଟି ଟଙ୍କାର ପୁରସ୍କାର ବଣ୍ଟନ ଯୋଜନା ରହିଛି । ଏନ୍ଏଲ୍‌ବି ଅଧିକାରୀ ମେଲିସା ଥାମ୍‌ଙ୍କ ମତରେ, ସ୍ୱଳ୍ପ ଭିଡିଓ ଶୀଘ୍ର ସୂଚନା ଦେଉଥିଲେ ମଧ୍ୟ ଲଗାତାର ଏଭଳି ବିଷୟବସ୍ତୁ ଦେଖିବା ଏକାଗ୍ରତା ଉପରେ ପ୍ରଭାବ ପକାଇପାରେ । ବହି ଓ ଦୀର୍ଘ ଲେଖା ପଢ଼ିବା ଏକାଗ୍ରତା, ଚିନ୍ତନ ଓ କଳ୍ପନାଶକ୍ତି ବଢ଼ାଇବାରେ ସହାୟକ ହୋଇପାରେ । ତେବେ ଟଙ୍କାର ପ୍ରୋତ୍ସାହନ ଦୀର୍ଘକାଳୀନ ପଢ଼ା ଅଭ୍ୟାସ ଗଢ଼ିପାରିବ କି ନାହିଁ, ଏନେଇ ବିଶେଷଜ୍ଞଙ୍କ ମତ ଭିନ୍ନ ରହିଛି । ମନୋବିଜ୍ଞାନୀ ଚାରିସା ଙ୍ଗଙ୍କ କହିବାନୁସାରେ, ପଢ଼ା ପ୍ରତି ଆଗ୍ରହ ଥିବା ଲୋକଙ୍କୁ ଆର୍ଥିକ ପୁରସ୍କାର ଉତ୍ସାହିତ କରିପାରେ, କିନ୍ତୁ ବହି ପ୍ରତି ଆଗ୍ରହ ନଥିବା ଲୋକଙ୍କ ମଧ୍ୟରେ କେବଳ ଟଙ୍କା ଦ୍ୱାରା ସ୍ଥାୟୀ ଅଭ୍ୟାସ ଗଢ଼ିବା କଷ୍ଟକର ।

# ଥମୁନାହିଁ ୟୁପିଆଇ ଶୁଳ୍କ ବିବାଦ



କଂଗ୍ରେସକୁ ଟାଣିଲେ ସରକାର
ପରସ୍ପର ଉପରେ ଦୋଷ ଲଦିଲେ

ନୂଆଦିଲ୍ଲୀ, ୧୭ ।୯ (ଏଜେନ୍ସି): ୟୁପିଆଇ ନେଣଦେଣରେ ଶୁଳ୍କ ପ୍ରସ୍ତାବକୁ ନେଇ ସାରାଦେଶରେ ଝଡ଼ ଲାଗି ରହିଛି । ବିଭିନ୍ନ ଦଳ ଓ ବ୍ୟବସାୟୀ ସଂଗଠନ ଏହାକୁ ବିରୋଧ କରୁଥିବା ବେଳେ ସରକାର ଏହି ବିବାଦରେ କଂଗ୍ରେସକୁ ଟାଣିଛନ୍ତି । ସରକାର କହିଛନ୍ତି ଯେ ସଂସଦୀୟ କମିଟିରେ ଏହା ଉପରେ ଆଲୋଚନା ବେଳେ କଂଗ୍ରେସ ସାଂସଦ ଏହାର ବିରୋଧ କରିନଥିଲେ । ତେବେ କଂଗ୍ରେସ ଏହି ଅଭିଯୋଗକୁ ଖଣ୍ଡନ କରି କହିଛି ଯେ ବୈଠକରେ ସେ ସରକାର ଏଭଳି କୌଣସି ପ୍ରସ୍ତାବ ଆଣିନଥିଲେ ।

ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଅଗଷ୍ଟ ୧୨ର ବୈଠକରେ କଂଗ୍ରେସର ପି ଚିଦମ୍ବରମ, ଗୌରବ ଗୋଗୋଇ, ମନୀଷ ତିୱାରୀ, କିଶୋରୀ ଲାଲ ଓ କେ ଗୋପୀନାଥ ଉପସ୍ଥିତ ଥିଲେ । ପ୍ରକାଶିତ କମିଟି ରିପୋର୍ଟରେ ୟୁପିଆଇ ପାଇଁ ଏକ ସ୍ଥାୟୀ ରାଜସ୍ୱ ମଡେଲ ଓ ପର୍ଯ୍ୟାୟଭିତ୍ତିକ ମର୍ଚ୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍ (ଏମ୍‌ଡିଆର୍) ଢାଞ୍ଚାର ଆବଶ୍ୟକତା ଉପରେ ଜୋର ଦିଆଯାଇଥିଲା । ସେହି ବୈଠକରେ ଉପସ୍ଥିତ ସାଂସଦମାନେ ଆନୁଷ୍ଠାନିକ ଭାବେ ବିରୋଧ ଦର୍ଜ କରିନଥିବା ନେଇ ସରକାରୀ ପକ୍ଷରୁ ଦାବି କରାଯାଇଛି । ତେବେ କଂଗ୍ରେସ ସାଂସଦ ଗୌରବ ଗୋଗୋଇ ଏହି ଅଭିଯୋଗକୁ 'ଭିତ୍ତିହୀନ' ବୋଲି କହିଛନ୍ତି । ସେ କହିଛନ୍ତି ଯେ ଅର୍ଥ ସମ୍ବନ୍ଧୀୟ ସଂସଦୀୟ ସ୍ଥାୟୀ କମିଟିର ବୈଠକରେ ସରକାରଙ୍କ ପକ୍ଷରୁ ବର୍ତ୍ତମାନ ଘୋଷିତ ୟୁପିଆଇ ଶୁଳ୍କ ନେଇ କୌଣସି ନିର୍ଦ୍ଦିଷ୍ଟ ପ୍ରସ୍ତାବ ରଖାଯାଇନଥିଲା । ସେହି ସମୟରେ ଏମ୍‌ଡିଆର୍‌ର ଆବଶ୍ୟକତା ନେଇ ପ୍ରଶ୍ନ ଉଠିଥିଲା, କିନ୍ତୁ ବର୍ତ୍ତମାନ ଘୋଷିତ ଶୁଳ୍କର ହାର, ସୀମା ଓ ଛାଡ଼ ଆଦି ନେଇ କୌଣସି ନିର୍ଦ୍ଦିଷ୍ଟ ପ୍ରସ୍ତାବ କମିଟି ସମ୍ମୁଖରେ ଥିଲା ନାହିଁ । ସାଂସଦ ମନୀଷ ତିୱାରୀ ମଧ୍ୟ ଗୋଗୋଇଙ୍କ ମତକୁ ସମର୍ଥନ କରି କହିଛନ୍ତି ଯେ, ଅକ୍ଟୋବର ୧୫ରୁ ଲାଗୁ ହେବାକୁ ଥିବା ୦୪% ଏମ୍‌ଡିଆର୍ ନେଇ କୌଣସି ନିର୍ଦ୍ଦିଷ୍ଟ ପ୍ରସ୍ତାବ କମିଟିରେ ଆସିନଥିଲା । ଅକ୍ଟୋବର ୧୫ରୁ ୨, ୦୦୦ ଟଙ୍କାରୁ ଅଧିକ ମୂଲ୍ୟର କିଛି ୟୁପିଆଇ ବ୍ୟବସାୟିକ ନେଣଦେଣରେ ୦୪% ଏମ୍‌ଡିଆର୍ ଲାଗୁ ହେବ । ଏହି ଶୁଳ୍କ ଗ୍ରାହକଙ୍କ ବଦଳରେ ବ୍ୟବସାୟୀଙ୍କ ଉପରେ ଲାଗିବ ଏବଂ ବ୍ୟକ୍ତି-ବ୍ୟକ୍ତି ୟୁପିଆଇ ନେଣଦେଣ ମାଗଣା ରହିବ ।

# ୪୦ ବର୍ଷ ପରେ ଧରାପଡ଼ିଲେ ମୋଷ୍ଟ ୱାଣ୍ଟେଡ ମାଓନେତା ଅସୀମ ମଣ୍ଡଳ

କୋଲକାତା, ୧୭ ।୯ (ଏଜେନ୍ସି): ପ୍ରାୟ ଚାରି ଦଶନ୍ଧି ଧରି ଆତ୍ମଗୋପନରେ ଥିବା ନିଷିଦ୍ଧ ସିପିଆଇ (ମାଓବାଦୀ) ସଂଗଠନର ଶୀର୍ଷ ନେତା ଅସୀମ ମଣ୍ଡଳ ଓରଫ ଆକାଶ, ତିମିର ଓ ମନୋଜଙ୍କୁ ଗିରଫ କରିଛି କୋଲକାତା ପୁଲିସର ଟାସ୍କ ଫୋର୍ସ । ପୂର୍ବ ମେଦିନୀପୁର ଜିଲ୍ଲାର ପଟାଶପୁର ଅଞ୍ଚଳରୁ ଗୁରୁବାର ଭୋରରେ ତାଙ୍କୁ ଧରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି । ତାଙ୍କ ମୁଣ୍ଡରେ ୧ କୋଟି ଟଙ୍କା ପୁରସ୍କାର ଘୋଷିତ ଥିଲା । ପୁଲିସ ସୂତ୍ର ଅନୁଯାୟୀ, ଜଣେ ପରିଚିତଙ୍କଠାରୁ ଯାତାୟାତ ଖର୍ଚ୍ଚ ନେବାକୁ ଯାଉଥିବା ବେଳେ ଅସୀମଙ୍କୁ ଧରାଯାଇଥିଲା । ତାଙ୍କ ପାଖରୁ ଦୁଇଟି ବ୍ୟାଗ୍‌ରେ ମାଓବାଦୀ ସାହିତ୍ୟ, ପ୍ରଚାରପତ୍ର ଓ କିଛି ଇଲେକ୍‌ଟ୍ରୋନିକ୍ ସାମଗ୍ରୀ ଜବତ ହୋଇଥିବା କୁହାଯାଇଛି । ତେବେ ରାଜ୍ୟ ପୁଲିସ ଏ ନେଇ ଏପର୍ଯ୍ୟନ୍ତ ଔପଚାରିକ ଘୋଷଣା କରିନାହିଁ ।



ପଶ୍ଚିମ ମେଦିନୀପୁରର ଚନ୍ଦ୍ରକୋଣା ଥାନା ଅଧୀନ ଫୁଲଚକ ଅଞ୍ଚଳର ଅସୀମ ୧୯୮୦ ଦଶକରେ ଛାତ୍ର ଜୀବନରୁ ଉଗ୍ର ବାମପନ୍ଥୀ କାର୍ଯ୍ୟକଳାପରେ ଜଡ଼ିତ ହୋଇଥିଲେ । ପରେ ସେ ପିପୁଲ୍ସ ୱାର୍ ଗ୍ରୁପ୍‌ରେ ସାମିଲ ହୋଇ ବଙ୍ଗ ଓ ଝାଡ଼ଖଣ୍ଡର ବିଭିନ୍ନ ଅଞ୍ଚଳରେ ସକ୍ରିୟ ଥିଲେ । ୨୦୦୪ରେ ସିପିଆଇ (ମାଓବାଦୀ) ଗଠନ ପରେ ସେ ଜଙ୍ଗଲମହଲକୁ ଫେରିଥିଲେ ଏବଂ ୨୦୧୦ରେ ପଶ୍ଚିମବଙ୍ଗ ରାଜ୍ୟ କମିଟିର ସମ୍ପାଦକ ହୋଇଥିବା କୁହାଯାଏ । ମାଓନେତା କିଶେନଜୀଙ୍କ ମୃତ୍ୟୁ ପରେ ଅସୀମ ଝାଡ଼ଖଣ୍ଡର ଜଙ୍ଗଲରେ ଆତ୍ମଗୋପନ କରିଥିଲେ । ନିକଟରେ ତାଙ୍କ ଗୋଷ୍ଠୀର କିଛି ସଦସ୍ୟ ଗିରଫ ଓ ଆତ୍ମସମର୍ପଣ କରିବା ପରେ ସେ ଅସୁସ୍ଥତା କାରଣରୁ ଜଙ୍ଗଲ ଛାଡ଼ିଥିବା ସୂଚନା ମିଳିଛି । ତାଙ୍କ ପାଖରେ ଏକେ-୪୭ ରାଇଫଲ୍ ଓ କିଛି ଦସ୍ତାବିଜ ଥିବା ମଧ୍ୟ ଜଣାପଡ଼ିଛି । ଅସୀମଙ୍କ ପତ୍ନୀ ମଧ୍ୟ ମାଓବାଦୀ କାର୍ଯ୍ୟକଳାପରେ ସକ୍ରିୟ ଥିଲେ ଏବଂ ୨୦୧୦ରେ କୋଲକାତା ପୁଲିସ ତାଙ୍କୁ ଗିରଫ କରିଥିଲା ।

# ତାମିଲନାଡୁକୁ ସୁପ୍ରିମକୋର୍ଟଙ୍କ ପରାମର୍ଶ: ହିନ୍ଦୀ ପ୍ରସଙ୍ଗରେ ଆଭିମୁଖ୍ୟ ବଦଳାଅ



ନୂଆଦିଲ୍ଲୀ, ୧୭ ।୯ (ଏଜେନ୍ସି): ତାମିଲନାଡୁରେ ଜବାହର ନବୋଦୟ ବିଦ୍ୟାଳୟ ସ୍ଥାପନକୁ ନେଇ ଚାଲିଥିବା ମାମଲାର ଶୁଣାଣି ବେଳେ ହିନ୍ଦୀ ଭାଷା ଶିକ୍ଷା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି ସୁପ୍ରିମକୋର୍ଟ । ବିଚାରପତି ବିଭି ନାଗରତ୍ନା ଓ ଅଗଷ୍ଟିନ୍ ଜର୍ଜ ମାସିହଙ୍କ ଖଣ୍ଡପୀଠ କହିଛନ୍ତି, ତାମିଲନାଡୁରେ ହିନ୍ଦୀ ପଢ଼ାଯିବ ନାହିଁ ବୋଲି କୁହାଯାଇପାରିବ ନାହିଁ । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଥିବା ମତଭେଦକୁ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି । ଚେନ୍ନାଇ ଓ ଦିଲ୍ଲୀ ପରସ୍ପରଠାରୁ ଅଲଗା ରହିପାରିବେ ନାହିଁ ବୋଲି ମଧ୍ୟ ଖଣ୍ଡପୀଠ କହିଛନ୍ତି । ତାମିଲନାଡୁରେ ଦୁଇ-ଭାଷୀ ନୀତି ଅନୁସରଣ କରାଯାଉଥିବା ବେଳେ ନବୋଦୟ ବିଦ୍ୟାଳୟରେ ତିନି-ଭାଷୀ ଫର୍ମୁଲା ରହିଛି । ଏହି କାରଣରୁ ରାଜ୍ୟ ସରକାର ନବୋଦୟ ବିଦ୍ୟାଳୟ ସ୍ଥାପନକୁ ବିରୋଧ କରୁଛନ୍ତି । ରାଜ୍ୟ ପକ୍ଷରୁ କୁହାଯାଇଛି, ହିନ୍ଦୀ ଶିକ୍ଷାକୁ ନୁହେଁ, ନବୋଦୟର ଭାଷା ନୀତିକୁ ନେଇ ଆପତ୍ତି ରହିଛି । କୋର୍ଟ କହିଛନ୍ତି, ନବୋଦୟ ବିଦ୍ୟାଳୟ ରାଜ୍ୟର ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାକୁ ଦୁର୍ବଳ କରିବ ନାହିଁ, ବରଂ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ସୁଯୋଗ ଦେବ । ରାଜ୍ୟକୁ ଜମି କିଣିବାକୁ ନୁହେଁ, ସରକାରୀ ଜମି ଚିହ୍ନଟ କରିବାକୁ କୁହାଯାଇଛି । ଅନୁପାଳନ ପାଇଁ ତାମିଲନାଡୁକୁ ଆଉ ୩ ମାସ ସମୟ ମିଳିଛି । ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୪ରେ ହେବ ।

# କଶ୍ମୀରରେ ଏନ୍‌କାଉଣ୍ଟର; ୨ ଆତଙ୍କବାଦୀ ନିହତ

ଶ୍ରୀନଗର, ୧୭ ।୯ (ଏଜେନ୍ସି): ଜମ୍ମୁ-କଶ୍ମୀରର ଉର୍ଦ୍ଧ୍ୱମପୁର ଜିଲ୍ଲାରେ ସୁରକ୍ଷାବାହିନୀ ସହ ଗୁଳିବିନିମୟରେ ୨ ଜଣ ଅଜଣା ଆତଙ୍କବାଦୀ ନିହତ ହୋଇଛନ୍ତି । ବୁଧବାର ରାତିରେ ମଜଲତା ଅଞ୍ଚଳରେ ଏହି ଏନକାଉଣ୍ଟର ଘଟିଥିବାବେଳେ ଘଟଣାସ୍ଥଳରେ ସୁରକ୍ଷାବାହିନୀର ଅତିରିକ୍ତ ଯବାନ ମୁତୟନ କରାଯାଇ ତଲାସି ଅଭିଯାନକୁ ବ୍ୟାପକ କରାଯାଇଛି । ଅଧିକାରୀଙ୍କ ସୂଚନା ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ମଜଲତା ଅଞ୍ଚଳରେ କିଛି ସନ୍ଦେହଜନକ ଗତିବିଧି ନଜରକୁ ଆସିଥିଲା । ଏହାପରେ ସୁରକ୍ଷାବାହିନୀର ମିଳିତ ଦଳ ତଲାସି ଅଭିଯାନ ଆରମ୍ଭ କରିଥିଲା । ତଲାସି ବେଳେ ଆତଙ୍କବାଦୀମାନେ ଯବାନଙ୍କ ଉପରେ ଗୁଳି ଚଳାଇଥିଲେ । ଏହାର ପାଲଟା ଜବାବ ଦେବାରୁ ଉଭୟ ପକ୍ଷ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ସେନାର ହ୍ୱାଇଟ୍ ନାଇଟ୍ କୋର୍ପସ୍ ପକ୍ଷରୁ କୁହାଯାଇଛି ଯେ, ସେପ୍ଟେମ୍ବର ୧୬-୧୭ ରାତିରେ ଉର୍ଦ୍ଧ୍ୱମପୁରର ବ୍ରାଟାଲ ଅଞ୍ଚଳରେ ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ଗୁପ୍ତ ସୂଚନା ମିଳିଥିଲା । ଏହା ଆଧାରରେ ମିଳିତ ଅଭିଯାନ ଚାଲିଥିଲା । ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ ହୋଇଛି । ନିହତ ଦୁଇ ଆତଙ୍କବାଦୀଙ୍କ ପରିଚୟ ଓ ସେମାନଙ୍କ ସଂଗଠନ ସହ ସମ୍ପର୍କ ନେଇ ତଦନ୍ତ ଜାରି ରହିଛି । ଅଞ୍ଚଳରେ ତଲାସି ଅଭିଯାନ ଆହୁରି ତୀବ୍ର କରାଯାଇଛି ।

# 'ଅସଲାମୁଅଲେଇକୁମ୍', 'ଇନ୍‌ସାଅଲ୍ଲା' କହିବା ମହଙ୍ଗା ପଡ଼ିଲା

■ ଅଢେଇ ମାସରେ ଆଇପିଏସ୍ ଅଧିକାରୀଙ୍କ ବଦଳି
■ ବିରୋଧ କରିଥିଲେ ହିନ୍ଦୁ ସଂଗଠନ

କୋଲକାତା, ୧୭ ।୯ (ଏଜେନ୍ସି): ସୋସିଆଲ ମିଡିଆରେ ଏକ ପ୍ରେରଣାଦାୟକ ଭିଡିଓରେ 'ଅସଲାମୁ ଆଲାଇକୁମ୍' ଓ 'ଇନ୍‌ଶାଆଲ୍ଲାହ' ଭଳି ଇସ୍ଲାମୀୟ ଅଭିବାଦନ ଓ ଶବ୍ଦ ବ୍ୟବହାରକୁ ନେଇ ବିବାଦ ମଧ୍ୟରେ ପଶ୍ଚିମବଙ୍ଗର ଆଇପିଏସ୍ ଅଧିକାରୀ ବୁଶ୍ରା ବାନୋଙ୍କ ବଦଳି ହୋଇଛି । ଖଡ଼ଗପୁରର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଭାବେ ଦାୟିତ୍ୱ ନେବାର ପ୍ରାୟ ଅଢେଇ ମାସ ପରେ ତାଙ୍କୁ ୪ର୍ଥ ବାଟାଲିୟନ୍ ଷ୍ଟେଟ୍ ଆର୍ମଡ୍ ପୋଲିସର ଉପ-କମାଣ୍ଡାଣ୍ଟ ଭାବେ ବଦଳି କରାଯାଇଛି । ସେପ୍ଟେମ୍ବର ୧୪ରେ ଜାରି ସରକାରୀ ଆଦେଶରେ ବଦଳିର କାରଣ 'ଜନସ୍ୱାର୍ଥ' ବୋଲି ଦର୍ଶାଯାଇଛି । ତେବେ ବୁଶ୍ରାଙ୍କ ଭିଡିଓକୁ ନେଇ କିଛି ହିନ୍ଦୁ ସଂଗଠନ ଆପତ୍ତି ଉଠାଇବା ପରେ ଏହି ବଦଳି ହୋଇଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ବୁଶ୍ରା ବାନୋ ୨୦୨୧ରେ ୟୁପିଏସ୍‌ସି ପରୀକ୍ଷାରେ ସଫଳ ହୋଇ ଆଇପିଏସ୍‌ରେ ଯୋଗ ଦେଇଥିଲେ । ଉତ୍ତରପ୍ରଦେଶର କନୌଜର ମୂଳ ବାସିନ୍ଦା ବୁଶ୍ରା ଆଲିଗଡ଼ ମୁସଲିମ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି କରିଛନ୍ତି । ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି ସମୟରେ ବିଶ୍ୱବିଦ୍ୟାଳୟର ଆବାସିକ କୋଚିଂ ଏକାଡେମୀ ତାଙ୍କୁ ସହାୟତା କରିଥିବା ସେ ଭିଡିଓରେ କହିଥିଲେ । ଭିଡିଓ ଆରମ୍ଭରେ ସେ 'ଅସଲାମୁ ଆଲାଇକୁମ୍' କହିବା ସହ ଶେଷରେ 'ଇନ୍‌ଶାଆଲ୍ଲାହ' ଶବ୍ଦ ବ୍ୟବହାର କରିଥିଲେ । ଏହାକୁ ନେଇ କିଛି ଦକ୍ଷିଣପନ୍ଥୀ ସୋସିଆଲ ମିଡିଆ ଆକାଉଣ୍ଟରେ ଆପତ୍ତି ଉଠିଥିଲା । ଏକ ହିନ୍ଦୁ ସଂଗଠନ ପକ୍ଷରୁ ପଶ୍ଚିମବଙ୍ଗର ଗୃହ ସଚିବଙ୍କ ନିକଟରେ ଅଭିଯୋଗ ମଧ୍ୟ କରାଯାଇଥିବା ରିପୋର୍ଟରେ କୁହାଯାଇଛି । ଅନ୍ୟପକ୍ଷରେ, ବଦଳିକୁ ନେଇ ବିରୋଧୀ ଦଳର ନେତାମାନେ ପ୍ରଶ୍ନ ଉଠାଇଛନ୍ତି । କଂଗ୍ରେସ ସାଂସଦ ଇମ୍ରାନ ପ୍ରତାପଗଡ଼ୀ ଏହି ମାମଲାରେ ଆଇପିଏସ୍ ଆସୋସିଏସନ୍ ଧ୍ୟାନ ଦେବାକୁ କହିଛନ୍ତି । ଟିଏମ୍‌ସି ବିଧାୟକ କୁନାଲ ଘୋଷ କହିଛନ୍ତି ଯେ, ସରକାରଙ୍କର ଅଧିକାରୀଙ୍କ ବଦଳି କରିବାର ଅଧିକାର ରହିଛି, କିନ୍ତୁ ବ୍ୟକ୍ତିଗତ ଅଭ୍ୟାସ ଓ ବିଶ୍ୱାସ ଆଧାରରେ କୌଣସି ଶବ୍ଦ ବ୍ୟବହାର କରିଥିଲେ ତାହା ପାଇଁ ତାଙ୍କୁ ଦଣ୍ଡିତ କରାଯିବା ଉଚିତ ନୁହେଁ । ତେବେ ସରକାରୀ ବଦଳି ଆଦେଶରେ 'ଜନସ୍ୱାର୍ଥ' ବ୍ୟତୀତ ଅନ୍ୟ କୌଣସି କାରଣ ଉଲ୍ଲେଖ ହୋଇନାହିଁ ।



# ଘୂର୍ଣ୍ଣିଝଡ଼ରେ ଭୁଶୁଡ଼ିପଡ଼ିଲା ୧୫୦ ଫୁଟର ତୋରଣ



ରାଉରକେଲା, ୧୭।୯ (ସମିସ): ପ୍ରବଳ ବର୍ଷା ଓ ପବନ ସାଙ୍ଗକୁ ମାତ୍ର ୨ ମିନିଟର ଘୂର୍ଣ୍ଣିବଳୟ ଯୋଗୁଁ ରାଉରକେଲା ସିଭିଲ୍ ଟାଉନସିପ୍ସ୍ଥିତ ମଡର୍ଣ୍ଣ ପଡ଼ିଆରେ ନିର୍ମିତ ଏକସୁଉଚ୍ଚ ଗଣେଶ ପୂଜା ପେଣ୍ଡାଲ ଭୁଶୁଡ଼ି ପଡ଼ିଛି। ସିଭିଲ ଟାଉନସିପ୍ସ୍ଥିତ "ସିଭିଲ୍ ଚାର୍ଜର୍ସ କ୍ଲବ୍' ପକ୍ଷରୁ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟରେ ପ୍ୟାରିସ୍‌ର ଡିଜନିଲ୍ୟାଣ୍ଡ ଢାଞ୍ଚାରେ ନିର୍ମିତ ଏହି ଆକର୍ଷଣୀୟ ତୋରଣ ଆଜି ଅପରାହ୍ନରେ ହୋଇଥିବା ଘୂର୍ଣ୍ଣିବାତ୍ୟାରେ ଧରାଶାୟୀ ହେବାଫଳରେ କେବଳ ଯେ ପୂଜା କମିଟି କର୍ମକର୍ତ୍ତା ନୁହେଁ, ରାଉରକେଲାବାସୀଙ୍କ ମଧ୍ୟରେ ନିରାଶଭାବ ସୃଷ୍ଟି କରିଛି। ପ୍ରକୃତିର କରାଳ ରୂପ ଆଗରେ ଏହି ବିଶାଳ ଆକର୍ଷଣୀୟ ତୋରଣ ଭାଙ୍ଗି ମାଟିରେ ମିଶିଯାଇଛି। ତେବେ ଏହି ଘଟଣାରେ କେବେ ମୃତାହତ କିମ୍ବା କୌଣସି କ୍ଷୟକ୍ଷତି ହୋଇ ନଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ସ୍ଥାନୀୟ ସିଭିଲ ଟାଉନସିପ୍ ସ୍ଥିତ ଚାର୍ଜର୍ସ କ୍ଲବ୍ ପକ୍ଷରୁ ଗଣେଶ ପୂଜା ଧୁମ୍‌ଧାମରେ ପାଳନ କରାଯିବା ପାଇଁ ପ୍ୟାରିସର ଡିଜ୍‌ନିଲ୍ୟାଣ୍ଡ ଢାଞ୍ଚାରେ ଏହି ଆକର୍ଷଣୀୟ ପୂଜାମଣ୍ଡପ ନିର୍ମାଣ କରାଯାଇଥିଲା। ୧୫୦ ଫୁଟ ଉଚ୍ଚର ଏହି ଆକର୍ଷଣୀୟ ପେଣ୍ଡାଲରେ ୨୨ଫୁଟ ଉଚ୍ଚର ଶ୍ରୀ ଗଣେଶଙ୍କ ପ୍ରତିମୂର୍ତ୍ତି ପୂଜା ପାଉଥିଲେ। ଏହି ଘଟଣା ପରେ ସିଭିଲ୍ ଚାର୍ଜର୍ସ କ୍ଲବର ଅଧ୍ୟକ୍ଷ ପ୍ରମୋଦ ପ୍ରଧାନ, ସଭାପତି ପ୍ରତାପ ସାହୁ, ସାଧାରଣ ସଂପାଦକ ଦିପ୍ତି ରଞ୍ଜନ ପରିଡା, କାର୍ଯ୍ୟକାରୀ ସଭାପତି ପିଙ୍କୁ ଜୟସ୍ୱାଲ, ଉପଦେଷ୍ଟା ଅଜୟ ସିଂହଲ, ପ୍ରମୋଦ ନାୟକ, ପୁଷ୍ପା ଲେଙ୍କା, ସୁବାସ ପଣ୍ଡା, ଶ୍ରୀଧର ମଲ୍ଲିକ, ପ୍ରଦୀପ ଗୁପ୍ତା, ମନୋଜ ଜୈନ, ପ୍ରମୋଦ ଜୟସ୍ୱାଲ, ରମେନ୍ଦ୍ର ନାରାୟଣ ନାୟକ, ଦିଲ୍ଲିପ ମହାନ୍ତି, ବିଜୟ ଯୋଶୀ, ବିଶ୍ୱଜିତ ତ୍ରିପାଠୀ ପ୍ରମୁଖ ପହଞ୍ଚି ଉଦ୍‌ବେଗ ପ୍ରକାଶ କରିଥିଲେ। ପୂଜାର ଆନନ୍ଦ ଓ ପରମ୍ପରାକୁ ବଜାୟ ରଖିବା ପାଇଁ ସେମାନେ ହାର୍ ନମାନି ତୁରନ୍ତ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ପେଣ୍ଡାଲକୁ ପୂର୍ବ ଭଳି ଭବ୍ୟ ରୂପଦେବା ପାଇଁ ପ୍ରାୟ ୫୦ ଜଣ କାରିଗରଙ୍କୁ ନିୟୋଜିତ କରାଯାଇଛି।

## ଦୁଇ ବାଇକ ମୁହାଁମୁହିଁ ଧକ୍କା; ୨ ମୃତ, ୨ ଗୁରୁତର

ଗଁଦିଆ,୧୭।୯ (ସମିସ): ଢେଙ୍କାନାଳ ଜିଲ୍ଲା ଷଡ଼ଙ୍ଗୀ-ଚଢ଼େଇଧରା ମୁଖ୍ୟ ରାସ୍ତାରେ ଗୁରୁବାର ସନ୍ଧ୍ୟା ସାଢ଼େ ୫ଟାରେ ଦୁଇ ବାଇକ ମୁହାଁମୁହିଁ ଧକ୍କା ହେବାରୁ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ନିହାଲପ୍ରସାଦ ଥାନା ଅଠେଇଶିମାଇଲ ଗୋଡ଼ା ଛକରେ ଦୁଇ ପାଶ୍ୱର୍ରୁ ଆସୁଥିବା ଦୁଇ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସେଥିରେ ଥିବା ଗଁଦିଆ ଥାନା ଷଡ଼ଙ୍ଗୀ ଗ୍ରାମର ତୋଫାନ ଦେହୁରୀ (୨୬), ସନ୍ତୋଷ ଦେହୁରୀ (୨୫), ନିହଲପ୍ରସାଦ ଥାନା କରନ୍ଦା ଗ୍ରାମର ଅଙ୍କୁର ବେହେରା ଓ କଟକ ନରସିଂହପୁର ଅଞ୍ଚଳର ରଞ୍ଜିତ ଖଟୁଆ ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ମେଡିକାଲ ପକ୍ଷରୁ ସୂଚନା ମିଳିଛି।

## ବିଜେଡିର କ୍ଷୋଭ
# ଦରବୃଦ୍ଧି ରୋକିବାରେ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ

■ ଓଡ଼ିଶାର ମୁଦ୍ରାସ୍ଫୀତି ହାର ଦେଶର ମୁଦ୍ରାସ୍ଫୀତି ହାର ଠାରୁ ଅଧିକ

■ ହାତବାନ୍ଧି ବସି ରହିଛି ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ



ଭୁବନେଶ୍ୱର,୧୭।୯ (ସମିସ): ମୁଦ୍ରାସ୍ଫୀତି ଯୋଗୁଁ ଓଡ଼ିଶାରେ ନିତ୍ୟ ଆବଶ୍ୟକୀୟ ଜିନିଷର ଅହେତୁକ ଦରବୃଦ୍ଧି ଘଟି ଚାଲିଥିବା ବେଳେ ରାଜ୍ୟ ସରକାର ଏହାକୁ ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ବିଜେପି କ୍ଷମତାସୀନ ହେବା ପରଠାରୁ ଗତ ୨ ବର୍ଷରେ ଓ?ଶାର ମୁଦ୍ରାସ୍ଫୀତି ହାର ଲଗାତାର ଭାବେ ଦେଶର ମୁଦ୍ରାସ୍ଫୀତି ହାର ଠାରୁ ଅଧିକ ରହୁଛି, ଯାହା ରାଜ୍ୟ ସରକାରଙ୍କ ବିଫଳତାକୁ ଦର୍ଶାଉଛି ବୋଲି ଅଭିଯୋଗ କରିଛି ବିଜେଡି।

ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ମିହିର ରାୟ କହିଥିଲେ ଯେ ମୁଦ୍ରାସ୍ଫୀତି ସମ୍ପର୍କରେ ଅଗଷ୍ଟ ୨୦୨୬ରେ ଥିବା ସ୍ଥିତି ଉପରେ ନିକଟରେ ପ୍ରକାଶ ପାଇଥିବା ରିପୋର୍ଟରେ ଦେଶର ମୁଦ୍ରାସ୍ଫୀତି ହାର ୪.୮୨ ପ୍ରତିଶତ ଥିବାବେଳେ ଓଡ଼ିଶାର ମୁଦ୍ରାସ୍ଫୀତି ହାର ୫.୫୨ ପ୍ରତିଶତ ରହିଛି। ଦେଶର ସମସ୍ତ ରାଜ୍ୟ ମାନଙ୍କ ଭିତରେ ଓଡ଼ିଶାର ମୁଦ୍ରାସ୍ଫୀତି ହାର ପଞ୍ଚମ ସ୍ଥାନରେ ରହିଛି। କେବଳ ପାଞ୍ଚଟି ରାଜ୍ୟ ଯଥା: ଆନ୍ଧ୍ର ପ୍ରଦେଶ, ମଧ୍ୟ ପ୍ରଦେଶ, ତାମିଲନାଡୁ ଓ ତେଲେଙ୍ଗାନା ଭଳି ବଡ଼ ରାଜ୍ୟମାନଙ୍କର ମୁଦ୍ରାସ୍ଫୀତି ହାର ଓଡ଼ିଶାଠାରୁ ଅଧିକ ରହିଛି। ଗୁରୁତ୍ୱପୂର୍ଣ୍ଣ ଓଡ଼ିଶାର ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ହାର ଅଧିକ ରହିଛି। ଗ୍ରାମାଞ୍ଚଳର ମୁଦ୍ରାସ୍ଫୀତି ହାର ୫.୯୦ ପ୍ରତିଶତ ରହିଥିବା ବେଳେ ସହରାଞ୍ଚଳର ମୁଦ୍ରାସ୍ଫୀତି ହାର ୪.୪୭ ପ୍ରତିଶତ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ, ଦେଶର ମୁଦ୍ରାସ୍ଫୀତି ହାର ୪.୬ ପ୍ରତିଶତ ଥିଲାବେଳେ ଓଡ଼ିଶାର ମୁଦ୍ରାସ୍ଫୀତି ହାର ୬.୦ ପ୍ରତିଶତ ଥିଲା। ନିୟମିତ ଭାବେ ଓଡ଼ିଶାରେ ମୁଦ୍ରାସ୍ଫୀତି ହାର ଦେଶର ମୁଦ୍ରାସ୍ଫୀତି ହାର ଠାରୁ ଅଧିକ ରହୁଛି ଓ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳର ମୁଦ୍ରାସ୍ଫୀତି ଅଧିକ ରହୁଛି। ଶ୍ରୀ ରାୟ ଆହୁରି କହିଥିଲେ ଯେ ମୁଦ୍ରାସ୍ଫୀତି ହାର ଅଧିକ ହେବା କାରଣରୁ ରାଜ୍ୟରେ ନିତ୍ୟ ଆବଶ୍ୟକୀୟ ଜିନିଷ ଯଥା ଚିନି, ପିଆଜ, ଖାଇବା ତେଲ ଓ ଅନ୍ୟାନ୍ୟ ଜିନିଷର ଦର ଅହେତୁକ ବୃଦ୍ଧି ପାଇଛି, ଯେଉଁ କାରଣରୁ ଖାଉଟି ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟରେ ଅହେତୁକ ବୃଦ୍ଧି ପାଇଥିବା ମୁଦ୍ରାସ୍ଫୀତି ହାରକୁ ନିୟନ୍ତ୍ରଣରେ ରଖିବା ପାଇଁ ରାଜ୍ୟ ସରକାର କୌଣସି ତତ୍ପରତା ଦେଖାଉ ନାହାନ୍ତି। ରାଜ୍ୟ ସରକାରଙ୍କର ୪୨ଟି ବିଭାଗ ମଧ୍ୟରୁ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସବୁଠାରୁ ଖରାପ ସ୍ଥିତିରେ ରହିଛି। ରାଜ୍ୟର ମୁଦ୍ରାସ୍ଫୀତି ହାର ନିୟମିତ ଭାବେ ଅଧିକ ରହୁଥିବା ବେଳେ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ହାତବାନ୍ଧି ବସି ରହିଛି ବୋଲି ଶ୍ରୀ ରାୟ କ୍ଷୋଭ ପ୍ରକାଶ କରିଛନ୍ତି।

## ସୁପ୍ରିମକୋର୍ଟରେ ଡିଜିପି ଚୟନ ମାମଲା
# ଆସନ୍ତା ୨୨କୁ ଘୁଞ୍ଚିଲା ଶୁଣାଣି

ଭୁବନେଶ୍ୱର,୧୭।୯ (ସମିସ): ରାଜ୍ୟରେ ଡିଜିପି ଚୟନ ଶୁଣାଣି ମାମଲା ସୁପ୍ରିମ୍‌କୋର୍ଟରେ ଆଉ ଏକ ତାରିଖ ପାଇଛି। ଆସନ୍ତା ୨୨ ଦିନ ପରବର୍ତ୍ତି ଶୁଣାଣି ହେବ। ଯାହା ଫଳରେ ଡିଜିପି ଚୟନ ନେଇ ଲାଗି ରହିଥିବା ବିବାଦରେ ସସ୍‌ପେନ୍ସ ବଢିବାରେ ଲାଗିଛି। ପୂର୍ବରୁ ସୁପ୍ରିମ୍‌କୋର୍ଟଙ୍କ ନିକଟରେ ରାଜ୍ୟ ପୁଲିସ ସେବାରେ କାର୍ଯ୍ୟରତ ଆଇପିଏସ୍ ଅଫିସର ତଥା ଜେଲ ଡିଜି ସୁଶାନ୍ତ ନାଥ ଏହି ମାମଲାରେ ପକ୍ଷଭୁକ୍ତ ହେବେ ବୋଲି ଆବେଦନ କରିଥିଲେ। ସୁଶାନ୍ତ ନାଥ ଗୁରୁବାର ସୁପ୍ରିମକୋର୍ଟଙ୍କ ନିକଟରେ ନିଜର ପକ୍ଷ ରଖିଛନ୍ତି। ଏହା ମଧ୍ୟରେ ସୁପ୍ରିମ୍‌କୋର୍ଟ ସମସ୍ତଙ୍କ ପକ୍ଷ ଶୁଣି ସାରିଛନ୍ତି। ଏହି ମାମଲାରେ ମୁଖ୍ୟ ପକ୍ଷ ଥିବା ଆବେଦନକାରୀ ତଥା ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍, ଆମିକସ୍ କ୍ୟୁରୀ ରାଜୁ ରାମଚନ୍ଦ୍ରନ୍, ଓଡ଼ିଶା ସରକାର ଏବଂ ଜେଲ ଡିଜି ସୁଶାନ୍ତ ନାଥଙ୍କ ପକ୍ଷ ଶୁଣି ସାରିଲେଣି। ଏଣୁ ଏହି ମାମଲାରେ ଆସନ୍ତା ୨୨ ତାରିଖରେ ହେବାକୁ ଥିବା ଶୁଣାଣି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ଆଇନଜୀବୀମାନେ ନିଜର ମତ ପ୍ରକାଶ କରିଛନ୍ତି। ଅନ୍ୟପଟେ ଏହି ମାମଲାରେ ସୁପ୍ରିମ୍‌କୋର୍ଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଓଡ଼ିଶାର ଆଡ୍‌ଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ପୂନର୍ବାର ରାଜ୍ୟ ସରକାରଙ୍କ କାର୍ଯ୍ୟରେ କୌଣସି ଅନିୟମିତା ହୋଇନାହିଁ ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ପ୍ରସ୍ତାବ ଏବଂ ଡିଜି ଚୟନ ସମ୍ପୂର୍ଣ୍ଣ ଆଇନ ସମ୍ପନ୍ନ। ଏଥିରେ କୌଣସି ବ୍ୟତିକ୍ରମ ହୋଇ ନାହିଁ। ଡିଜିପି ଭାବେ କିଏ ନିଯୁକ୍ତି ପାଇବ ତାହା ସରକାରଙ୍କ ଶେଷ ନିଷ୍ପତ୍ତି। ଏଥିରେ କୌଣସି ଅଫିସରଙ୍କ ଅଧିକାର ଦାବି କରିବା ଅବାଞ୍ଛନୀୟ। କିଛି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତି ଏ ମାମଲାକୁ ରାଜନୈତିକ ଉଦ୍ଦେଶ୍ୟ ରଖି ମାଲାଲାର ସୂତ୍ରପାତ୍ କରିଛନ୍ତି ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଏଥିରେ ଅଫିସରଙ୍କ ନାମ ସୁପାରିଶ ବାବଦରେ ସୁପ୍ରିମକୋର୍ଟ କୌଣସି ନିର୍ଦ୍ଦିଷ୍ଟ ଆଧାର ନିରୂପଣ କରି ନାହାନ୍ତି। ଗତ ମେ' ମାସରୁ ରାଜ୍ୟ ସରକାର ଆରମ୍ଭ କରିଥିବା ପ୍ରକ୍ରିୟା ଏବଂ ୟୁପିଏସ୍‌ସିକୁ ପଠାଯାଇଥିବା ପ୍ରସ୍ତାବ ସମ୍ପୂର୍ଣ୍ଣ ଆଇନସମ୍ମତ ତଥା ମାନ୍ୟବର ସୁପ୍ରିମକୋର୍ଟଙ୍କ ପ୍ରକାଶ ସିଂହ ମାମଲା ରାୟରେ କୌଣସି ଉଲ୍ଲଂଘନ ହୋଇ ନାହିଁ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

**ଚୟନ ପ୍ରକ୍ରିୟାରେ କୌଣସି ପ୍ରକାର ଅନିୟମିତା ହୋଇନାହିଁ: ଏଜି**

## ମାଓ ଡମ୍ପ୍ ଠାବ
# ୩୧୫ ବନ୍ଧୁକ ସହ ବିପୁଳ ପରିମାଣର ବିସ୍ଫୋରକ ଜବତ



ମାଲକାନଗିରି,୧୭।୯ (ସମିସ): ମାଲକାନଗିରି ସୀମାନ୍ତ ଛତିଶଗଡରେ ପୁଣି ସୁରକ୍ଷା କର୍ମୀ ମାଓ ଡମ୍ପ୍ ଉଦ୍ଧାର କରିଛନ୍ତି। ଛତିଶଗଡରେ ମାଓ ଉପଦ୍ରବ କମିଥିଲେ ମଧ୍ୟ ମାଓବାଦୀ ଲୁଚାଇ ରଖିଥିବା ହତିଆର, ବିସ୍ଫୋରକ ଓ ମାଓ ସାମଗ୍ରୀକୁ ସୁରକ୍ଷା କର୍ମୀ ଖୋଜି ବାହାର କରିବାରେ ସଫଳତା ହାସଲ କରୁଛନ୍ତି। ବିଜାପୁର ଜିଲ୍ଲାର ଫେରସଗଡ ଥାନା ଅନ୍ତର୍ଗତ ବଡେଆଲବାଡା ନିକଟସ୍ଥ ଜଙ୍ଗଲରେ ପୁଲିସ ଓ ସୁରକ୍ଷା କର୍ମୀ ସର୍ଚ୍ଚ ଅପରେସନ କରୁଥିବା ବେଳେ ଜଙ୍ଗଲରେ ମାଓ ଡମ୍ପକୁ ଉଦ୍ଧାର କରିଥିଲେ। ପୁଲିସର ସୂଚନାଦାତାଙ୍କ ଖବର ଅନୁସାରେ ଏହି ଚଢ଼ଉ କରାଯାଇଥିଲା। ମାଓ ଡମ୍ପରୁ ୩୧୫ ଦେଶୀ ବନ୍ଧୁକ, ୪୯ଟି ଜୀବନ୍ତ ଗୁଳି, ୩୦୩ ବନ୍ଧୁକର ୨୫ଟି ଜୀବନ୍ତ ଗୁଳି, ୧୨ ବୋର ବନ୍ଧୁକର ୩୪ଟି ଜୀବନ୍ତ ଗୁଳି, ୮ କିଲୋର ଜିଲୋଟିନ, ୬ଟି ୱାକିଟକି, ବିଦ୍ୟୁତ ତାର, ଡିଟୋନେଟର ତାର, ବ୍ୟାଟେରୀ, ସେଲ, ସର୍କିଟ, ସ୍ୱିଚ ଇତ୍ୟାଦି ଉଦ୍ଧାର କରାଯାଇଛି। ଏସ୍‌ପି ଉମେଶ କୁମାର ଗୁପ୍ତା ଏନେଇ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି।

# ହାଇକୋର୍ଟରେ ଓସିଏ ନିର୍ବାଚନ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ୨୨ରେ

## ବିସିସିଆଇ ନିୟମାବଳୀରୁ ଓସିଏ ବିଚ୍ୟୁତ ହେବନାହିଁ: ସଭାପତି

କଟକ,୧୭।୯ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ)ର କର୍ମକର୍ତ୍ତା ନିର୍ବାଚନକୁ ନେଇ ଦାୟର ହୋଇଥିବା ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ସମସ୍ତ ପ୍ରତିପକ୍ଷଙ୍କ ତରଫରୁ ସେ ଜବାବ ଦାଖଲ ହୋଇସାରିଥିବା ବେଳେ ଆସନ୍ତା ସେପ୍ଟେମ୍ବର ୨୨ତାରିଖରେ ପୂର୍ଣ୍ଣାଙ୍ଗ ଶୁଣାଣି ପାଇଁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓ ସନରାଇଜ କ୍ଲବ ପକ୍ଷରୁ ଦାୟର ଏହି ମାମଲାର ଶୁଣାଣି କରି ଜଷ୍ଟିସ ମୃଗାଙ୍କ ଶେଖର ସାହୁ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ଓସିଏ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଏହି ପ୍ରସଙ୍ଗରେ ଏକ ସତ୍ୟପାଠ ଦାଖଲ କରିଛନ୍ତି। ଜବାବରେ ଓସିଏ ସଭାପତି ଦର୍ଶାଇଛନ୍ତି ଯେ ଓସିଏ ହେଉଛି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଏକ ପୂର୍ଣ୍ଣାଙ୍ଗ ସଦସ୍ୟ। ସୁପ୍ରିମକୋର୍ଟଙ୍କ ରାୟ ଓ ଜଷ୍ଟିସ୍ ଆର୍.ଏମ୍. ଲୋଧା କମିଟି ସୁପାରିସ ଅନୁଯାୟୀ ପ୍ରସ୍ତୁତ ବିସିସିଆଇ ସମ୍ବିଧାନ ଅନୁସାରେ ସମସ୍ତ ରାଜ୍ୟ କ୍ରିକେଟ୍ ସଂଘର କର୍ମକର୍ତ୍ତାଙ୍କ କାର୍ଯ୍ୟକାଳ ୩ ବର୍ଷ। ଓସିଏ ସମ୍ପୂର୍ଣ୍ଣ ଭାବେ ବିସିସିଆଇର ଅନୁଦାନ ଉପରେ ନିର୍ଭରଶୀଳ। ବିସିସିଆଇ ନିୟମ ବ୍ୟତିକ୍ରମ କଲେ ଅନୁଦାନ ବନ୍ଦ ହେବା ସହ କ୍ରମାଗତ ୨ ବର୍ଷ ବ୍ୟତିକ୍ରମ ରହିଲେ ଓସିଏର ସଦସ୍ୟତା ମଧ୍ୟ ରଦ୍ଦ ହୋଇପାରେ। ଓସିଏ ପୂର୍ବରୁ କ୍ରିକେଟ୍ କ୍ରୀଡ଼ା 'ଜାତୀୟ କ୍ରୀଡ଼ା ପ୍ରଶାସନ ଅଧିନିୟମ, ୨୦୨୫' (ନ୍ୟାସନାଲ ସ୍ପୋର୍ଟସ ଗଭର୍ଣ୍ଣାନ୍ସ ଆକ୍ଟ) ଅଧୀନକୁ ଆସୁଛି ବୋଲି ଭ୍ରମରେ ଥିଲା। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ୨୦୨୫ ଡିସେମ୍ବର ୨୨ର ନିର୍ଦ୍ଦେଶାବଳୀ ଅନୁଯାୟୀ, ଜାତୀୟ କ୍ରୀଡ଼ା ସଂଘଗୁଡ଼ିକର ନିର୍ବାଚନ ୩୧ ଡିସେମ୍ବର ୨୦୨୬ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ କୁହାଯାଇଥିଲା। ଏହି କାରଣ ସହ ବାରବାଟୀ ଷ୍ଟାଡିୟମରେ ୨୦୨୫ ଡିସେମ୍ବର ୯ ରେ ହେବାକୁ ଥିବା ଅନ୍ତର୍ଜାତୀୟ ମ୍ୟାଚ୍ କାରଣରୁ ଓସିଏର ସ୍ୱତନ୍ତ୍ର ସାଧାରଣ ବୈଠକ ୨୦୨୫ ଅଗଷ୍ଟ ୩୧ରେ ବସି ନିର୍ବାଚନ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା ବୋଲି ଓସିଏ ସଭାପତି ଉଲ୍ଲେଖ କରିଛନ୍ତି।

ମାମଲାରେ ବିସିସିଆଇ ଜବାବ ଦାଖଲ କରିବା ପରେ ସ୍ପଷ୍ଟ ହୋଇଛି ଯେ କ୍ରିକେଟ୍ 'ଜାତୀୟ କ୍ରୀଡ଼ା ପ୍ରଶାସନ ଅଧିନିୟମ, ୨୦୨୫' ଅଧୀନରେ ହୋଇ ନଥିବାରୁ ବିସିସିଆଇ କିମ୍ବା କୌଣସି ରାଜ୍ୟ କ୍ରିକେଟ୍ ସଂଘ ଏହି ଆଇନ୍ ଅଧୀନକୁ ଆସୁନାହାନ୍ତି। ଏଣୁ ଓସିଏ ସମ୍ପୂର୍ଣ୍ଣ ଭାବେ ବିସିସିଆଇର ନିୟମାବଳୀ ଏବଂ ସୁପ୍ରିମ୍ କୋର୍ଟଙ୍କ ଆଦେଶକୁ ଅନୁସରଣ କରୁଥିବାରୁ ବିସିସିଆଇର ସ୍ପଷ୍ଟୀକରଣ ପରେ ନିଜ ଆଭିମୁଖ୍ୟ ସ୍ପଷ୍ଟ କରି କହିଛି ଯେ ବିସିସିଆଇ ନିୟମାବଳୀରୁ ଏହା ବିଚ୍ୟୁତ ହେବ ନାହିଁ। ହାଇକୋର୍ଟରେ ପୂର୍ବରୁ ବିସିସିଆଇ ପକ୍ଷରୁ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା ଯେ ଏହାର ମେମୋରାଣ୍ଡମ ଅଫ ଆସୋସିଏସନ (ଏମଓଏ) ଅନୁସାରେ ଜଣେ କାର୍ଯ୍ୟକର୍ତ୍ତାଙ୍କ କାର୍ଯ୍ୟକାଳ ତିନି ବର୍ଷ। ଜଣେ କାର୍ଯ୍ୟକର୍ତ୍ତା ତିନି ଥରରୁ ଅଧିକ ରହି ପାରିବେ ନାହିଁ ଯାହା ଅର୍ଥ ୯ ବର୍ଷ। ଜଣେ କାର୍ଯ୍ୟକର୍ତ୍ତା କୌଣସି ପଦବିରେ ଲଗାତାର ଦୁଇ ଥରରୁ ଅଧିକ ରହିବା ପରେ ୩ ବର୍ଷର କୁଲିଂ ଅଫ ଅବଧି ପୂରଣ କରିବାକୁ ପଡିବ। ବିସିସିଆଇ ପକ୍ଷରୁ କୁହାଯାଇଛି ଯେ କାର୍ଯ୍ୟକର୍ତ୍ତା ଓ ରାଜ୍ୟ ସଂଘର ନିର୍ବାଚିତ ସଦସ୍ୟ କ୍ରିକେଟର ପରିଚାଳନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି। ତେଣୁ ଏହା ଅପରିହାର୍ଯ୍ୟ ଯେ ଓସିଏ ତୁରନ୍ତ ଏହାର ନିର୍ବାଚନ କରିବା ଉଚିତ ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଥିଲା। ଓସିଏର ବିଭିନ୍ନ ପଦ ପଦବି ପାଇଁ କାର୍ଯ୍ୟକାଳ ୨୦୨୫ ଅକ୍ଟୋବରରୁ ସରିଥିଲେ ସୁଦ୍ଧା ନିର୍ବାଚନ ବେଆଇନ ଭାବେ କରାଯାଉନଥିବା ପ୍ରସଙ୍ଗ ନେଇ ଏହି ମାମଲା ଦାୟର ହୋଇଛି। ମାମଲାରେ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗ, ବିସିସିଆଇ, ଓସିଏ, ଓସିଏ ସଭାପତି, ଉପସଭାପତି, ଯୁଗ୍ମସଚିବ, କୋଷାଧ୍ୟକ୍ଷ ଓ କଟକ ଜିଲ୍ଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି।

## ଜାତୀୟ ରାଜପଥରେ ଜଳିଗଲା କଣ୍ଟେନର



କୁଳିଅଣା, ୧୭।୯ (ସମିସ): ଗୁରୁବାର ଅପରାହ୍ନରେ ୧୮ ନଂ ଜାତୀୟ ରାଜପଥରେ ଏକ କଣ୍ଟେନରରେ ନିଆଁ ଲାଗିଯିବା ଫଳରେ ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଜଳିଯାଇଛି। ଅଗ୍ନିଶମ ବାହିନୀର ତତ୍କାଳୀନ ପଦକ୍ଷେପ ପାଇଁ ସଙ୍ଗେ ସଙ୍ଗେ ନିଆଁକୁ ଆୟତ୍ତ କରାଯିବା ଫଳରେ କ୍ୟାବିନକୁ ଛାଡ଼ିଦେଲେ କଣ୍ଟେନରର ବାକି ଅଂଶ ସହିତ ଏଥିରେ ଥିବା ସାମଗ୍ରୀ ରକ୍ଷା ପାଇଯାଇଛି। ଏଥିସହ ଚାଳକ ବର୍ତ୍ତିଯାଇଛନ୍ତି। ଅପରପକ୍ଷରେ ଘଟଣାସ୍ଥଳ ନିକଟରେ ଶୁଖୁଆପଡ଼ା ଟୋଲଗେଟ୍ ଥିବାବେଳେ ଏକ ପେଟ୍ରୋଲ ପମ୍ପ ଥିବାବେଳେ ଏକ ବଡ ଅଗ୍ନିକାଣ୍ଡରୁ ରକ୍ଷା ମିଳିଛି। ସୂଚନା ମୁତାବକ, କଣ୍ଟେନରଟି ବାରିପଦା ଦେଇ ପାଟଣା ଅଭିମୁଖେ ଯାଉଥିବାବେଳେ ଶୁଖୁଆପଡ଼ା ଟୋଲଗେଟ୍ ନିକଟରେ ଅଟକି ରହିଥିଲା। ସେ ସମୟରେ ଡ୍ରାଇଭର ଗାଡ଼ି ପାଖରେ ରୋଷେଇ କରୁଥିବାବେଳେ ହଠାତ୍ କୌଣସି କାରଣରୁ ଗାଡ଼ିରେ ନିଆଁ ଲାଗିଯାଇଥିଲା। ଦେଖୁ ଦେଖୁ ନିଆଁ ସମଗ୍ର କଣ୍ଟେନରକୁ ବ୍ୟାପିଯାଇ ହୁତୁହୁତୁ ହୋଇ ଜଳିବାକୁ ଲାଗିଥିଲା। ତେବେ ଠିକ୍ ସମୟରେ ଚାଳକ ଦୂରେଇ ଯିବାରୁ ଅଳ୍ପକେ ବଡ଼ ବିପଦରୁ ବର୍ତ୍ତିଯାଇଛନ୍ତି ଓ ସେ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡ ଯୋଗୁଁ ରାସ୍ତାରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କୁଳିଅଣା ଥାନା ଆଇଆଇସି ସୁଦୀପ କୁମାର ମହାପାତ୍ର ପହଞ୍ଚି ଟ୍ରାଫିକ ନିୟନ୍ତ୍ରଣ କରିଥିଲେ। ପରେ ଖବର ପାଇ ବାଙ୍ଗିରିପୋଷି ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କଣ୍ଟେନରରେ ପୋଷାକ ଜାତୀୟ ସାମଗ୍ରୀ ପରିବହନ ହେଉଥିଲା।

# ବିକ୍ରମଙ୍କ ବିରୁଦ୍ଧରେ ମାମଲା ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ନୁହେଁ ତ?

## ସାକ୍ଷ୍ୟଙ୍କୁ ଧମକ ଅଭିଯୋଗରେ ଜେଲ୍ ଡାକ୍ତର, ବିକ୍ରମ, ମଦନଙ୍କ ସମେତ ୫ଜଣଙ୍କ ବିରୋଧରେ ଏତଲା

■ ଜାମିନ ଖାରଜ ପାଇଁ ଏହା ଏକ ରାଜନୈତିକ ତଥା ଯୋଜନାବଦ୍ଧ ଚକ୍ରାନ୍ତ ଅଭିଯୋଗ

■ ଜେଲକୁ ମୋବାଇଲ ଗଲା କିଭଳି, ଡାକ୍ତର ଓ ଅଭିଯୋଗକାରୀଙ୍କ ମଧ୍ୟରେ ସମ୍ପର୍କ କଣ?

■ ୨୮ର ଘଟଣା, ୧ରେ ବିକ୍ରମ ଜେଲରୁ ଖଲାସ ଦିନ ହିଁ ଅଭିଯୋଗ, ୧୫ରେ ମାମଲା ରୁଜୁ

■ ଏକା ମାମଲାରେ ହାଇକୋର୍ଟରୁ ବାରମ୍ବାର ଭର୍ତ୍ସନା ସତ୍ତ୍ୱେ କିଛି ଶିଖିଲାନି ପୁଲିସ, କାମ କରୁଛି ଚାପ!

ବ୍ରହ୍ମପୁର,୧୭।୯ (ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାରେ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ପରେ ବି ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ପଛରେ ଜାରି ରହିଛି ରାଜନୈତିକ ଷଡ଼ଯନ୍ତ୍ର। ଏଥିରେ ପୁଲିସ ପ୍ରଶାସନର ପ୍ରଚ୍ଛନ୍ନ ହାତ ଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ଗିରଫର ଦୀର୍ଘ ୧୦ମାସର ଜେଲ୍‌ରେ ରହଣି ପରେ ଗତ ୩୧ତାରିଖରେ ପୂର୍ବତନ ବିଧାୟକ ବିକ୍ରମଙ୍କୁ ହାଇକୋର୍ଟରୁ ମିଳିଥିଲା ସର୍ତ୍ତମୂଳକ ଜାମିନ। ଜାମିନ ଆଧାରରେ ଚଳିତ ସେପ୍ଟେମ୍ବର ୧ତାରିଖରେ ଜେଲ୍‌ରୁ ମୁକୁଳିଥିଲେ ବିକ୍ରମ। ଜେଲରୁ ମୁକୁଳିବା ବେଳେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେବାକୁ ସ୍ୱତଃପ୍ରବୃତ୍ତ ଭାବେ ଲାଗି ରହିଥିଲା ସମର୍ଥକ ଓ ଶୁଭେଚ୍ଛୁଙ୍କ ଅସମ୍ଭାଳ ଭିଡ। ଯାହାକୁ ଦେଖି ଶାସକ ବିଜେପି ଦଳର ନେତା ଓ କର୍ମୀଙ୍କ ମଧ୍ୟରେ ଛାନିଆଁ ପଶିଯାଇଥିଲା। ସେହି ଦିନଠାରୁ ଏପରିକି ଜାମିନ ପୂର୍ବରୁ ହିଁ ବିକ୍ରମଙ୍କୁ ପୁଣି ଥରେ ଜେଲର ଚାରିକାନ୍ଥ ଭିତରେ ରଖିବାକୁ ଆରମ୍ଭ ହୋଇଥିଲା ଷଡ଼ଯନ୍ତ୍ର। ୩୧ତାରିଖରେ ବିକ୍ରମଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଥିବା ବେଳେ ଏହା ପୂର୍ବରୁ ଅର୍ଥାତ୍ ଗତ ୨୮ ତାରିଖରେ ହିଁ ହୋଇଥିଲା ସୁଚିନ୍ତିତ ଷଡ଼ଯନ୍ତ୍ର। ସେପ୍ଟେମ୍ବର ୧ତାରିଖରେ ସ୍ଥାନୀୟ ଗୋଷାଣୀନୂଆଗାଁ ଥାନାରେ ଏକ ଅଭିଯୋଗ ଦାଏର ହୋଇଥିଲା। ଅଭିଯୋଗକାରୀ ତଥା ଗୋଷାଣୀନୂଆଗାଁ ଶାସ୍ତ୍ରୀନଗର ନିବାସୀ ଲଳିତ ମୋହନ ମଙ୍ଗରାଜ ଏତଲାରେ ଦର୍ଶାଇଛନ୍ତି ଯେ ଜେଲ୍ ଭିତରୁ ଗତ ଅଗଷ୍ଟ ୨୮ ତାରିଖରେ ଜେଲ୍ ଡାକ୍ତର ସୁଶାନ୍ତ ପାଣିଗ୍ରାହୀଙ୍କ ମୋବାଇଲରୁ ତାଙ୍କୁ ବାରମ୍ବାର କଲ୍ ଆସିଥିଲା। ଏବଂ ପରବର୍ତ୍ତୀ ସମୟରେ ସେହି ଫୋନରେ ବିକ୍ରମ ପଣ୍ଡା ଓ ମଦନ ଦଳେଇ ତାଙ୍କ ସହିତ ପର୍ଯ୍ୟାୟକ୍ରମେ କଥା ହୋଇଥିଲେ। କଥାବାର୍ତ୍ତା ସମୟରେ ତାଙ୍କୁ କୁଆଡ଼େ ଧମକ ଦିଆଯାଇଥିବା ନେଇ ଅଭିଯୋଗ କରି ଗୋଷାଣୀନୂଆଗାଁ ଥାନାରେ ଲଳିତ ମଙ୍ଗରାଜ ଏତଲା ଦେଇଥିବା ବ୍ରହ୍ମପୁର ଏସପି ଡାକ୍ତର ସର୍ବଣା ବିବେକ ଏମ୍ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗତ ୧ତାରିଖରେ ହୋଇଥିବା ଅଭିଯୋଗ ଆଧାରରେ ଗତ ୧୫ତାରିଖରେ ଥାନାରେ ଏକ ମାମଲା ରୁଜୁ ହୋଇଥିବା ମଧ୍ୟ ଏସପି ସ୍ପଷ୍ଟ କରିଛନ୍ତି।

ଅଭିଯୋଗ ପ୍ରକାରେ ଜେଲ ଡାକ୍ତର ସୁଶାନ୍ତ ପାଣିଗ୍ରାହୀ, ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ମଦନ ଦଳେଇ ଓ ଅନ୍ୟ ଦୁଇଜଣ ଏହିଭଳି ମୋଟ ୫ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ମାମଲାରେ ଜେଲ ଡାକ୍ତର ସୁଶାନ୍ତ ପାଣିଗ୍ରାହୀଙ୍କୁ ପଚରାଉଚରା କରାଯିବା ସହିତ ଜିଲ୍ଲା ପ୍ରଶାସନକୁ ମଧ୍ୟ ଏନେଇ ରିପୋର୍ଟ ଦିଆଯାଇଥିବା ଏସପି ସୂଚନା ଦେଇଛନ୍ତି। କିନ୍ତୁ ଏଠାରେ ପ୍ରଶ୍ନ ଉଠୁଛି, ଅଭିଯୋଗ ପ୍ରକାରେ ଘଟଣା ଗତ ଅଗଷ୍ଟ ୨୮ ତାରିଖର। ଘଟଣାର ୪ଦିନ ପରେ ଅର୍ଥାତ୍ ୩୧ତାରିଖରେ ବିକ୍ରମଙ୍କୁ ହାଇକୋର୍ଟରୁ ସେପୁଣି ଶୁଣାଣି ଶେଷପରେ ଦୀର୍ଘ ୪ମାସରୁ ଊର୍ଦ୍ଧ୍ୱ କାଳ ସଂରକ୍ଷିତ ଥିବା ରାୟ ପ୍ରକାଶ ସହ ସର୍ତ୍ତମୂଳକ ଜାମିନ ମିଳିଥିଲା ଏବଂ ଉକ୍ତ ଦିନ ଅର୍ଥାତ୍ ୧ତାରିଖରେ ହିଁ ଗତ ୨୮ ତାରିଖର ଘଟଣାକୁ ନେଇ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ ହୋଇଥିଲା। ଯାହାକୁ ପୁଲିସ ଗ୍ରହଣ କରିଥିଲେ ହେଁ ଗତ ୧୫ତାରିଖରେ ଏହି ଅଭିଯୋଗ ଆଧାରରେ ବିକ୍ରମ, ମଦନ, ଡାକ୍ତର ସୁଶାନ୍ତ ପାଣିଗ୍ରାହୀ ଓ ଅନ୍ୟ ଦୁଇଜଣଙ୍କ ବିରୁଦ୍ଧରେ ମାମଲା ରୁଜୁ ହୋଇଛି। ସମସ୍ତଙ୍କ ବିରୁଦ୍ଧରେ ଭାରତୀୟ ନ୍ୟାୟ ସଂହିତାର ୬୧(୨), ୨୩୨, ୩୫୧(୨), ୩୫୧(୩) ଏବଂ ୩(୫) ଧାରାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି। ତେବେ ଏହାର ଯଥେଷ୍ଟ ପୂର୍ବରୁ ଅର୍ଥାତ୍ ଗତ ୮ତାରିଖରେ ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ଗୋଳନ୍ଥରାସ୍ଥିତ ଆବାସିକ କାର୍ଯ୍ୟାଳୟ 'ବନ୍ଦେ ମାତରଂ'ରେ ଆୟୋଜିତ ଏକ ବୈଠକରେ କୁଆଡେ 'ଖୁବ୍‌ଶୀଘ୍ର ପୁଣି ଜେଲ୍ ଯିବ, ଆଉ ସେଠାରୁ ମଡ଼ ହୋଇ ଫେରିବ' ବୋଲି ଦମ୍ଭୋକ୍ତି ଦିଆଯାଇଥିବା ନେଇ ସୋସିଆଲ ମିଡିଆରେ ଭିଡ଼ିଓ ଭାଇରାଲ ହୋଇଥିଲା। ଯାହାକୁ ନେଇ ଯଦିଓ ସେତେବେଳେ ସମସ୍ତେ ଦ୍ୱନ୍ଦ୍ୱରେ ଥିଲେ, ତେବେ ତାହା ବର୍ତ୍ତମାନର ଘଟଣା ପରେ ଆଗୁଆ ଷଡ଼ଯନ୍ତ୍ରର ସ୍ପଷ୍ଟ ସୂଚନା ମିଳୁଛି। ୩୧ତାରିଖରେ ଜାମିନ ନେଇ ଶୁଣାଣି ବେଳେ ଅଥବା ତାହା ପୂର୍ବରୁ ୨୮ ତାରିଖର ଘଟଣା ପରେ ମଧ୍ୟ କୋର୍ଟରେ ଏନେଇ ପୁଲିସ ଦର୍ଶାଇ ପାରିଥାନ୍ତା। ତେବେ ସେସବୁ ନକରି ପୀତବାସ ପଣ୍ଡା ହତ୍ୟା ମାମଲାରେ ବାରମ୍ବାର ହାଇକୋର୍ଟରୁ ଭର୍ତ୍ସିତ ହୋଇଥିବା ପୁଲିସ ପୁଣି ଅଭିସନ୍ଧିମୂଳକ କାର୍ଯ୍ୟ କରି ପଦାରେ ପଡିଥିବା ନେଇ ସାଧାରଣରେ ଆଲୋଚନା ହେଉଛି। ତେବେ ବିକ୍ରମଙ୍କ ସମେତ ୫ଜଣଙ୍କ ବିରୁଦ୍ଧରେ ହୋଇଥିବା ଅଭିଯୋଗ ଓ ମାମଲା ରୁଜୁ ପରେ ଅଭିଯୋଗକାରୀଙ୍କ ସହିତ ଜେଲ ଡାକ୍ତର ସୁଶାନ୍ତ ପାଣିଗ୍ରାହୀଙ୍କର କି ସମ୍ପର୍କ ରହିଛି ଓ ଜେଲ୍ କର୍ତ୍ତୃପକ୍ଷଙ୍କ କି ଭୂମିକା ରହିଛି ତାହା ମଧ୍ୟ ସନ୍ଦେହ ଘେରକୁ ଆସିଛି। ଘଟଣା ପ୍ରଘଟ ପରେ ଗତ ରାତିରେ ଅର୍ଥାତ୍ ଘଟଣାର ଦିର୍ଘ ୨୧ଦିନ ପରେ ଜେଲ୍ ଡାକ୍ତର ସୁଶାନ୍ତ ପାଣିଗ୍ରାହୀଙ୍କୁ ଗୋଷାଣୀନୂଆଗାଁ ଥାନାକୁ ଡାକି ଦୀର୍ଘ ସମୟ ଧରି ଜେରା କରାଯାଇ ତାଙ୍କଠାରୁ ସ୍ୱୀକାରୋକ୍ତି ନିଆଯାଇଥିବା ଜଣାପଡିଛି। ପରେ ବିଳମ୍ବିତ ରାତିରେ ଡାକ୍ତର ପାଣିଗ୍ରାହୀଙ୍କୁ ପୁଲିସ ଛାଡି ଦେଇଥିଲା। ଯଦି ଡାକ୍ତରଙ୍କ ଫୋନରୁ ସାକ୍ଷ୍ୟଙ୍କୁ ଧମକା ଯାଇଛି, ତେବେ ଦୀର୍ଘ ବର୍ଷ ଧରି ଜେଲରେ କାର୍ଯ୍ୟରତ ଡାକ୍ତରଙ୍କୁ ଫୋନ ନେବାକୁ କିଏ ଅନୁମତି ଦେଇଥିଲା, ଏଥି ପୂର୍ବରୁ ଆଉ କିଏ କିଏ ଏଭଳି ସୁଯୋଗ ପାଇଥିଏ ଏବଂ ଜେଲ୍ କର୍ତ୍ତୃପକ୍ଷ କ'ଣ କରୁଥିଲେ ବୋଲି ଉଠିଛି ବଡ଼ ପ୍ରଶ୍ନ। ବିକ୍ରମଙ୍କ ଗିରଫଦାରୀ ଅଗଣତାନ୍ତ୍ରିକ ଓ ବେନିୟମ ଥିବା ନେଇ ହାଇକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିସାରିଥିବା ବେଳେ ତାଙ୍କୁ ଜାଣିଶୁଣି ହଇରାଣ କରିବା ଓ ମାନସିକ ଚାପ ଦେବାକୁ ଏଭଳି ଷଡ଼ଯନ୍ତ୍ର କରାଯାଉଥିବା ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏସବୁ ସତ୍ତ୍ୱେ ଚାପରେ ଥିବା ପୁଲିସ ବର୍ତ୍ତମାନ କି ପଦକ୍ଷେପ ଗ୍ରହଣ କରୁଛି ତାହା ଉପରେ ରହିଛି ସମସ୍ତଙ୍କ ନଜର। ପୂର୍ବରୁ ମଧ୍ୟ ବିକ୍ରମ ଜେଲରେ ଥିବା ସମୟରେ ଅର୍ଥାତ୍ ଜିଲ୍ଲା କୋର୍ଟରେ ଜାମିନ ଆବେଦନ ସମୟରେ ମଧ୍ୟ ଅନୁରୂପ ଏକ ଅଭିଯୋଗ ହୋଇଥିଲା। ଯେଉଁଠି ମୃତ ପିତବାସଙ୍କ ପୁଅ ଓ ପତ୍ନୀଙ୍କୁ ଅଜଣା ବ୍ୟକ୍ତିଙ୍କ ଜରିଆରେ ଧମକ ଦିଆଯାଇଥିବା ନେଇ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। କିନ୍ତୁ ଉକ୍ତ ଘଟଣାରେ ପୁଲିସକୁ ଆଜି ପର୍ଯ୍ୟନ୍ତ କୌଣସି ସୁରାକ୍ ମିଳିବା ତ ଦୂରେ ଥାଉ, ପୁଲିସ ଘଟଣାରେ ଆଦୌ ତଦନ୍ତ ହିଁ କରି ନ ଥିବା ଜଣାପଡ଼ିଛି। ଏଣୁ ପୂର୍ବ ଭଳି ଏହା ମଧ୍ୟ ଜାମିନ ଖାରଜ ପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର ବୋଲି ଆଇନଜୀବୀଙ୍କ ପକ୍ଷରୁ ଦାବି କରାଯାଇଛି। ଏଭଳି ମିଥ୍ୟା ଅଭିଯୋଗ ବାରମ୍ବାର ରଚାଯାଇ ତାଙ୍କୁ ବଦନାମ କରିବାକୁ ଉଦ୍ୟମ କରାଯାଉ ଥିବାରୁ ସେ ମାନସିକ ସ୍ତରରେ ଚିନ୍ତିତ ଓ ବ୍ୟଥିତ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା।



# କୁମ୍ଭାର ପରିବାର ସାମୂହିକ ଭାବେ ପାଳିଲେ ନୂଆଁଖାଇ

**ବଲାଙ୍ଗିର,୧୭ ।୯ (ସମିସ):** ବଲାଙ୍ଗିର ଗେଟ ସରୋବରପଡାର କୁମ୍ଭାର ପରିବାରବର୍ଗ ସାମୂହିକ ଭାବେ ନୂଆଁଖାଇ ପାଳିଛନ୍ତି। ୩୦ ପରିବାର ତଥା ୧୧୦ଜଣ ସଦସ୍ୟ ଏକାଠି ନବାନ୍ନ ଭକ୍ଷଣ କରିଥିଲେ। ପରିବାରର ବୈଜ୍ୟେଷ୍ଠ ସମସ୍ତଙ୍କୁ ନବାନ୍ନ ଅର୍ପଣ କରିଥିଲେ। ତାଙ୍କ ଠାରୁ ନବାନ୍ନ ପାଇଲା ପରେ ସମସ୍ତେ ନବାନ୍ନ ଭକ୍ଷଣ କରିଥିଲେ। ନବାନ୍ନ ଖାଇସାରିଲା ପରେ କନିଷ୍ଠ ସଦସ୍ୟମାନେ ବୈଜ୍ୟେଷ୍ଠ ସଦସ୍ୟମାନଙ୍କୁ ନୂଆଁଖାଇ ଜୁହାର ହୋଇ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ଅନାଥ କୁମ୍ଭାର, ବିଘ୍ନେଶ୍ୱର ନାଗ, ଆରତି ନାଗ, ଅନିତା ନାଗ, ଜାହ୍ନବି କୁମ୍ଭାର, ଭାରତୀ କୁମ୍ଭାର, ସୁଶୀଲା କୁମ୍ଭାର, ରାଜେନ୍ଦ୍ର କୁମ୍ଭାର, ତରଣୀସେନ କୁମ୍ଭାର, ଦିଲୀପ କୁମ୍ଭାର, ମାର୍କଣ୍ଡ କୁମ୍ଭାର, ରାଇ କୁମ୍ଭାର, ଶୁଶିଲା କୁମ୍ଭାର, ଅରୁଣ ନାଗ, ଅରୁଣା କୁମ୍ଭାର, ମୀରା କୁମ୍ଭାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓମ୍ ପ୍ରକାଶ କୁମ୍ଭାରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଫଣିନ୍ଦ୍ର କୁମ୍ଭାର, ସୀତାରାମ କୁମ୍ଭାର, ଦିଲୀପ କୁମ୍ଭାର, ପ୍ରହଲ୍ଲାଦ କୁମ୍ଭାର, କିଶୋର କୁମ୍ଭାର, ଜ୍ୟୋତି କୁମ୍ଭାର, ଦୈତାରି କୁମ୍ଭାର ସହଯୋଗ କରିଥିଲେ। ନୂଆଖାଇ ଅବସରରେ ସମସ୍ତଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।






## କନକଦୁର୍ଗା, ସୁରେଶ୍ୱରୀ, କପିଳେଶ୍ୱରଙ୍କ ପୀଠରେ ଦୀପଦାନ

**ଦେବଗଡ,୧୭ ।୯ (ସମିସ)::** ଦେବଗଡ଼ କନକଦୁର୍ଗା ମନ୍ଦିରରେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଜିଲ୍ଲା ମିଶନ ଶକ୍ତି ବିଭାଗ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ମଧ୍ୟ ୮୦୦ ଅଙ୍ଗନବାଡ଼ି କେନ୍ଦ୍ରରେ ଦୀପ ପ୍ରଜ୍ୱଳନ କରାଯାଇଛି। ଏହି ଅବସରରେ ବିଭିନ୍ନ ସ୍ଥାନରେ ରଙ୍ଗୋଲି ପ୍ରତିଯୋଗିତା କରାଯାଇଥିଲା। ଜିଲ୍ଲାପାଳ କବିନ୍ଦ୍ର ସାହୁ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଓଡିଶା ଜୀବିକା ମିଶନ ଜିଲ୍ଲା ପରିଚାଳକ ଶିଶିର ଷଡ଼ଙ୍ଗୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର ପୁହାଣ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରମୁଖ ଯୋଗ ଦେଇ କନକ ଦୁର୍ଗା ମନ୍ଦିରରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।



**ତରଭା:** ସୁବର୍ଣ୍ଣପୁର ଜିଲ୍ଲାର ସୁରେଶ୍ୱରୀ ମନ୍ଦିର ପରିସରରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ସେବା ସଂକଳ୍ପ ଅଭିଯାନର ପ୍ରଥମ ଦିନର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅଭିଯାନ ସେପ୍ଟେମ୍ବରରୁ ୧୭ରୁ ଅକ୍ଟୋବର ୧୭ ପର୍ଯ୍ୟନ୍ତ ପାଳନ କରାଯିବ। ପ୍ରଥମ ଦିନର କାର୍ଯ୍ୟକ୍ରମରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ରଙ୍ଗୋଲି ପ୍ରସ୍ତୁତ କରିଥିଲେ। ମା' ସୁରେଶ୍ୱରୀଙ୍କ ପୀଠରେ ୧ ହଜାର ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରେ ଭାରପ୍ରାପ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି ବିଶ୍ୱଜିତ ପରିଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରୀତି ସୁନା ପ୍ରମୁଖ ଉପସ୍ଥିତ ଥିଲେ।

**ଡୁଙ୍ଗୁରିପାଲି:** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବସଷ୍ଟାଣ୍ଡ ନିକଟ କପିଳେଶ୍ୱର ବାବାଙ୍କଠାରେ ୧୦୮ ଦୀପ ପ୍ରଜ୍ୱଳନ କରାଯାଇଛି। ବିରେନ୍ଦ୍ର କଠାର, ନିତେଇ ପାଲ, ପ୍ରବୀର ସାହୁ, ଗୋବିନ୍ଦ ବାରିକ, ରୁଦ୍ର କିଶୋର ମହଲା, ସୁରେଶ ପଧାନ, ଅଶୋକ ସାହୁ, ଅଶୋକ ପଧାନ, ବେଣୁଧର ଦଣ୍ଡସେନା, ଶେଷଦେବ ପୋଢ ପ୍ରମୁଖ ଉପସ୍ଥିତ ଥିଲେ।

## ଇଭି ରାମସ୍ୱାମୀ ପେରିଅରଙ୍କ ୧୪୭ତମ ଜୟନ୍ତୀ

**ଡୁଙ୍ଗୁରିପାଲି,୧୭ ।୯ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଲକ୍ଷେ ଘର ଗଣ୍ଡା ସମାଜ କାର୍ଯ୍ୟାଳୟରେ ଇଭି ରାମସ୍ୱାମୀ ପେରିଅରଙ୍କ ୧୪୭ତମ ଜୟନ୍ତୀ ପାଳିତ ହୋଇଛି। ଡୁଙ୍ଗୁରିପାଲି ବ୍ଲକର ଲକ୍ଷେ ଘର ଗଣ୍ଡା ସମାଜର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ବାଗଙ୍କ ଅଧକ୍ଷେତରେ ଅନୁଷ୍ଠିତ ସଭାରେ ସୁବର୍ଣ୍ଣପୁର ଜିଲ୍ଲାର ବାମସେପ ସଂଯୋଜକ ଖଗେଶ୍ୱର କୁମ୍ଭାର, ଡୁଙ୍ଗୁରିପାଲି ବ୍ଲକର ଅନୁସୂଚିତ ଜାତି କଲ୍ୟାଣ ସଙ୍ଘର ସଭାପତି ସୁରୁବାବୁ ନନ୍ଦ, ଡୁଙ୍ଗୁରିପାଲି ବ୍ଲକର ଏସସି / ଏସଟି ସମନ୍ୱୟ ସମିତି କଲ୍ୟାଣ ସଂଘର ସମ୍ପାଦକ ପ୍ରକାଶ କୁମ୍ଭାର ଯୋଗ ଦେଇଥିଲେ। ଗଣ୍ଡା ସମାଜର ଉପଦେଷ୍ଟା ଅଶୋକ ନାଏକ, ଆଇନଜୀବୀ ଲକ୍ଷ୍ମଣ ଭରାସାଗର, ପାତ୍ର ନାଗ, ଗରିବ ବାଗ, ଅସରପି କୁମ୍ଭାର, ନିତ୍ୟାନନ୍ଦ ଦୀପ, ପଦ୍ମନ କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

## ଚନ୍ଦ୍ରଚୂଡ଼ ମନ୍ଦିରରେ ସଫେଇ କାର୍ଯ୍ୟ

**ବୌଦ୍ଧ,୧୭ ।୯ (ସମିସ):** ବିଜେପି ପକ୍ଷରୁ ମାସବ୍ୟାପୀ ସେବା ସଂକଳ୍ପ ଅଭିଯାନ ଆଜିଠାରୁ ଆରମ୍ଭ ହୋଇଛି। ଏହି ଅଭିଯାନର ପ୍ରଥମ ଦିନରେ ବୌଦ୍ଧ ନଗର ମଣ୍ଡଳ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବୌଦ୍ଧ ନଗର ମଣ୍ଡଳ ସଭାପତି ଗଜେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଆଜି ପ୍ରଥମ ଦିନରେ ଚନ୍ଦ୍ରଚୂଡ଼ ମନ୍ଦିର ପ୍ରାଙ୍ଗଣରେ ସଫେଇ କାର୍ଯ୍ୟ କରାଯାଇଥିଲା। ପୂର୍ବତନ ଜିଲ୍ଲା ବିଜେପି ସଭାପତି ବିପ୍ର ଚରଣ ମହାନ୍ତି, ମନୋରଞ୍ଜନ ଦାଶ, କାର୍ଯ୍ୟକାରିଣୀ ସଦସ୍ୟ ସଂଯୁକ୍ତା ନାଏକ, ବରିଷ୍ଠ ବିଜେପି ନେତା ସୂର୍ଯ୍ୟ ନାରାୟଣ ମହାପାତ୍ର, ପ୍ରଦୋଷ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

## ଦୋକାନ ତାଲା ଭାଙ୍ଗି ଚୋରି ଅଭିଯୋଗ

**ବୌଦ୍ଧ,୧୭ ।୯ (ସମିସ):** ବୌଦ୍ଧ ସହରର ରାଜନପାଲି ଛକ ସ୍ମାର୍ଟ ବଜାର ସମ୍ମୁଖରେ ଥିବା ଶେଷଦେବ ବଗର୍ତ୍ତିଙ୍କଟି ଷ୍ଟଲର ଲୁହା କ୍ୟାବିନ ତାଲା ଭାଙ୍ଗି କେହି ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଗତ ଦୁଇ ଦିନ ହେଲା ନୂଆଁଖାଇ ପାଇଁ ଦୋକାନ ବନ୍ଦ ଥିଲା। ଆଜି ସକାଳେ ଶେଷଦେବ ଦୋକାନ ଖୋଲିବା ପାଇଁ ଆସି କ୍ୟାବିନର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ପାଳିତ

**ଦେବଗଡ଼,୧୭ ।୯ (ସମିସ):** ଗାଙ୍ଗନଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଜନ୍ମଦିନ ପାଳିତ ହୋଇଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷଣ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମୋଦୀଜୀ ଦୀର୍ଘାୟୁ ସୁସ୍ଥ ଓ ମଙ୍ଗଳମୟ ଜୀବନ କାମନା କରାଯାଇଥିଲା। ଏଥିସହ ଚାରାରୋପଣ କରାଯାଇ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ଟିକେଶ୍ୱର ଦେହୁରୀଙ୍କ ମାର୍ଗଦର୍ଶନରେ ବରିଷ୍ଠ ଶିକ୍ଷକ ହରେନ ପ୍ରଧାନସହଯୋଗ କରିଥିବା ବେଳେ ଶିକ୍ଷକ ଅମିତ ସାହୁ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

















## ନିଖୋଜ ବ୍ୟକ୍ତିର ମୃତଦେହ ଉଦ୍ଧାର

**କେସିଙ୍ଗା, ୧୭ ।୯ (ସମିସ):** ସାରା ପଶ୍ଚିମ ଓଡ଼ିଶାରେ ନୂଆଁଖାଇ ଗଣପର୍ବ ପାଇଁ ଚାରିଆଡେ ଖୁସିର ମାହୋଲ ରହିଥିବାବେଳେ କେସିଙ୍ଗା ଥାନା ମାଟିଆ ଗ୍ରାମର ଦୂତୀଆ ମାଝୀଙ୍କ ଘରେ ଦୁଃଖର ପାହାଡ଼ ପଡ଼ିଛି । କାଣ୍ଟେଲ ପାଖ ବୋରଘାଟ ବ୍ରିଜ ତଳେ ମିଳିଛି ଦୂତିଆ ମାଝୀ(୩୫)ଙ୍କ ମୃତଦେହ । ସୂଚନା ଅନୁଯାୟୀ, ବର୍ଷକୁ ଥରେ ବୋରଘାଟ ବ୍ରିଜ୍ ପାଖରେ ଥିବା ଦେବୀ ମନ୍ଦିରରେ ଯାତ୍ରା ହୋଇଥାଏ । ସେହି ଯାତ୍ରାକୁ ଆସିଥିବା ଦୁତୀୟା ଆଉ ଘରକୁ ଫେରି ନ ଥିଲେ । ପରିବାର ଲୋକ ଖୋଜାଖୋଜି କରିବା ପରେ ଦୂତିଆ ନ ମିଳିବାରୁ ଉକ୍କେଲା ଫାଣ୍ଡି ରେ ଏକ ଲିଖିତ ଅଭିଯୋଗ କରିଥିଲେ । ହେଲେ ଅଞ୍ଚଳର ନୂଆଁଖାଇ ସରିବା ପରେ ଗୁରୁବାର କିଛିଲୋକ ସେହି ବୋରଘାଟ ବ୍ରିଜରୁ କିଛି ଦୂରରେ ଏକ ମୃତଦେହ ପଡ଼ିଥିବା ଦେଖି ପୁଲିସକୁ ଜଣାଇଥିଲେ । ପରିବାର ଲୋକ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ । ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ୍ ଜବତ କରି ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରି ଏହା ହତ୍ୟା ନା ଆତ୍ମହତ୍ୟା ନା ମଦ ନିଶାରେ ବ୍ରିଜ ଉପରୁ ପଡ଼ି ଦୂତିଆଙ୍କ ଜୀବନ ଯାଇଛି ତଦନ୍ତ ଚାଲୁଥିବା ଫାଣ୍ଡି ଅଧିକାରୀ କହିଛନ୍ତି ।

## ଉପଖଣ୍ଡ ଚିକିତ୍ସାଳୟ କ୍ୟାବିନରୁ ମୋବାଇଲ ଚୋରି

**ଧର୍ମଗଡ଼, ୧୭ ।୯ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି । ହସ୍ପିଟାଲ ପରିସରରୁ ବାରମ୍ବାର ଚୋରି ହେଉଥିବାବେଳେ ଏବେ ରୋଗୀଙ୍କ କ୍ୟାବିନ ଭିତରୁ ମୋବାଇଲ୍ ଫୋନ୍ ଚୋରି ହୋଇଥିବା ନେଇ ଧର୍ମଗଡ଼ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ଅନୁଯାୟୀ, ଧର୍ମଗଡ଼ ଉପକଣ୍ଠ ବସ୍ତିପଡ଼ା ଅଞ୍ଚଳର ପ୍ରଶାନ୍ତ କୁମାର ନାଏକ ନିଜ ଅସୁସ୍ଥ ମା'ଙ୍କୁ ଚିକିତ୍ସା ପାଇଁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଗତକାଲି ବିଳମ୍ବିତ ରାତିରେ ମା'ଙ୍କୁ ଜଗି ଶ୍ରୀ ନାଏକ କେବିନ ଭିତରେ ଶୋଇପଡ଼ିଥିଲେ । ଏହାର ସୁଯୋଗ ନେଇ କୌଣସି ଜଣେ ଦୁର୍ବୃତ୍ତ ତାଙ୍କ ମୋବାଇଲ୍ ଚୋରି କରି ଚମ୍ପଟ ମାରିଥିଲା । ଆଜି ସକାଳେ ଶ୍ରୀ ନାଏକ ଏସମ୍ପର୍କରେ ଧର୍ମଗଡ଼ ଥାନାରେ ଅଭିଯୋଗ କରିଛନ୍ତି । ତୁରନ୍ତ ଏଠାରେ ପୁଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ହସ୍ପିଟାଲ ପରିସର ମଧ୍ୟରେ ଏକ ସ୍ଥାୟୀ ପୁଲିସ ଆଉଟ୍‌ପୋଷ୍ଟ ସ୍ଥାପନ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ହୃଦ୍‌ଘାତରେ ବରିଷ୍ଠ ବିଜେଡି ନେତାଙ୍କ ପରଲୋକ

**ଜୁନାଗଡ଼, ୧୭ ।୯ (ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ବିଜେଡି ନେତା ଶିବ ପ୍ରସାଦ ଭୋଇ (୬୩)ଙ୍କ ବୁଧବାର



ବିଳମ୍ବିତ ରାତିରେ ହୃଦ୍‌ଘାତ ଯୋଗୁଁ ନିଜ ବାସଭବନରେ ପରଲୋକ ହୋଇଯାଇଛି । ଶ୍ରୀ ଭୋଇ ରାଜପୁର ପଞ୍ଚାୟତରୁ ଦୁଇ ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇ ଅଞ୍ଚଳର ବିକାଶ ପାଇଁ ଅନେକ ଜନକଲ୍ୟାଣକର କାର୍ଯ୍ୟ କରିଥିଲେ । ସେ ଜିଲ୍ଲା ସରପଞ୍ଚ ସଂଘର ପୂର୍ବତନ ସଭାପତି ଭାବେ ଦାୟିତ୍ୱ ତୁଲାଇବା ସହ ପଣ୍ଡରାମାଳି ଯୁବବାହିନୀର ଉପସଭାପତି ମଧ୍ୟ ରହିଥିଲେ । ତାଙ୍କ ବିୟୋଗରେ ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି । ସେ କହିଛନ୍ତି, ପୂର୍ବତନ ସରପଞ୍ଚ ମୋର ସହଯୋଗୀ ଶିବ ପ୍ରସାଦ ଭୋଇଙ୍କ ଆକସ୍ମିକ ଦେହାନ୍ତ ଖବର ଶୁଣି ମୁଁ ଗଭୀର ମର୍ମାହତ ।

## ପୋଖରୀବନ୍ଧରେ ମା' ଦୁର୍ଗାଙ୍କ ମାଟି ଅନୁକୂଳ

**ଲାଞ୍ଜିଗଡ଼ି, ୧୭ ।୯ (ସମିସ):** ସପ୍ତମୀ ତିଥି ତଥା ବିଶ୍ୱକର୍ମା ପୂଜା ଅବସରରେ ପୋଖରୀବନ୍ଧ ଦୁର୍ଗା ପୂଜା କମିଟି ତରଫରୁ ମା' ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ନିମନ୍ତେ ମାଟି ଅନୁକୂଳ କରାଯାଇଛି । ସକାଳ ୭ଟା ସମୟରେ ମୂର୍ତ୍ତି କାରିଗର କାଳୀପ୍ରସାଦ ମଣ୍ଡଳ ପୂଜାର୍ଚ୍ଚନା କରି ମାଟି ଅନୁକୂଳ କରିଥିଲେ । ଏହି କାର୍ଯ୍ୟକ୍ରମରେ କମିଟିର ସଭାପତି ଡ. ରମେଶ ଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସଭାପତି ସନାତନ ବିଶି, ସାଧାରଣ ସମ୍ପାଦକ ଭବାନୀଶଙ୍କର ବାଣୁଆ, ଉପ-ସଭାପତି କର୍ଣ୍ଣମାଝୀ, କୋଷାଧ୍ୟକ୍ଷ ଶଙ୍କର ପ୍ରଧାନୀ, ଉପଦେଷ୍ଟା ପିତାମ୍ବର ବିଶି, ଭଗବାନ ରାଉତ, କେଶବ ଗଉଡ, ମାଧବ ସାହୁ, ମିଲୁ ବାରିକ, ସଦାଶିବ ମାଝୀ, ବକଟପୁର ଗୌନ୍ତିଆ ବିକ୍ରମାଦିତ୍ୟ ବାରିକ, ପୋଖରୀବନ୍ଧ ଗାଁ ଗୌନ୍ତିଆ କୁଳମଣି ବାଣୁଆ ପ୍ରମୁଖ ଉପସ୍ଥିତ ଥିଲେ ।

### ବାରମ୍ବାର ହାତୀ ମୃତ୍ୟୁ ଓ ବନ ଅପରାଧ ଅଭିଯୋଗ

# ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଲେ ରାଜ୍ୟ ସରକାର

**ଭବାନୀପାଟଣା, ୧୭ ।୯ (ସମିସ)**

କଳାହାଣ୍ଡି ଜିଲ୍ଲା ଏକ ସୁରକ୍ଷିତ ହାତୀ କରିଡରବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି । କିନ୍ତୁ କଳାହାଣ୍ଡି ଜଙ୍ଗଲରେ ହାତୀ ଅସୁରକ୍ଷିତ । ବାରମ୍ବାର ହାତୀ ମୃତ୍ୟୁ ଉଦ୍‌ବେଗର କାରଣ ହୋଇଛି । ତେଣୁ ହାତୀ ମୃତ୍ୟୁ ଓ ବନ ଅପରାଧ, ବେଆଇନ ଗଛ କଟା ଏବଂ ବନୀକରଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗକୁ ନେଇ ରାଜ୍ୟ ସରକାରଙ୍କ ବନ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଜାରି କରାଯାଇଛି । ଏ ସଂକ୍ରାନ୍ତରେ ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ବିଶିଙ୍କ ତରଫରୁ ଗତ ୯ ଅଗଷ୍ଟ ୨୦୨୬ରେ ଦାଖଲ ହୋଇଥିବା ଅଭିଯୋଗକୁ ଭିତ୍ତିକରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଏହି ନିର୍ଦ୍ଦେଶନାମା ୧୭ ସେପ୍ଟେମ୍ବରରେ ଏହି ପତ୍ର ଜାରି କରାଯାଇଛି । ବିଭାଗୀୟ ବିଶେଷ ସଚିବ ସ୍ୱୟମ ମଲ୍ଲିକଙ୍କ ଦସ୍ତଖତରେ ଜାରିପତ୍ରରେ ଓଡ଼ିଶାର ମୁଖ୍ୟ ବନ ସଂରକ୍ଷକ ଏବଂ ପିସିସିଏଫ (ବନ୍ୟ ପ୍ରାଣୀ) ତଥା ମୁଖ୍ୟ ବନ୍ୟଜନ୍ତୁ ସଂରକ୍ଷକଙ୍କୁ ଅଭିଯୋଗର ତଦନ୍ତ କରି ତୁରନ୍ତ ବିଭାଗକୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି । ଅଭିଯୋଗରେ କଳାହାଣ୍ଡି ଉତ୍ତର ଓ ଦକ୍ଷିଣ ବନଖଣ୍ଡରେ ହାତୀ ମୃତ୍ୟୁର କାରଣ, ବ୍ୟବଚ୍ଛେଦ ରିପୋର୍ଟ, ବନ୍ୟଜନ୍ତୁ ସୁରକ୍ଷା ବ୍ୟବସ୍ଥା, ଜଙ୍ଗଲରେ ବେଆଇନ ଗଛ କଟା ଓ କାଠ ଚୋରାଚାଲାଣ, ଜବରଦଖଲ, ବନୀକରଣ କାମରେ ଅର୍ଥ ବ୍ୟୟ ଓ ବାସ୍ତବ କାର୍ଯ୍ୟାନ୍ୱୟନ ଯାଞ୍ଚ ଭଳି ବିଭିନ୍ନ ବିଷୟ ଉଠାଯାଇଛି । ଏହାସହ ଗଡ଼ିମୋଡ଼ା ଓ ଅନ୍ୟାନ୍ୟ ସମ୍ବେଦନଶୀଳ ଅଞ୍ଚଳରେ ବନ ଅପରାଧ ତଦନ୍ତ, ବନ ଅପରାଧୀଙ୍କ ବିରୋଧରେ ମାମଲା ଓ ଆଇନଗତ କାର୍ଯ୍ୟର ସ୍ଥିତି ଏବଂ ହାତୀଙ୍କ ବାସସ୍ଥାନ, ଜଳସମ୍ପଦ ଓ ଖାଦ୍ୟ ଉପଲବ୍ଧତାର ମଧ୍ୟ ଯାଞ୍ଚ ଦାବି କରାଯାଇଛି । ତଦନ୍ତରେ ସ୍ୱଚ୍ଛତା ଓ ନିରପେକ୍ଷତା ସୁନିଶ୍ଚିତ ପାଇଁ ସ୍ଥାନୀୟ ବନବିଭାଗ ବାହାରର ବରିଷ୍ଠ ଅଧିକାରୀ କିମ୍ବା ଟିମ୍‌କୁ ସାମିଲ କରିବାକୁ ମଧ୍ୟ ଅଭିଯୋଗକାରୀ ଅନୁରୋଧ କରିଛନ୍ତି । ସରକାରୀ ପତ୍ରର ଏକ ନକଲ ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବଙ୍କୁ ସୂଚନା ପାଇଁ ପଠାଯାଇଥିବା ଜଣାପଡ଼ିଛି । ତେବେ ଏହି ସରକାରୀ ପତ୍ର ତଦନ୍ତ ନିର୍ଦ୍ଦେଶ ସମ୍ପର୍କିତ ହୋଇଥିବାରୁ ଅଭିଯୋଗର ସତ୍ୟତା କିମ୍ବା କୌଣସି ଅଧିକାରୀଙ୍କ ଦୋଷ ଏପର୍ଯ୍ୟନ୍ତ ପ୍ରମାଣିତ ହୋଇଛି ବୋଲି କୁହାଯାଇପାରିବ ନାହିଁ । ଏବେ ତଦନ୍ତ ରିପୋର୍ଟ ଓ ବିଭାଗୀୟ ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି ।

## ବୀରବାଦ୍ୟ ଘୁମୁରା ନୃତ୍ୟରେ କମ୍ପିଲା ରାଷ୍ଟ୍ରପତି ଭବନ




**କେସିଙ୍ଗା, ୧୭ ।୯ (ସମିସ):** କଳାହାଣ୍ଡିର ଲୋକନୃତ୍ୟ ଘୁମୁରା ଆଜି ଦିନର ସାରା ଭାରତ ବର୍ଷରେ ବେଶ ଜଣାଶୁଣା । ପଶ୍ଚିମ ଓଡ଼ିଶା କୃଷିଭିତ୍ତିକ ମହାନ୍ ଗଣପର୍ବ 'ନୂଆଁଖାଇ' ଅବସରେ କଳାହାଣ୍ଡିର ପ୍ରସିଦ୍ଧ ବୀରବାଦ୍ୟ ଘୁମୁରାର ତାଳେତାଳେ ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳନ କରିଛନ୍ତି । ଏହି ଅବସରରେ ପଶ୍ଚିମ ଓଡ଼ିଶାର କଳା, ଲୋକକଳା, ପରମ୍ପରା ଓ ସଂସ୍କୃତି ରାଷ୍ଟ୍ରପତି ଭବନରେ ପ୍ରତିଫଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ଅନୁଷ୍ଠାନ ନୃତ୍ୟସାଗର ସାଂସ୍କୃତିକ ଅନୁଷ୍ଠାନର ନୃତ୍ୟଶିଳ୍ପୀମାନେ ଘୁମୁରା ନୃତ୍ୟ ପରିବେଷଣ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଜିତେନ୍ଦ୍ର କୁମାର ଭୋଇଙ୍କ ନେତୃତ୍ୱରେ ୧୪ ଜଣ କଳାକାର ଘୁମୁରା ନୃତ୍ୟ ପରିବେଷଣ କରିଥିଲେ । ଏହା କଳାହାଣ୍ଡି ଜିଲ୍ଲା ପାଇଁ ନିଶ୍ଚିତ ଭାବେ ଏକ ଗର୍ବର ବିଷୟ ହୋଇଥିବା ବେଳେ ବିଶ୍ୱ ଦରବାରରେ ଘୁମୁରା ନୃତ୍ୟର ପରିଚୟ ଓ ପ୍ରସାର ସୃଷ୍ଟି କରିବାରେ ଏହି ପ୍ରଦର୍ଶନ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କଳାକାର ମହଲରେ ଚର୍ଚ୍ଚା ହେଉଛି ।

## ସ୍ୱଚ୍ଛତା କାର୍ଯ୍ୟକ୍ରମ ଓ ସମୂହ ପ୍ରଦୀପ ଦାନ

**ଥୁଆମୂଳ ରାମପୁର, ୧୭ ।୯ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ପାଳନ ଅବସରରେ ବିଜେପି ପକ୍ଷରୁ ସମଗ୍ର ଦେଶରେ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଏହି କ୍ରମରେ ଗୁରୁବାର କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ବିଜେପି ପକ୍ଷରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବିଜେପିର ବରିଷ୍ଠ ନେତା ତଥା ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ରମେଶ ମାଝୀ, ଜିଲ୍ଲା ଏସ୍.ସି ସେଲ୍‌ଫ ସଭାପତି ବିଷ୍ଣୁ ନାଏକ, ଲୋକସଭା ସାଂସଦ ପ୍ରତିନିଧି ପବିତ୍ର ନାଏକ, ମଣ୍ଡଳ ସଭାପତି ପୁଷ୍ପ ନାଏକ, ଦୟାନିଧି ଭୋଇ, ବରିଷ୍ଠ ନେତା ବିପିନ ବିହାରୀ ନାଏକ, ବାମୁନୁ ନାଏକ, ପୂର୍ବତନ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ପରିଚ୍ଛା, ସତ୍ରଘନ ଗହୀର, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷା କିଆମଣୀ ନାଏକଙ୍କ ସମେତ ବହୁ ବିଜେପି କର୍ମକର୍ତ୍ତା ଓ ସମର୍ଥକ ଉପସ୍ଥିତ ଥିଲେ ।

## ରେତ ନଦୀରେ ଭାସିଯାଇ ତିନି ନାବାଳକ ଗୁରୁତର

**କେସିଙ୍ଗା, ୧୭ ।୯ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ରେତନଦୀରେ ଥିବା ଅନ୍ତନଦୀ ପ୍ରୋଜେକ୍ଟ ବ୍ରିଜ ନିକଟରେ ଗାଧୋଉଥିବାବେଳେ ତିନି ନାବାଳକ ପାଣି ସ୍ରୋତରେ ଭାସିଯାଇ ଗୁରୁତର ହୋଇଥିବା ଜଣାପଡ଼ିଛି । ଜଲକୋ ଗ୍ରାମର ତିନି ଜଣ ବାଳକ ରେତନଦୀ ପ୍ରୋଜେକ୍ଟ ବ୍ରିଜ ଉପରୁ ଡେଇଁ ଡେଇଁ ଗାଧୋଉଥିବାବେଳେ ହଠାତ୍ ପାଣିର ପ୍ରବଳ ସ୍ରୋତରେ ଭାସିଯାଇଥିଲେ । ସେମାନଙ୍କ ଚିତ୍କାର ଶୁଣି ସ୍ଥାନୀୟଲୋକେ ତୁରନ୍ତ ଘଟଣା ସମ୍ପର୍କରେ ପ୍ରଶାସନକୁ ଖବର ଦେଇଥିଲେ । ଖବର ପାଇ କେସିଙ୍ଗା ତହସିଲଦାର, ପୁଲିସ ବିଭାଗ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଦୀର୍ଘ ସମୟର ପ୍ରୟାସ ପରେ ତିନି ଜଣଙ୍କୁ ପାଣିରୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା । ଉଦ୍ଧାର ପରେ ସେମାନଙ୍କୁ ଚିକିତ୍ସା ପାଇଁ ତୁରନ୍ତ ନିକଟସ୍ଥ କେସିଙ୍ଗା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା । ତେବେ ତିନି ଜଣଙ୍କ ମଧ୍ୟରୁ ଜଣେ ବାଳକଙ୍କ ଅବସ୍ଥା ଅଧିକ ଗୁରୁତର ଥିବାରୁ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି । ଅନ୍ୟ ଦୁଇ ଜଣ ବାଳକ ବିପଦମୁକ୍ତ ଥିବା ସୂଚନା ମିଳିଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଉଦ୍ଧାର ହୋଇଥିବା ତିନି ଜଣ ବାଳକ ଜଲକୋ ଗ୍ରାମର ଘଟଣା ପରେ ଅଞ୍ଚଳବାସୀ ନଦୀ ଓ ଜଳାଶୟ ନିକଟରେ ସୁରକ୍ଷା ବ୍ୟବସ୍ଥା ଜୋରଦାର କରିବା ସହ ସ୍ଥାନୀୟ ପୁଲିସ ପକ୍ଷରୁ ଅଭିଭାବକ ମାନଙ୍କୁ ନିଜ ସନ୍ତାନଙ୍କ ଉପରେ ଅଧିକ ନଜର ରଖିବାକୁ ଆହ୍ୱାନ କରିଛନ୍ତି ।

## ଧାନରେ ଅଜଣା ରୋଗପୋକ; ଚିନ୍ତାରେ ଚାଷୀ



**ମ.ରାମପୁର, ୧୭ ।୯ (ସମିସ):** ଚଳିତବର୍ଷ ବର୍ଷାର ବିଳମ୍ବ ସତ୍ତ୍ୱେ ଖରିପ ଚାଷ ଅଞ୍ଚଳରେ ଭଲ ହୋଇଛି । ହେଲେ ଚାଷୀକୁ ସମସ୍ୟା ଛାଡୁ ନାହିଁ । ଏବେ ଧାନ ଫସଲରେ ଏକ ଅଜଣା ପୋକ ଲାଗି ଚାଷୀକୁ ଘୋର ଚିନ୍ତାରେ ପକେଇଛି । ଧାନରେ ପୋକ ଲାଗିବା ଯୋଗୁଁ ରୁଆଧାନ ଆଉ ବଢ଼ି ପାରୁନାହିଁ । ଧାନପତ୍ର ହଳଦିଆ ରଙ୍ଗର ହେଉଛି । ବ୍ଲକ ଅଞ୍ଚଳର ଶହ ଶହ ଏକର ଜମିରେ ଏଭଳି ଅବସ୍ଥା ଦେଖା ଦେଇଛି । ଏନେଇ ଚାଷୀକୁ ସଚେତନ କରାଯାଉ ନାହିଁ କି ପରାମର୍ଶ ମଧ୍ୟ ମିଳୁନାହିଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି । ଧାନ ଫସଲ ପୋକଦାଉରୁ କେମିତି ରକ୍ଷାହେବ ସେନେଇ ଚାଷୀ ଖୁବ ଚିନ୍ତିତ । କିଛି ଚାଷୀ ମୁଠାଏ ବି ଧାନ ପାଇବେ ନାହିଁ । କୃଷି ବିଭାଗ ନିରବ ଦ୍ରଷ୍ଟା ସାଜି ଥିବା ବେଳେ କର୍ମଚାରୀଙ୍କ ମଧ୍ୟ ଦେଖା ନାହିଁ । ମୋହନଗିରି ଅଞ୍ଚଳର ଚାଷୀ ପୂର୍ଣ୍ଣାନନ୍ଦ ବଗର୍ତି, ପିତବାସ ବେହେରା, ଖଗେଶ୍ୱର ସାହୁ, ତୁମନ ଭୋଇ, ରେବକାନ୍ତ ମାଝୀ, ଶଙ୍କର ପାତ୍ର ଓ ମ.ରାମପୁର ଓ ଆମ୍ବଗାଁର ଚାଷୀ ମହେଶ୍ୱର ମହାଖୁଡ଼, ପ୍ରଶାନ୍ତ ସାମନ୍ତରା, ଲକ୍ଷ୍ମୀଧର ସିଂ ବଳମକୁନ୍ଦ ମହାଖୁଡ଼, ଦିଲୀପ ମହାଖୁଡ଼ ପ୍ରମୁଖ ଚାଷୀ କୃଷି ବିଭାଗ ଏ ଦିଗ ପ୍ରତି ତୁରନ୍ତ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବା ପାଇଁ ଦାବି ଜଣାଇଛନ୍ତି । ଏନେଇ ଆମେ କୃଷି ଅଧିକାରୀ ଜିତେନ୍ଦ୍ର ସିଂ ହୀରାନକୁ ଫୋନ ଯୋଗେ ଯୋଗାଯୋଗ କରିବାରୁ କଲ୍ ଗ୍ରହଣ କରି ନ ଥିଲେ । ଅନ୍ୟ ଅଧିକାରୀ ତଥା ବିଟିଏମ ଧରମ ସିଂଙ୍କୁ ପଚାରିବାରୁ ଆମ ପାଖରେ ଏନେଇ କିଛି ଖବର ନାହିଁ । ଆସନ୍ତାକାଲି କର୍ମଚାରୀ ପଠେଇବି ବୋଲି କହିଥିଲେ ।

## ବିଦ୍ୟୁତ ସବ୍‌ଷ୍ଟେସନରେ ବିଶ୍ୱକର୍ମା ପୂଜା



**ଥୁଆମୂଳ ରାମପୁର, ୧୭ ।୯ (ସମିସ):** ଥୁଆମୂଳ ରାମପୁର ସଦର ମହକୁମାସ୍ଥିତ ବିଦ୍ୟୁତ ସବ୍‌ଷ୍ଟେସନ ପରିସରରେ ପବିତ୍ର ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି । ପୂଜକ ଭାବେ ଆଲୋକ ରଞ୍ଜନ ମୁଣ୍ଡ ପୂଜାର୍ଚ୍ଚନା କରିଥିବା ବେଳେ ଭାନୁ ପ୍ରତାପ ମୁଣ୍ଡ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ । ଇଂ. ଅନିଲ କୁମାର ବାରିକ ଏବଂ ଇଂ. ସୁଭ୍ରଜିତ ଜେନାଙ୍କ ଉପସ୍ଥିତିରେ ପୂଜା ଅନୁଷ୍ଠିତ ହୋଇଥିଲା । ପୂଜାରେ ବିଭାଗୀୟ କର୍ମଚାରୀ ସୁଧୀର କୁମାର ନାୟକ, ନିହାର ରଞ୍ଜନ ପ୍ରଧାନୀ, ଉତ୍ତମ କୁମାର ସିଂ, ରମେଶ ପ୍ରଧାନୀ, ଅଖିଳ ଦଳପତି, ଉପେନ୍ଦ୍ର ନାଏକ, ବାବୁଲି ନାଏକ, ସୁଲକାନ୍ତ ନାଏକ, ଜଗଜୀବନ ନାଏକ, ରମେଶ ନାଏକ, ଭଗବାନ ଗଉଡ, କାନ୍ତ ଗଉଡ, ଜଗମୋହନ ଗଉଡ, ଜିତୁ ନାଏକ, ମହେଶ ଧଙ୍ଗଡ଼ା ମାଝୀ, ରାହୁଲ ନାଏକ, ସ୍ୱପ୍ନିଲ ପାଣିଗ୍ରାହୀ, ରୁପାସିଂ ମାଝୀ, ନିର୍ମଳ ପୁଝାରୀ ଓ ପ୍ରହରାଜ ଦୁର୍ଗା ପ୍ରମୁଖ ଉପସ୍ଥିତ ଥିଲେ ।

## କ୍ଷୁଦ୍ର ଚାଷୀଙ୍କ ଜୀବିକାକୁ ସୁଦୃଢ଼ କରୁଛି 'ଆଗ୍ରହୀ ଚାଷୀ ସଂଗଠନ'

**ଭୁବନେଶ୍ୱର, ୧୭ ।୯ (ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର 'ଆଗ୍ରହୀ କୃଷି ଉତ୍ପାଦନ ସଂଗଠନ' ଆଜି କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଜୀବିକାକୁ ସୁଦୃଢ଼ କରିବାରେ ଏକ ସଫଳ ଓ ପ୍ରେରଣାଦାୟୀ ମେଡଲ ଭାବେ ଉଭା ହୋଇଛି । ଏହା ଗଠନ ହେବା ପୂର୍ବରୁ ଏହି ଅଞ୍ଚଳର ଚାଷୀମାନେ ସୀମିତ ବଜାର ସୁଯୋଗ, ମଧ୍ୟସ୍ଥିଙ୍କ ଶୋଷଣ, କମ୍ ଆଦାୟ ଭଳି ଜଟିଳ ସମସ୍ୟାର ସମ୍ମୁଖୀନ ହେଉଥିଲେ । ନିଜ ଉତ୍ପାଦର ଉଚିତ୍ ମୂଲ୍ୟ ନ ପାଇବାରୁ ସେମାନଙ୍କ ଆର୍ଥିକ ସ୍ଥିତି ଅସ୍ଥିର ରହିବା ସହିତ ଚାଷକୁ ଏକ ଲାଭଜନକ ବ୍ୟବସାୟରେ ପରିଣତ କରିବା ଏକ ବଡ଼ ଆହ୍ୱାନ ହୋଇପଡ଼ିଥିଲା । ଏହି ଗମ୍ଭୀର ପରିସ୍ଥିତିକୁ ବଦଳାଇବା ପାଇଁ ୨୦୨୨ରେ ମାତ୍ର ୧୦ ଚାଷୀଙ୍କୁ ନେଇ ଏହି ଉଦ୍ୟମ ଆରମ୍ଭ ହୋଇଥିଲା । ବର୍ତ୍ତମାନ ବଜାର ସଂଯୋଗ କ୍ଷେତ୍ରରେ ଏହି ଏଫପିଓ ଏକ ବିରାଟ ପରିବର୍ତ୍ତନ ଆଣିପାରିଛି । ଭବାନୀପାଟଣା, ଟିଟିଲାଗଡ଼ ଏବଂ ରାୟପୁର (ଛତିଶଗଡ଼) ଭଳି ଆଞ୍ଚଳିକ ବ୍ୟବସାୟିକ କେନ୍ଦ୍ରଗୁଡ଼ିକ ସହ ସିଧାସଳଖ ସଂଯୋଗ ସ୍ଥାପନ କରାଯିବା ଫଳରେ ଚାଷୀମାନେ ମଧ୍ୟସ୍ଥିଙ୍କ ବିନା ନିଜ ଉତ୍ପାଦ ବିକ୍ରି କରି ପ୍ରତି କ୍ୱିଣ୍ଟାଲରେ ୨୦୦ରୁ୩୦୦ ଟଙ୍କା ପର୍ଯ୍ୟନ୍ତ ଅଧିକ ଆୟ କରୁଛନ୍ତି । ଏହାସହିତ ସଂଗଠନ ପକ୍ଷରୁ ୫୦%ରୁ ଅଧିକ ସଦସ୍ୟଙ୍କୁ ଗୁଣାତ୍ମକ ଇନ୍‌ପୁଟ୍, ବିହନ ଓ ଉନ୍ନତ କୃଷି ସହାୟତା ଯୋଗାଇ ଦିଆଯାଉଛି, ଯାହା ଫସଲର ଉତ୍ପାଦନ କ୍ଷମତା ଏବଂ ସଂରକ୍ଷଣ ଅବଧିକୁ ବୃଦ୍ଧି କରିଛି । ଚାଷୀଙ୍କ ଦୃଢ଼ ବିଶ୍ୱାସ ଓ ପ୍ରଭାବଶାଳୀ ପରିଚାଳନା ଯୋଗୁଁ ମାତ୍ର ୩ ବର୍ଷ ମଧ୍ୟରେ ସଦସ୍ୟ ସଂଖ୍ୟା ୧୦ରୁ ବୃଦ୍ଧି ପାଇ ୬୫୦ରେ ପହଞ୍ଚିଛି ଏବଂ ୩୦ଟି ଗ୍ରାମର




ପ୍ରାୟ ୭୦୦ଏକର ଜମିକୁ କୃଷି କାର୍ଯ୍ୟ ସମ୍ପ୍ରସାରିତ ହୋଇଛି । ସେହିପରି ଆର୍ଥିକ କାରବାର କ୍ଷେତ୍ରରେ ମଧ ପ୍ରାରମ୍ଭିକ ୨୦ଲକ୍ଷ ଟଙ୍କାରୁ ବୃଦ୍ଧି ପାଇ ୨୦୨୪-୨୫ ମସିହାରେ ଏହା ପ୍ରାୟ ୧କୋଟି ଟଙ୍କାରେ ପହଞ୍ଚିଛି । ଏହି ସଂଗଠନର ବିକାଶ ଯାତ୍ରାରେ କାର୍ଯ୍ୟକାରୀ ସଂସ୍ଥା ଭାବେ ନାବାର୍ଡର ଆର୍ଥିକ ପରିଚାଳନା ଓ ବ୍ୟବସାୟ ଯୋଜନା କ୍ଷେତ୍ରରେ ମାଗଦର୍ଶନ ଦେଇଛି । ମହାଶକ୍ତି ଫାଉଣ୍ଡସନ୍ କୃଷକମାନଙ୍କୁ ସଂଗଠିତ କରିବା, ଦକ୍ଷତା ବିକାଶ ଓ ବଜାର ସଂଯୋଗ ସୃଷ୍ଟିରେ ସହଯୋଗ କରିଛି । ଓୟୁଏଟି ଦ୍ୱାରା ପରିଚାଳିତ ସେଣ୍ଟର ଅଫ ଏକ୍‌ସେଲେନ୍ସ, କଟକ-କଳାହାଣ୍ଡି ଓ ଉଦ୍ୟାନ କୃଷି ବିଭାଗର ମିଳିତ ସହେଯାଗରେ ଭର୍ଚୁଆଲ ମିଟିଂ ଓ ଏକ୍ସପାଜର ଭିଜିଟ୍, କନଭର୍ଜେନ୍ସ ମିଟିଂ, ୱାର୍କସର୍ପ ଆୟୋଜନ କରାଯାଇ କୃଷକମାନଙ୍କୁ ଆଧୁନିକ କୃଷି ଜ୍ଞାନ ପ୍ରଦାନ କରାଯାଉଛି । ଆଜି ଚାଷୀମାନେ କେବଳ ଉତ୍ପାଦକ ନୁହଁନ୍ତି ବରଂ ବ୍ୟବସାୟ ପରିଚାଳନାରେ ସକ୍ଷମ ହୋଇପାରିଛନ୍ତି । ଏହି ସାଧାରଣ ଚାଷୀମାନଙ୍କ ଅସାଧାରଣ ସଂଗ୍ରାମ ଓ ସଫଳତାର ଗାଥା ଜାତୀୟସ୍ତରରେ ଗୁଞ୍ଜରିତ ହୋଇଛି । ପ୍ରଧାନମନ୍ତ୍ରୀ ନେରନ୍ଦ୍ର ମୋଦୀ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ 'ଆଗ୍ରହୀ ଚାଷୀ ଏଫପିଓ'ର ପରିଶ୍ରମ, ସଫଳତାର ଯାତ୍ରା ଓ ଆର୍ଥିକ ଅଗ୍ରଗତିର ଉଲ୍ଲେଖ କରି ପ୍ରଶଂସା କରିଥିବା ସଂଗଠନ ପକ୍ଷରୁ କୁହାଯାଇଛି । କୃଷକ ସଶକ୍ତିକରଣ ବ୍ୟବସାୟିକ କ୍ଷେତ୍ରରେ କାର୍ଯ୍ୟଦକ୍ଷତା ପାଇଁ ସଂଗଠନକୁ ପୁରସ୍କୃତ କରାଯାଇଛି ।

## ଏକାଠି ନୂଆଁ ଖାଇଲେ ପାଣିଗ୍ରାହୀ ପରିବାରର ୧୫୦ ସଦସ୍ୟ

**କୋମନା, ୧୭ ।୯ (ସମିସ):** ପଶ୍ଚିମ ଓଡ଼ିଶାର ପ୍ରାଣର ପର୍ବ 'ନୂଆଁଖାଇ' ଭାଇଚାରା ଓ ଏକତାର ବାର୍ତ୍ତା ବାଣ୍ଟୁଥିବାବେଳେ ନୂଆପଡ଼ା ଜିଲ୍ଲା କୋମନା ଗାଁର ପାଣିଗ୍ରାହୀ ପରିବାର ଏହାକୁ ଏକ ଅନନ୍ୟ ଏବଂ ପ୍ରେରଣାଦାୟକ ରୂପ ଦେଇଛନ୍ତି । ପରିବାରର ସମସ୍ତ ସଦସ୍ୟ ଏକାଠି ହୋଇ ବେଶ୍ ଖୁସି ଏବଂ ଉଲ୍ଲାସର ସହ ନୂଆଁ ଖାଇଛନ୍ତି । କୋମନା ସ୍ଥିତ ବଜାର ପଡ଼ିଆ କଲ୍ୟାଣ ମଣ୍ଡପରେ ପାଣିଗ୍ରାହୀ ପରିବାରର ପ୍ରାୟ ୧୫୦ ଜଣ ସଦସ୍ୟ ଏକାଠି ବସି ମା'ସମଲେଶ୍ୱରୀଙ୍କ ପ୍ରସାଦ ତଥା ନୂଆଁ ଖାଇଥିଲେ । ବାହାରେ ଥା'ନ୍ତୁ କିମ୍ବା ଗାଁରେ, ସମସ୍ତେ ଏହି ବିଶେଷ ଦିନ ପାଇଁ ଏକାଠି ହୋଇଥିଲେ । ନୂଆଖାଇ ସାରିବା ପରେ ପରିବାରର ସମସ୍ତେ ପରସ୍ପରକୁ 'ଜୁହାର୍' ଭେଟ ହୋଇଥିଲେ ଏବଂ ବଡ଼ମାନଙ୍କ ଆଶୀର୍ବାଦ ନେଇଥିଲେ । ଏହି ଅବସରରେ ପରିବାରର ବୟସ୍କ ବ୍ୟକ୍ତିମାନଙ୍କ ସମେତ ଭଣଜା ଓ ଭାଣିଜୀମାନଙ୍କୁ ପାଣିଗ୍ରାହୀ ପରିବାର ପକ୍ଷରୁ ସମ୍ମାନିତ କରାଯାଇଥିଲା ।


**IN THE COURT OF CIVIL JUDGE SENIOR DIVISION, NUAPADA**
C.S No-36/2024

Santosh Samal and others ...................... Plaintiff
Vrs
Abhishek Bhatta and others .............................. Defendants

**SUMMONS UNDER ORDER V RULE 20 OF CPC**

To,
Smt. Mamata Bhatta @ Naik aged about 52 years W/O Mana Naikof Vill/PO-Bhunia PS-Kesinga Dist-Kalahandi Defendant No-11.

Take notice that the appellant has filed a civil suit bearing CS No- 36/2024 in the Court of Civil Judge Senior Division, Nuapada which is fixed on dated **06.10.2026** for hearing.

Take notice that, if no appearance is made on your behalf by yourself, your pleader, or by an authorised agent to act for you in this appeal, the application will be heard and determined in your absence.

Given under my hand and seal of this court on this **03.09.2026** day of 09.2026.

Civil Judge Senior Division , Nuapada



**IN THE COURT OF CIVIL JUDGE SENIOR DIVISION, NUAPADA**
C.S No-36/2024

Santosh Samal and others ...................... Plaintiff
Vrs
Abhishek Bhatta and others .............................. Defendants

**SUMMONS UNDER ORDER V RULE 20 OF CPC**

To,
Smt. Meena Bhatta @Rajlaxmi Jena aged abot 60 years W/O-Nityananda Jena of Vill/PO-Arda PS/DIST-Jharsuguda, Defendant No-9.

Take notice that the appellant has filed a civil suit bearing CS No- 36/2024 in the Court of Civil Judge Senior Division, Nuapada which is fixed on dated **06.10.2026** for hearing.

Take notice that, if no appearance is made on your behalf by yourself, your pleader, or by an authorised agent to act for you in this appeal, the application will be heard and determined in your absence.

Given under my hand and seal of this court on this **03.09.2026** day of 09.2026.

Civil Judge Senior Division , Nuapada


# ସ୍ୱାସ୍ଥ୍ୟସେବା ସଜାଡ଼ିବାକୁ ବିଜେଡିର ଦାବି

**ଭବାନୀପାଟଣା, ୧୭ ।୯ (ସମିସ)**



କଳାହାଣ୍ଡିରେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିଗିଡି ଯାଇଥିବା କାରଣରୁ ରୋଗୀ ଉପଯୁକ୍ତ ସେବାପାଇବାରୁ ବଞ୍ଚିତ । ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଏକ ଉଦ୍‌ବେଗର କାରଣ ପାଲଟିଛି । ସ୍ୱାସ୍ଥ୍ୟ ସେବାରେ ବ୍ୟାପକ ସୁଧାର ପାଇଁ ଆଜି କଳାହାଣ୍ଡି ଶହୀଦ୍ ରେଣ୍ଡୋମାଝୀ ମେଡିକାଲ କଲେଜ ଓ ହସ୍ପିଟାଲର ସୁପରିଟେଣ୍ଡେଣ୍ଟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ସାକ୍ଷାତକରି ବିଜୁ ଯୁବ ଜନତା ଦଳ ପକ୍ଷରୁ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯାଇଛି । ଗତ ସେପ୍ଟେମ୍ବର ୧୫ ତାରିଖ ମଧ୍ୟରାତ୍ରରେ ଆଇସିୟୁରେ ଭର୍ତ୍ତି ହୋଇଥିବା ରଶ୍ମିରଞ୍ଜନ ଦାସ ମିଶ୍ରଙ୍କ ଚିକିତ୍ସା ଅବହେଳା ଅଭିଯୋଗ ଏବଂ ତାଙ୍କ ମୃତ୍ୟୁ ପରେ ମଧ ଡାକ୍ତର ୨ ଘଣ୍ଟା ବିଳମ୍ବରେ ଆଇସିୟୁକୁ ଆସି ମୃତଘୋଷଣା କରିବା ଘଟଣାରେ ନିରପେକ୍ଷ ତଦନ୍ତ ଦାବି କରାଯାଇଛି । ଆଗାମୀ ଦିନରେ ସ୍ୱାସ୍ଥ୍ୟ ସେବାରେ ବ୍ୟାପକ ସୁଧାର ନ ହେଲେ ଆନ୍ଦୋଳନ କରାଯିବ ବୋଲି ଯୁବ ବିଜେଡି ପକ୍ଷରୁ ଶହୀଦ ରେଣ୍ଡୋମାଝି ମେଡିକାଲ କଲେଜର ସୁପରିଟେଣ୍ଡେଣ୍ଟଙ୍କୁ ଚେତାବନୀ ଦିଆଯାଇଛି । ସାଧାରଣ ଲୋକଙ୍କୁ ଗୁଣାତ୍ମକ ଓ ସ୍ୱାସ୍ଥ୍ୟ ସେବା ଯେପରି ସଠିକ୍ ଭାବରେ ମିଳିପାରିବ, ସେଥିପାଇଁ ତୁରନ୍ତ କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । ସେହିପରି, ଶହୀଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ରହିଥିବା ସମନ୍ୱୟର ଅଭାବ ଓ ପ୍ରଶାସନିକ ତାରତମ୍ୟକୁ ଦୂର କରି, ଉଭୟ ସଂସ୍ଥା ମଧ୍ୟରେ ଉତ୍ତମ ଯୋଗାଯୋଗ ଓ ସମନ୍ୱୟ ସ୍ଥାପନ କରାଗଲେ ଆଗାମୀ ଦିନରେ ରୋଗୀମାନଙ୍କୁ ଅଧିକ ସୁବ୍ୟବସ୍ଥିତ ଢଙ୍ଗରେ, ତ୍ୱରିତ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇପାରିବ । ଏଥିସହିତ, ଜରୁରୀକାଳୀନ ସ୍ଥିତିରେ ରୋଗୀଙ୍କ ଚିକିତ୍ସା, ରେଫରାଲ୍ ଓ ଆବଶ୍ୟକ ଚିକିତ୍ସାଗତ ସହାୟତା ପ୍ରଦାନରେ ଉଭୟ ସଂସ୍ଥା ମଧ୍ୟରେ ସ୍ପଷ୍ଟ ଦାୟିତ୍ୱ ନିର୍ଦ୍ଧାରଣ ଓ ଦ୍ରୁତ ଯୋଗାଯୋଗ ବ୍ୟବସ୍ଥା ରହିବା ଅତ୍ୟନ୍ତ ଆବଶ୍ୟକ ବୋଲି ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବରିଷ୍ଠ ବିଜେଡି ନେତା ପ୍ରଶାନ୍ତ ନାଏକ, ଜିଲ୍ଲା ଯୁବ ବିଜେଡି ସଭାପତି ଅବିନାଶ ଠାକୁର, ରାଜ୍ୟ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପସଭାପତି ମନିନ୍ଦ୍ର ମହାନ୍ତି, ଜିଲ୍ଲା ଛାତ୍ର ସଭାପତି ଅଜିତ ସାହୁ, ଯୁବନେତା ପିତବାସ ବେହେରା, ନବୀନ ନାୟକ, ଭୋଳାନାଥ ନାଗ ପ୍ରମୁଖ ଉପସ୍ଥିତ ଥିଲେ ।

ସକାଳ
THE SAKALA

# ସମ୍ପାଦକୀୟ



ରକ୍ଷଣଶୀଳତା ଦ୍ୱାରା ହିଁ ନିଶାମୁକ୍ତ ସମାଜ ଗଠନ ସମ୍ଭବ।
-ଓସ୍କାର ୱାଇଲ୍ଡ

## ୟୁସିସି ବିତର୍କ

୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଏନ୍‌ଡିଏ ଶାସିତ ୨୧ଟି ରାଜ୍ୟରେ ସମାନ ନାଗରିକ ସଂହିତା(ୟୁସିସି) କାର୍ଯ୍ୟକାରୀ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଘୋଷଣା କରିବା ପରେ ଏହାକୁ ନେଇ ପୁଣି ଥରେ ବିତର୍କ ସୃଷ୍ଟି ହୋଇଛି। ସମ୍ପ୍ରତି ଉତ୍ତରାଖଣ୍ଡରେ ୨୦୨୫ ଜାନୁଆରୀରୁ ଏହା କାର୍ଯ୍ୟକାରୀ ହୋଇସାରିଛି। ଗୁଜରାଟ୍‌ରେ ଗତ ମାର୍ଚ୍ଚ(୨୦୨୬)ରେ, ଆସାମ୍‌ରେ ଗତ ମେ'(୨୦୨୬) ଏବଂ ମଧ୍ୟପ୍ରଦେଶରେ ଗତ ଜୁଲାଇ(୨୦୨୬)ରେ ବିଧାନସଭାରେ ଏ ସମ୍ପର୍କିତ ବିଧେୟକ ପାରିତ ହୋଇ କାର୍ଯ୍ୟକାରୀ ହେବାର ଅପେକ୍ଷାରେ ରହିଛି। ଏହିସବୁ ରାଜ୍ୟ ପ୍ରାୟତଃ ଉତ୍ତରାଖଣ୍ଡର ବିଧିବ୍ୟବସ୍ଥା ଅନୁକରଣ କରିଛନ୍ତି, କିନ୍ତୁ ନିଜ ନିଜ ରାଜ୍ୟର ଆବଶ୍ୟକତା ଅନୁଯାୟୀ ସାମାନ୍ୟ ଯୋଗ-ବିୟୋଗ କରିଛନ୍ତି।

ଭାରତ ବର୍ଷର ମୂଳ ଆଦର୍ଶ ହେଉଛି ବିବିଧତା ମଧ୍ୟରେ ଏକତା। ତେଣୁ ୟୁସିସି ମାଧ୍ୟମରେ ଭାରତୀୟ ଏକତା ଆହୁରି ସୁନିଶ୍ଚିତ ହୋଇପାରିବ ଏବଂ ସାମଗ୍ରିକ ଭାବେ ଜାତି, ଧର୍ମ, ବର୍ଣ୍ଣ, ସଂପ୍ରଦାୟ ଓ ଗୋଷ୍ଠୀ ନିର୍ବିଶେଷରେ ସବୁ ନାଗରିକଙ୍କୁ ସମାନ ଆଇନଗତ ମାନ୍ୟତା ଦେଇ ସେମାନଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟକୁ ନିଶ୍ଚିତ କରିବା ଏହାର ଉଦ୍ଦେଶ୍ୟ ବୋଲି ଏହାର ସପକ୍ଷବାଦୀଙ୍କ ମତ। ଅପରପକ୍ଷରେ ଏହାଦ୍ୱାରା ବିବିଧତାର ବୈଶିଷ୍ଟ୍ୟ ବିନଷ୍ଟ ହୋଇଯିବ ବୋଲି ବିରୋଧୀମାନେ ଅଭିଯୋଗ କରୁଛନ୍ତି। ସେମାନେ ଏହାକୁ ବିଜେପିର ହିନ୍ଦୁତ୍ୱବାଦୀ ଓ ସଂଖ୍ୟାଲଘୁ ବିରୋଧୀ ଏଜେଣ୍ଡାର ଏକ ଦସ୍ତାବିଜ୍ ବୋଲି ମଧ୍ୟ ସମାଲୋଚନା କରୁଛନ୍ତି।

ଭାରତୀୟ ଜନସଂଘର ରାଜନୈତିକ ଉତ୍ତରାଧିକାରୀ ଭାବେ ଭାରତୀୟ ଜନତା ପାର୍ଟି ବିଗତ ଶତାବ୍ଦୀର ନବେଦଶକର ଦ୍ୱିତୀୟାର୍ଦ୍ଧରେ ଜାତୀୟ କ୍ଷମତା ରାଜନୀତି ଦୃଶ୍ୟପଟ୍ଟରେ ଯେଉଁ ତିନୋଟି ମୁଖ୍ୟ ଲକ୍ଷ୍ୟକୁ ଉପସ୍ଥାପିତ କରିଥିଲା, ସେଥିରେ ଅଯୋଧ୍ୟାରେ ରାମ ଜନ୍ମଭୂମି ମନ୍ଦିର ନିର୍ମାଣ, ସମ୍ବିଧାନର ଧାରା ୩୭୦ର ଉଚ୍ଛେଦ ସହିତ ସମାନ ନାଗରିକ ସଂହିତା(ୟୁସିସି) ମଧ୍ୟ ରହିଥିଲା। ପ୍ରଥମ ଦୁଇଟି ଲକ୍ଷ୍ୟ ପୂରଣ ହୋଇସାରିଥିବାରୁ ୟୁସିସି ପାଇଁ କେନ୍ଦ୍ର ସରକାରଙ୍କ ତତ୍ପରତା ପ୍ରକାଶ ପାଇବା ସ୍ୱାଭାବିକ। ତେବେ ଏଥିରେ କେତେକ ସାମ୍ବିଧାନିକ ଅର୍ଗଳି ରହିଛି, ଯାହାକୁ ଏତେ ଶୀଘ୍ର ଅତିକ୍ରମ କରିଯିବା କିମ୍ବା ସବୁ ରାଜ୍ୟଙ୍କ ଉପରେ ବଳପୂର୍ବକ ଲଦିଦେବା କେନ୍ଦ୍ର ସରକାରଙ୍କ ପକ୍ଷରେ ସହଜ ହେବ ନାହିଁ। ବିବାହ, ଛାଡ଼ପତ୍ର, ପୋଷ୍ୟସନ୍ତାନ ଗ୍ରହଣ, ଇଚ୍ଛାପତ୍ର, ଇଚ୍ଛାପତ୍ର ରହିତ ମୃତ୍ୟୁ, ଉତ୍ତରାଧିକାର, ଯୌଥ ପରିବାର ଆଦି କେନ୍ଦ୍ର ଓ ରାଜ୍ୟ ଅଧିକାର ତାଲିକାଭୁକ୍ତ(ଏଣ୍ଟ୍ରି୫)। ଏହାଛଡ଼ା ବହୁବର୍ଷ ଧରି ଭାରତରେ ଆଦିବାସୀ ବା ବନବାସୀ ସମ୍ପ୍ରଦାୟରେ ପ୍ରଚଳିତ ପ୍ରଥା ଓ ପରମ୍ପରା ଆଞ୍ଚଳିକ ଭିତ୍ତିରେ ଭିନ୍ନ। ବିଶେଷକରି ଉତ୍ତର-ପୂର୍ବ ଭାରତରେ ବସବାସ କରୁଥିବା ବନବାସୀମାନଙ୍କ ସଂସ୍କୃତି ଓ ପରମ୍ପରା ସମ୍ବିଧାନ ପ୍ରଦତ୍ତ ସ୍ୱତନ୍ତ୍ର ଅଧିକାର ଦ୍ୱାରା ସଂରକ୍ଷିତ। ତେଣୁ ୟୁସିସି ଜରିଆରେ ଉପରୋକ୍ତ କ୍ଷେତ୍ରଗୁଡ଼ିକରେ ସଂଶୋଧନ ଆଣିବାକୁ ହେଲେ ଉଭୟ ଲୋକସଭା ସମେତ ସମସ୍ତ ରାଜ୍ୟ ବିଧାନସଭାରେ ସର୍ବସମ୍ମତ କିମ୍ବା ବହୁମତରେ ପାରିତ କରିବାକୁ ପଡ଼ିବ। ଏହାଛଡ଼ା ବିଜେପିର ସହଯୋଗୀ ବିହାରର ଜେଡିୟୁ ଏବଂ ଆନ୍ଧ୍ରପ୍ରଦେଶରେ ଟିଡିପି ୟୁସିସିକୁ ସ୍ୱାଗତ କରିଥିଲେ ମଧ୍ୟ ଆହୁରି ଅଧିକ ଆଲୋଚନା ଏବଂ ବିଶେଷକରି ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସ୍ୱାର୍ଥ ଯେପରି ବ୍ୟାଘାତ ନ ହୁଏ ସେଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି କହିଛନ୍ତି। ତେଣୁ ଏଥିପାଇଁ ଆଇନଗତ ସଂଶୋଧନ ଅପେକ୍ଷା ରାଜନୈତିକ କସରତ ଅଧିକ ଆବଶ୍ୟକ। ଏହି ବାଧ୍ୟବାଧକତା ଯୋଗୁଁ ଅମିତ ଶାହା ପ୍ରଥମେ ଏନ୍‌ଡିଏ ଶାସିତ ରାଜ୍ୟସ୍ତରରେ ଏହାକୁ ଲାଗୁ କରିବାକୁ ଯୋଜନା କରିଛନ୍ତି।

ସମ୍ବିଧାନରେ ଉଲ୍ଲିଖିତ ବିଭିନ୍ନ ଧାରା ମଧ୍ୟ ଏ ଦିଗରେ କିଛିଟା ଦ୍ୱନ୍ଦ୍ୱ ଓ ଜଟିଳତା ସୃଷ୍ଟି କରୁଛି। ଧାରା ୪୪ରେ ୟୁସିସିକୁ ନାଗରିକର ମୌଳିକ ଅଧିକାର ନୁହେଁ, ବରଂ 'ରାଷ୍ଟ୍ରର ନିର୍ଦ୍ଦେଶାତ୍ମକ ନୀତି' ଭାବେ ଦର୍ଶାଯାଇଥିବା ବେଳେ ଧାରା ୩୭ ଅନୁଯାୟୀ 'ରାଷ୍ଟ୍ରର ନିର୍ଦ୍ଦେଶାତ୍ମକ ନୀତି'କୁ ବଳପୂର୍ବକ କାହା ଉପରେ ଲଦି ଦିଆଯାଇପାରିବ ନାହିଁ ବୋଲି ଉଲ୍ଲେଖ ରହିଛି। ତେଣୁ କେଉଁ ବିଷୟଗୁଡ଼ିକୁ ଧର୍ମ-ସମ୍ପ୍ରଦାୟ-ଜାତି ନିର୍ବିଶେଷରେ ଏକୀକୃତ କରାଯାଇପାରିବ ଏବଂ କିପରି ହେବ ତାହା ଅଧିକ ବିତର୍କର ଅପେକ୍ଷା ରଖେ। ଏହି ଜଟିଳତା ଓ ମତବିଭେଦ କାରଣରୁ ସମ୍ବିଧାନ ପ୍ରଣୟନ ସଭା ମଧ୍ୟ କୌଣସି ନିଷ୍କର୍ଷରେ ପହଞ୍ଚି ନ ପାରି ଏହାକୁ 'ରାଷ୍ଟ୍ରର ନିର୍ଦ୍ଦେଶାତ୍ମକ ନୀତି' ଅଧୀନରେ ରଖିଦେବାକୁ ଉଚିତ ମଣିଥିଲେ। ୨୧ତମ ବିଧି ଆୟୋଗ ୨୦୧୮ ରେ 'ପରିବାର ଆଇନ ସଂସ୍କାର' ପ୍ରସଙ୍ଗରେ ଉପସ୍ଥାପନ କରିଥିବା ରିପୋର୍ଟରେ ସାମ୍ପ୍ରତିକ ପରିସ୍ଥିତିରେ ୟୁସିସି ଅନାବଶ୍ୟକ ବୋଲି ମତ ଦେବା ସହିତ ଭାରତର ବିବିଧତା ବଜାୟ ରଖିବାକୁ ହେଲେ ବରଂ ପର୍ସନାଲ୍ ଲ'ରେ ଥିବା ପାତରଅନ୍ତର ନୀତିରେ ସଂସ୍କାର ଦିଗରେ ସୁପାରିସ କରିଥିଲେ। ସମ୍ପ୍ରଦାୟ ମଧ୍ୟରେ ଏକତା ପରିବର୍ତ୍ତେ ଲିଙ୍ଗଗତ ସମାନତା ଉପରେ କମିଟି ଗୁରୁତ୍ୱାରୋପ କରିଥିଲେ। ବନବାସୀଙ୍କୁ ସମ୍ବିଧାନ ପ୍ରଦତ୍ତ ସ୍ୱତନ୍ତ୍ର ଅଧିକାର ଯେପରି ୟୁସିସିରେ ଅକ୍ଷୁଣ୍ଣ ରହିବ ସେଥିପ୍ରତି ମଧ୍ୟ ଅଧିକ ଦୃଷ୍ଟି ଦେବାକୁ ଆୟୋଗ ଚେତାଇ ଦେଇଥିଲେ। ୨୦୨୩ରେ ୨୨ତମ ବିଧି ଆୟୋଗ ୟୁସିସି କାର୍ଯ୍ୟକାରୀ କରିବାକୁ ଅଧିକ ଜନମତ ସଂଗ୍ରହ କରିବା ସପକ୍ଷରେ ମତ ଦେଇଥିଲେ।

ସମୟ ବଦଳିବା ସହିତ ସାମାଜିକ ଦୃଷ୍ଟିଭଙ୍ଗୀ ଉନ୍ନତ ଓ ପ୍ରଗତିଶୀଳ ହୋଇଛି। ଧାର୍ମିକ ରୁଢ଼ିବାଦ, ମୌଳିକତା, ଧର୍ମାନ୍ଧତା, କୁସଂସ୍କାର, ଲିଙ୍ଗଗତ ପାତର ଅନ୍ତର ମାନସିକତା ଅଧିକ ସଂସ୍କାରମୁଖୀ ହେଉଛି। ଏହି ପୃଷ୍ଠଭୂମିରେ ବିବାହ, ଛାଡ଼ପତ୍ର, ଭରଣପୋଷଣ, ସମ୍ପତ୍ତି ଉତ୍ତରାଧିକାର ଆଦି କ୍ଷେତ୍ରରେ ସମସ୍ତଙ୍କୁ ସମାନ ଅଧିକାର ଦୃଷ୍ଟିରୁ ୟୁସିସି ସ୍ୱାଗତଯୋଗ୍ୟ। ବିଶେଷକରି ଜାତି-ସମ୍ପ୍ରଦାୟ ନିର୍ବିଶେଷରେ ମହିଳାଙ୍କ ଅଧିକାର, ସୁରକ୍ଷା, ସମାନତା ଓ ସ୍ୱାର୍ଥରକ୍ଷା ପାଇଁ ଏହି ଆଇନରେ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। କିନ୍ତୁ ସମାଜର ବିଭିନ୍ନ ବର୍ଗ ଓ ସମ୍ପ୍ରଦାୟର ବର୍ଷବର୍ଷର ପ୍ରଥା, ପରମ୍ପରା ଆଦିକୁ ପ୍ରଭାବିତ କରିବାକୁ ଥିବାରୁ ୟୁସିସି କାର୍ଯ୍ୟକାରୀ କରିବା ପୂର୍ବରୁ ଏ ସମ୍ପର୍କରେ ଆଞ୍ଚଳିକ ସହମତି ସହିତ ଆହୁରି ଅଧିକ ବିଚାର ବିମର୍ଶ ହେବା ଆବଶ୍ୟକ। ●

# ପେନସନ୍ ବ୍ୟବସ୍ଥାରେ ବିଷମତା

**ବୃହସ୍ପତି ସାମଲ**

ଭାରତର ସାମ୍ପ୍ରତିକ ପେନସନ୍ ବ୍ୟବସ୍ଥା ନିଯୁକ୍ତିଦାତା, ପେସା, କେନ୍ଦ୍ର, ରାଜ୍ୟ, ନିଯୁକ୍ତି ତାରିଖ ଓ ସାମାଜିକ ସ୍ଥିତି ଅନୁଯାୟୀ ଭିନ୍ନ ଭିନ୍ନ। ଜଣେ କେନ୍ଦ୍ର ସରକାରୀ କର୍ମଚାରୀ ୧ ଜାନୁଆରୀ ୨୦୦୪ ପୂର୍ବରୁ 'ପୁରୁଣା ପେନସନ ଯୋଜନା'(ଓପିଏସ୍) କିମ୍ବା ତା'ପରେ 'ଜାତୀୟ ପେନସନ ଯୋଜନା'(ଏନପିଏସ୍) ଅଧୀନରେ ଥାଇପାରନ୍ତି। ନୂଆ ନିଯୁକ୍ତ କର୍ମଚାରୀ ୧ ଏପ୍ରିଲ ୨୦୨୫ଠାରୁ 'ଏକୀକୃତ ପେନସନ୍ ଯୋଜନା'କୁ (ୟୁପିଏସ୍) ବାଛିପାରନ୍ତି। ରାଜ୍ୟ ସରକାରୀ କର୍ମଚାରୀମାନେ ସମ୍ପୃକ୍ତ ରାଜ୍ୟ ଓ ନିଯୁକ୍ତି ତାରିଖ ଅନୁସାରେ ଓପିଏସ୍, ଏନପିଏସ୍ କିମ୍ବା ରାଜ୍ୟର ନିର୍ଦ୍ଦିଷ୍ଟ ପେନସନ୍ ବ୍ୟବସ୍ଥାରେ ଥାଇପାରନ୍ତି। ପ୍ରତିରକ୍ଷା ବାହିନୀର କର୍ମଚାରୀଙ୍କ ପାଇଁ 'ୱାନ୍ ରାଙ୍କ୍ ୱାନ୍ ପେନସନ୍' (ଓଆରଓପି) ଭଳି ଏକ ସ୍ୱତନ୍ତ୍ର ବ୍ୟବସ୍ଥା ଏବଂ ରାଷ୍ଟ୍ରାୟତ୍ତ ଉଦ୍ୟୋଗର କର୍ମଚାରୀଙ୍କ ପାଇଁ ଇପିଏଫ୍, ଇପିଏସ୍ ଓ ଅନ୍ୟାନ୍ୟ ଅବସରକାଳୀନ ବ୍ୟବସ୍ଥା ରହିଛି। ଘରୋଇ କ୍ଷେତ୍ର ଓ ଅସଂଗଠିତ କ୍ଷେତ୍ରର କର୍ମଚାରୀମାନେ ଏନପିଏସ୍, ଅଟଳ ପେନସନ ଯୋଜନା(ଏପିୱାଇ), କର୍ମଚାରୀ ଭବିଷ୍ୟନିଧି (ଇପିଏଫ୍‌ଓ) କିମ୍ବା ନିଜସ୍ୱ ସଞ୍ଚୟ ଉପରେ ନିର୍ଭର କରନ୍ତି। ଗରିବ ବରିଷ୍ଠ ନାଗରିକମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସାମାଜିକ ସହାୟତା ପେନସନ୍ ଉପରେ ନିର୍ଭରଶୀଳ। ଏପରିକି ସାଂସଦ ଓ ବିଧାୟକମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଆଇନଗତ ପେନସନ୍ ବ୍ୟବସ୍ଥା ରହିଛି। ଅର୍ଥାତ୍ ଭାରତର ସାମ୍ପ୍ରତିକ ପେନସନ୍ ବ୍ୟବସ୍ଥାସମୂହ ଆମ ଦେଶର ସାମାଜିକ ସୁରକ୍ଷା ଯୋଜନାଗୁଡ଼ିକର ଏକ ଅତ୍ୟନ୍ତ ଜଟିଳ ଓ ରାଜନୈତିକ ଭାବେ ସମ୍ବେଦନଶୀଳ ବିଷମତାକୁ ପରିପ୍ରକାଶ କରେ।

ଓପିଏସ୍-ଏନପିଏସ୍-ୟୁପିଏସ୍ ବିବାଦ ନିଜେ ଏହି ବିରୋଧାଭାସକୁ ସ୍ପଷ୍ଟ କରେ। ୩୧ ଡିସେମ୍ବର ୨୦୦୩ ସୁଦ୍ଧା କେନ୍ଦ୍ର ସରକାରୀ ଚାକିରିରେ ଥିବା କର୍ମଚାରୀଙ୍କୁ ପାରମ୍ପରିକ 'ଓପିଏସ୍' ଅଧୀନରେ ଅବସର ପରେ ଯୋଗ୍ୟତାଭିତ୍ତିକ ସେବାକାଳ ଓ ବେତନ ସହିତ ସଂପୃକ୍ତ ଏକ ନିର୍ଦ୍ଧାରିତ ଓ ନିଶ୍ଚିତ ପେନସନ୍ ମିଳେ, ଯାହା ସହିତ ପ୍ରଚଳିତ ନିୟମ ଅନୁଯାୟୀ ପରିବାର ପେନସନ୍ ଓ ମହଙ୍ଗାଭତ୍ତା ମଧ୍ୟ ରହିଥାଏ। ୧ ଜାନୁଆରୀ ୨୦୦୪ ପରଠାରୁ ପ୍ରଚଳିତ 'ଏନପିଏସ୍' ଏକ ନିର୍ଦ୍ଧାରିତ ଅବଦାନ ଓ ବଜାର-ନିର୍ଭରଶୀଳ କର୍ପସ୍ ଆଧାରିତ ବ୍ୟବସ୍ଥା ଆଣିଲା। ୧ ଏପ୍ରିଲ ୨୦୨୫ରୁ ଯୋଗ୍ୟ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପାଇଁ 'ଏନପିଏସ୍' ଢାଞ୍ଚା ମଧ୍ୟରେ ଆସିଥିବା 'ୟୁପିଏସ୍' ଅବସରକାଳୀନ ଆୟରେ ନିଶ୍ଚିତତାର ଏକ ଅଂଶ ପୁନଃସ୍ଥାପନ କରିବାକୁ ଚେଷ୍ଟା କରିଛି। ୨୫ ବର୍ଷର ଯୋଗ୍ୟତାଭିତ୍ତିକ ସେବା ସମ୍ପୂର୍ଣ୍ଣ କରିଥିବା କର୍ମଚାରୀଙ୍କ ପାଇଁ ଶେଷ ୧୨ ମାସର ହାରାହାରି ମୂଳ ବେତନର ୫୦% ନିଶ୍ଚିତ ପେଆଉଟ୍ ବ୍ୟବସ୍ଥା ସହ କମ୍ ସେବାକାଳ ପାଇଁ ଆନୁପାତିକ ସୁବିଧା ଓ ପରିବାର ପାଇଁ ପେନସନ୍ ବ୍ୟବସ୍ଥା ମଧ୍ୟ ରହିଛି।

ସାଂସଦମାନଙ୍କ ପାଇଁ ଦରମା, ଭତ୍ତା ଓ ନିର୍ଦ୍ଦିଷ୍ଟ ଅଧିନିୟମ ଅନୁଯାୟୀ ସ୍ୱତନ୍ତ୍ର ପେନସନ୍ ବ୍ୟବସ୍ଥା ରହିଛି ଏବଂ ରାଜ୍ୟ ବିଧାୟକମାନଙ୍କ ପାଇଁ ସମ୍ପୃକ୍ତ ରାଜ୍ୟ ଆଇନ ଅନୁଯାୟୀ ମଧ୍ୟ ପେନସନ୍ ଦିଆଯାଉଛି। ସେମାନଙ୍କ ପେନସନ୍ ବ୍ୟବସ୍ଥା 'ଏନପିଏସ୍' କିମ୍ବା 'ୟୁପିଏସ୍' ଭଳି କଟ୍-ଅଫ୍ ତାରିଖ ଅଧୀନରେ ନାହିଁ। ତେଣୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଯଦି ୧ ଜାନୁଆରୀ ୨୦୦୪ ପରେ ନିଯୁକ୍ତ କର୍ମଚାରୀଙ୍କ ପାଇଁ ଅବଦାନଭିତ୍ତିକ ପେନସନ୍ ଆବଶ୍ୟକ ବୋଲି କୁହାଯାଏ ଏବଂ ଅନୁଦାନବିହୀନ ପେନସନ୍‌ର ଆର୍ଥିକ ଭାରକୁ ଅସହ୍ୟ ବୋଲି ଦର୍ଶାଯାଏ, ତେବେ ସେହି ଆର୍ଥିକ ସତର୍କତାର ମାପଦଣ୍ଡ ସେହି ତାରିଖ ପରେ ସାଂସଦ କିମ୍ବା ବିଧାୟକମାନଙ୍କ ପାଇଁ କାହିଁକି ପ୍ରୟୋଗ ହେବ ନାହିଁ? ପ୍ରଶ୍ନଟି ବିଧାୟକ କିମ୍ବା ସାଂସଦମାନେ ଆଇନଗତ ଭାବେ ପେନସନ୍ ପାଇବାର ଅଧିକାରୀ କି ନୁହେଁ, ସେନେଇ ନୁହେଁ। ପ୍ରଶ୍ନଟି ହେଉଛି, ଯେତେବେଳେ କର୍ମଚାରୀଙ୍କ ବିରୋଧରେ ସରକାର ଆର୍ଥିକ ସତର୍କତାକୁ ଏକ ମୁଖ୍ୟ ଯୁକ୍ତି ଭାବେ ଉପସ୍ଥାପନ କରୁଛନ୍ତି, ସେତେବେଳେ ଜନପ୍ରତିନିଧିମାନଙ୍କ ପାଇଁ ଭିନ୍ନ ମାପଦଣ୍ଡ କାହିଁକି?

ବିତ୍ତ ଅଧିନିୟମ ୨୦୨୫ ଜରିଆରେ କେନ୍ଦ୍ରୀୟ ବେସାମରିକ ସେବା ପେନସନ୍ ନିୟମାବଳୀ ସମ୍ପର୍କିତ କିଛି ବ୍ୟବସ୍ଥା ଓ ପେନସନ୍ ଦାୟିତ୍ୱ ସମ୍ବନ୍ଧୀୟ ନୀତିକୁ ୧୯୭୨ରୁ ବୈଧତା ପ୍ରଦାନ କରାଯିବା ଏବଂ ଅଷ୍ଟମ କେନ୍ଦ୍ରୀୟ ବେତନ ଆୟୋଗର ସର୍ତ୍ତାବଳୀରେ ଦେଶର ଆର୍ଥିକ ପରିସ୍ଥିତି ଓ ଆର୍ଥିକ ସତର୍କତାର ଆବଶ୍ୟକତାକୁ ବିଚାର କରିବାକୁ ସ୍ପଷ୍ଟ ଭାବେ ଉଲ୍ଲେଖ କରିବା, ସରକାରୀ କର୍ମଚାରୀଙ୍କ ପେନସନ ପ୍ରତି ସରକାରଙ୍କ କଠୋର ମନୋଭାବର ସ୍ପଷ୍ଟ ପ୍ରମାଣ। ଅଧିକନ୍ତୁ, ଅଷ୍ଟମ ବେତନ ଆୟୋଗଙ୍କ ସୁପାରିସ ଲାଗୁ ହେବା ଦିନକୁ ଏକ କଟ୍-ଅଫ୍ ତାରିଖ ଭାବେ ଗ୍ରହଣ କରି ପୂର୍ବ ଓ ପର ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ ନିର୍ଦ୍ଧାରଣ ଓ ସଂଶୋଧନକୁ ନେଇ ବିତ୍ତ ଅଧିନିୟମ ୨୦୨୫ ଧାରା ୧୪୬ ରୁ ୧୫୦ ମଧ୍ୟରେ ସରକାରଙ୍କ କ୍ଷମତା ମଧ୍ୟ ସନ୍ଦେହଜନକ, ଯାହା ଗୋଟିଏ ଶ୍ରେଣୀ ଭିତରେ ଆଉ ଗୋଟିଏ ଶ୍ରେଣୀ ସୃଷ୍ଟି କରି ପେନସନଭୋଗୀମାନଙ୍କୁ ଭାଗଭାଗ କରିବ। ଆର୍ଥିକ ସତର୍କତା ନିଶ୍ଚିତ ଭାବେ ଆବଶ୍ୟକ। କିନ୍ତୁ ଏହା କେବଳ କର୍ମଚାରୀଙ୍କ ଅବସରକାଳୀନ ସୁରକ୍ଷା ପାଇଁ ପ୍ରୟୋଗ ହେଉଥିବା ଏକପାଖିଆ ନୀତି ହେବା ଉଚିତ୍ ନୁହେଁ। ତେଣୁ ପେନସନ୍‌ରେ ଏହି ବିଷମ ବ୍ୟବହାର ସମ୍ବିଧାନ ପ୍ରଦତ୍ତ ସମାନତାର ଉଲ୍ଲଙ୍ଘନ କହିଲେ ଅତ୍ୟୁକ୍ତି ହେବନାହିଁ।

ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ବଡ଼ କର୍ପୋରେଟ୍ ସଂସ୍ଥାଗୁଡ଼ିକର ଋଣର କୋଟି କୋଟି ଟଙ୍କା ରାଇଟ୍-ଅଫ୍ କିମ୍ବା ସେଟଲମେଣ୍ଟ କରାଯାଉଛି; ନିବେଶ ଓ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ କର ରିହାତି ଓ ବିଭିନ୍ନ ସହାୟତା ଦିଆଯାଉଛି; ଭୋଟବ୍ୟାଙ୍କକୁ ସୁରକ୍ଷିତ କରିବା ପାଇଁ ବିଭିନ୍ନ ମାଗଣା ଯୋଜନା ଓ ଲୋଭନୀୟ କାର୍ଯ୍ୟକ୍ରମ ମଧ୍ୟ ଚାଲୁଛି। ଏପରି କର୍ପୋରେଟ୍ ପୁନର୍ଗଠନ, କର ପ୍ରୋତ୍ସାହନ କିମ୍ବା ଜନକଲ୍ୟାଣ ଯୋଜନାର ନିଜସ୍ୱ ଅର୍ଥନୈତିକ ଓ ସାମାଜିକ ଯୁକ୍ତି ଥାଇପାରେ। କିନ୍ତୁ ପ୍ରଶ୍ନ ହେଉଛି ପ୍ରାଥମିକତା ଓ ସମାନ ମାପଦଣ୍ଡର। ଯଦି ଅର୍ଥନୈତିକ ସ୍ୱାର୍ଥ, ନିବେଶ କିମ୍ବା ରାଜନୈତିକ ସମର୍ଥନ ପାଇଁ ସରକାରୀ ଅର୍ଥ ବ୍ୟବହାର କରାଯାଇପାରେ, ତେବେ ଦଶନ୍ଧି ଦଶନ୍ଧି ଧରି ସରକାରୀ ସେବା କରିଥିବା କର୍ମଚାରୀଙ୍କ ଅବସରକାଳୀନ ଅଧିକାରକୁ ଅସହ୍ୟ ଆର୍ଥିକ ଭାର ବୋଲି କାହିଁକି ଦେଖାଯିବ? ଆର୍ଥିକ ସତର୍କତାର ଅର୍ଥ କର୍ମଚାରୀଙ୍କ ପାଇଁ କଠୋରତା ଏବଂ ଅନ୍ୟ କ୍ଷେତ୍ରରେ ଆର୍ଥିକ ଉଦାରତା ହୋଇପାରେ ନାହିଁ। ସର୍ବସାଧାରଣ ଅର୍ଥବ୍ୟୟର ପ୍ରତ୍ୟେକ କ୍ଷେତ୍ରରେ ଏକପ୍ରକାରର ମାପଦଣ୍ଡ ପ୍ରୟୋଗ ହେବା ଆବଶ୍ୟକ।

ଭାରତରେ ଏବେ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ପେନସନ୍ ନୀତି ରହିଛି। କେତେକ ରାଜ୍ୟ 'ଓପିଏସ୍'କୁ ପୁନଃ ଲାଗୁ କରିବାକୁ ଘୋଷଣା କରିଛନ୍ତି କିମ୍ବା ସେହି ଦିଗରେ ଯାଇଛନ୍ତି। ଅନ୍ୟମାନେ ଏନପିଏସ୍ ଜାରି ରଖିଛନ୍ତି କିମ୍ବା ବିକଳ୍ପ ବ୍ୟବସ୍ଥା ଖୋଜୁଛନ୍ତି। ଫଳରେ ସମାନ ପ୍ରକାରର କାମ କରୁଥିବା, ସମାନ ପ୍ରକାରର ସେବା କରୁଥିବା ଦୁଇଜଣ କର୍ମଚାରୀ କେବଳ ଦୁଇଟି ଭିନ୍ନ ରାଜ୍ୟରେ କାମ କରୁଥିବାରୁ କିମ୍ବା ଏକ ନିର୍ଦ୍ଦିଷ୍ଟ କଟ୍-ଅଫ୍ ତାରିଖ ପୂର୍ବରୁ କିମ୍ବା ପରେ ନିଯୁକ୍ତ ହୋଇଥିବାରୁ ଅବସର ସମୟରେ ସମ୍ପୂର୍ଣ୍ଣ ଭିନ୍ନ ପେନସନ୍ ସୁବିଧା ପାଇପାରନ୍ତି। ଭୌଗୋଳିକ ସୀମା କିମ୍ବା ନିଯୁକ୍ତି ତାରିଖର ଏକ ଆକସ୍ମିକ ଭିନ୍ନତା କ'ଣ ଜଣେ ବ୍ୟକ୍ତିଙ୍କ ବୃଦ୍ଧାବସ୍ଥାର ସମ୍ମାନ ନିର୍ଦ୍ଧାରଣ କରିବ? ସମ୍ବିଧାନର ଅନୁଚ୍ଛେଦ ୪୧ରେ ରାଜ୍ୟର ଆର୍ଥିକ ସାମର୍ଥ୍ୟ ଓ ବିକାଶର ସୀମା ମଧ୍ୟରେ ବୃଦ୍ଧାବସ୍ଥା, ରୋଗ ଓ ଅକ୍ଷମତା ଭଳି ପରିସ୍ଥିତିରେ ଜନସାଧାରଣଙ୍କୁ ସାମାଜିକ ସହାୟତା ଯୋଗାଇବା ପାଇଁ ପ୍ରଭାବଶାଳୀ ବ୍ୟବସ୍ଥା କରିବାର ନିର୍ଦ୍ଦେଶ ରହିଛି। ଅନୁଚ୍ଛେଦ ୩୮ ସାମାଜିକ, ଆର୍ଥିକ ଓ ରାଜନୈତିକ ନ୍ୟାୟ ଉପରେ ଆଧାରିତ ସାମାଜିକ ବ୍ୟବସ୍ଥା ଗଠନ କରିବାକୁ ରାଜ୍ୟକୁ ନିର୍ଦ୍ଦେଶ ଦିଏ। ଅନୁଚ୍ଛେଦ ୩୯ ଜୀବିକାର ପର୍ଯ୍ୟାପ୍ତ ସାଧନ ଏବଂ ସାଧାରଣ ମଙ୍ଗଳ ପାଇଁ ସମ୍ପଦ ବଣ୍ଟନ ଉପରେ ଗୁରୁତ୍ୱ ଦିଏ। ନ୍ୟାୟପାଳିକାର ବ୍ୟାଖ୍ୟା ମଧ୍ୟ ଏହି ଦୃଷ୍ଟିକୋଣକୁ ଶକ୍ତିଶାଳୀ କରିଛି। 'ଦେବକୀନନ୍ଦନ ପ୍ରସାଦ ବନାମ ବିହାର ରାଜ୍ୟ ସରକାର' ମାମଲାରେ ସୁପ୍ରିମକୋର୍ଟ ପେନସନ୍‌କୁ ସରକାରଙ୍କ ଦୟା କିମ୍ବା ଅନୁଗ୍ରହ ଭାବେ ଦେଖିବାର ପୁରୁଣା ଧାରଣାକୁ ଅସ୍ୱୀକାର କରି ଏହାକୁ ପ୍ରଚଳିତ ଆଇନଗତ ବ୍ୟବସ୍ଥାରୁ ଉତ୍ପନ୍ନ ଏକ ମୂଲ୍ୟବାନ ଅଧିକାର ଭାବେ ସ୍ୱୀକାର କରିଥିଲେ। 'ଡି ଏସ୍ ନାକରା ବନାମ କେନ୍ଦ୍ର ସରକାର' ମାମଲାରେ ସୁପ୍ରିମକୋର୍ଟ ପେନସନ୍‌କୁ ସାମାଜିକ ସୁରକ୍ଷା ଓ କଲ୍ୟାଣମୂଳକ ଦୃଷ୍ଟିକୋଣରୁ ବିଚାର କରିଥିଲେ। ଏହି ରାୟଗୁଡ଼ିକ ଏକ ମୌଳିକ ନୀତି ସ୍ଥାପନ କରି ସ୍ପଷ୍ଟ କରିଛନ୍ତି ଯେ ପେନସନ୍ କୌଣସି ଦାନ ନୁହେଁ; ଏହା ସରକାର ଓ ତାହାର ସେବା କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ସାମାଜିକ ସୁରକ୍ଷାର ସମ୍ପର୍କର ଏକ ଅଂଶ।

ତେଣୁ ଏବର ପ୍ରକୃତ ସମସ୍ୟା ହେଉଛି, ପେନସନ୍ ନ୍ୟାୟ ବନାମ ପେନସନ୍ ବିଷମତା। ଭାରତକୁ ଉପରୋକ୍ତ ସମସ୍ତ ବ୍ୟବସ୍ଥାରୁ ଭଲ ଦିଗଗୁଡ଼ିକୁ ନେଇ ଆହୁରି ଉନ୍ନତ ଏକ ବ୍ୟବସ୍ଥା ଗଢ଼ିବାକୁ ହେବ। କେନ୍ଦ୍ର ଓ ରାଜ୍ୟ ସରକାର, କର୍ମଚାରୀ ଓ ପେନସନର୍ସ ସଂଗଠନ, ନିଯୁକ୍ତିଦାତା, ଇପିଏଫ୍‌ଓ, ପିଏଫ୍‌ଆରଡିଏ, ଅର୍ଥନୀତିଜ୍ଞ, ଆକ୍‌ଚୁଆରୀ ଓ ସମ୍ବିଧାନ ବିଶେଷଜ୍ଞମାନେ ଏକାଠି ହୋଇ ଜାତୀୟ ପେନସନ ସୁରକ୍ଷା ଉପରେ ଆଲୋଚନା କରିବା ଉଚିତ। ଭିନ୍ନ କାମ ପାଇଁ ଭିନ୍ନ ପେନସନ୍, ଭିନ୍ନ ସେବା ପାଇଁ ଭିନ୍ନ ସୁବିଧା ଯୁକ୍ତିସଙ୍ଗତ ହୋଇପାରେ। ଭିନ୍ନ ଭିନ୍ନ ରାଜ୍ୟ ନିଜ ସାମ୍ବିଧାନିକ କ୍ଷମତା ରକ୍ଷା କରିପାରନ୍ତି। କିନ୍ତୁ ସମ୍ମାନର ସହିତ ବୃଦ୍ଧାବସ୍ଥା ବିତାଇବାର ଅଧିକାର ନିଯୁକ୍ତିର ତାରିଖ, ନିଯୁକ୍ତିର ରାଜ୍ୟ, ନିଯୁକ୍ତିଦାତାର ପ୍ରକାର ତଥା ଉପଭୋକ୍ତାର ସାମାଜିକ ସ୍ଥିତି ଉପରେ ନିର୍ଭରଶୀଳ ହେବା ଉଚିତ ନୁହେଁ। ●

(ସାଧାରଣ ସମ୍ପାଦକ, କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ)
ପଦ୍ମପୁର(କେନ୍ଦୁଝର), ମୋ: ୯୪୩୭୦୨୨୬୬୯

# ଜଳବାୟୁ କୂଟନୀତିରେ ନେପାଳର ନୂତନ ଆଭିମୁଖ୍ୟ

**ଡ. ପ୍ରଦୀପ କୁମାର ରଥ**

ଗତ ଅଗଷ୍ଟ ୨୬ ତାରିଖ ପ୍ରଭାତରେ ନେପାଳ-ତିବ୍ବତ ସୀମାବର୍ତ୍ତୀ ଭୋଟେକୋଶୀ ନଦୀ ଅବବାହିକାରେ ଘଟିଥିବା ପ୍ରଳୟଙ୍କରୀ ଜଳପ୍ଲାବନ ବିଶ୍ୱ ଜଳବାୟୁ ସଙ୍କଟର ଏକ ନୂତନ, ସାଂଘାତିକ ଓ ଚିନ୍ତାଜନକ ରୂପକୁ ସାମ୍ନାକୁ ଆଣିଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏହି ବିପର୍ଯ୍ୟୟ ସମୟରେ ଅଞ୍ଚଳରେ କୌଣସି ପ୍ରତ୍ୟକ୍ଷ ବର୍ଷା ହୋଇ ନ ଥିଲା। ବର୍ଷା ବିନା ମଧ୍ୟ ହିମାଳୟର ଶିରାରେ ସୃଷ୍ଟ ଅସାଧାରଣ ଉତ୍ତାପ ଯୋଗୁଁ ବିଶାଳ ବରଫ ଖଣ୍ଡ ଓ ପାହାଡ଼ ଧସିବା କାରଣରୁ ନଦୀରେ ଆସିଥିବା ଏହି ଆକସ୍ମିକ 'ହିମାଳୟନ୍ ସୁନାମି' ହଜାରରୁ ଅଧିକ ନିରୀହ ଲୋକଙ୍କ ଜୀବନ ନେଇସାରିଛି। ଏହି ପ୍ରାକୃତିକ ତାଣ୍ଡବରେ ପ୍ରାୟ ଚାରିହଜାରରୁ ଅଧିକ ଲୋକ ଏବେ ବି ନିଖୋଜ ଅଛନ୍ତି ଏବଂ ରସୁଓ୍ୱା, ନୁଓ୍ୱାକୋଟ୍ ତଥା ଧାଦିଂ ଜିଲ୍ଲାର ବ୍ୟାପକ ସମ୍ପତ୍ତି ସମ୍ପୂର୍ଣ୍ଣ ଭାବେ ମାଟିରେ ମିଶିଯାଇଛି।

ଏହି ଜଳପ୍ଲାବନ ନେପାଳର ମୂଳଦୁଆକୁ ଦୋହଲେଇ ଦେଇଛି। ପ୍ରାୟ ୪୩୧ ମେଗାୱାଟ୍‌ରୁ ଅଧିକ କ୍ଷମତାସମ୍ପନ୍ନ ଜଳବିଦ୍ୟୁତ୍ ପ୍ରକଳ୍ପ, ୪୮ଟି ଝୁଲା ପୋଲ, ୩୧ଟି ମୋଟର ଚଳାଚଳ ପୋଲ ଏବଂ ଶହ ଶହ ବାସଗୃହ ସମ୍ପୂର୍ଣ୍ଣ ଭାଙ୍ଗିଯିବା ଫଳରେ ନେପାଳର ଗମନାଗମନ, ଯୋଗାଯୋଗ ଏବଂ ଆର୍ଥିକ ଓ ସାମାଜିକ ସ୍ଥିତି ସମ୍ପୂର୍ଣ୍ଣ ଭାବେ ଦୋହଲି ଯାଇଛି। ତେବେ ଏହି ଭୟଙ୍କର ସଙ୍କଟମୟ ସମୟରେ ନେପାଳ ସରକାର ବିଶ୍ୱ ଦରବାରରେ ଦୟା ବା ଅନୁଦାନ ମାଗିବା ବଦଳରେ ଜଳବାୟୁ କ୍ଷତିପୂରଣ ଓ ନ୍ୟାୟର ଦାବି ଉଠାଇ ଜଳବାୟୁ କୂଟନୀତିରେ ଏକ ନୂତନ ଚର୍ଚ୍ଚା ଆରମ୍ଭ କରିଛନ୍ତି।

ସାଧାରଣତଃ ଯେତେବେଳେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟେ, ଦୁର୍ବଳ ତଥା ବିକାଶଶୀଳ ଦେଶଗୁଡ଼ିକ ଧନୀ ଓ ଶିଳ୍ପୋନ୍ନତ ରାଷ୍ଟ୍ରମାନଙ୍କ ଆଗରେ ସାହାଯ୍ୟ, ରିଲିଫ୍ ଓ ଦାନ ପାଇଁ ହାତ ପସାରିଥା'ନ୍ତି। କିନ୍ତୁ ଏଥର ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ ପ୍ରକାଶ କରିଛନ୍ତି ଯେ, ନେପାଳ ଆଉ ସାହାଯ୍ୟ ବା ଅନୁଦାନ ଅପେକ୍ଷାରେ ନାହିଁ। ଏହା ଦାନର ବିଷୟ ନୁହେଁ; ଏହା ହେଉଛି ଜଳବାୟୁ ନ୍ୟାୟ, ନୈତିକ ଓ ଆଇନଗତ କ୍ଷତିପୂରଣର ବିଷୟ। ନେପାଳ ସରକାର ବିଶ୍ୱର ପ୍ରମୁଖ କାର୍ବନ୍ ନିର୍ଗମନକାରୀ ଦେଶଗୁଡ଼ିକ ଆଗରେ ଏହି କ୍ଷତିପୂରଣର ପ୍ରଶ୍ନ ଉଠାଇଛନ୍ତି। ଏହି ପ୍ରଶ୍ନ ପଛରେ ରହିଛି ଏକ ଆଶ୍ଚର୍ଯ୍ୟଜନକ ସାଂଖ୍ୟିକ ସତ୍ୟ। ବିଶ୍ୱ ବାୟୁମଣ୍ଡଳକୁ ସମୁଦାୟ କାର୍ବନ୍ ନିର୍ଗମନ କ୍ଷେତ୍ରରେ ଚୀନର ଯୋଗଦାନ ୩୩.୧ ପ୍ରତିଶତ, ଆମେରିକାର ୧୧.୭ ପ୍ରତିଶତ ଏବଂ ଭାରତର ୮ ପ୍ରତିଶତ ରହିଥିବା ବେଳେ ଏହି ପ୍ରଦୂଷଣରେ ନେପାଳର ଭାଗ ମାତ୍ର ୦.୦୪ ପ୍ରତିଶତ। ଅର୍ଥାତ୍ ଯେଉଁ ଦେଶର ବିଶ୍ୱ ପ୍ରଦୂଷଣରେ କୌଣସି ଯୋଗଦାନ ନାହିଁ, ସେହି ଦେଶ ଆଜି ବିଶ୍ୱ ଉତ୍ତାପ ଯୋଗୁଁ ସବୁଠାରୁ ବଡ଼ ପ୍ରାଣବଳି ଦେଉଛି। ପ୍ରାଥମିକ ଆକଳନ ଅନୁଯାୟୀ, ଏହି ପ୍ରଳୟଙ୍କରୀ ବିପର୍ଯ୍ୟୟ ଯୋଗୁଁ ନେପାଳର ୪ ରୁ ୫ ବିଲିୟନ ଆମେରିକୀୟ ଡଲାରର କ୍ଷତି ହୋଇଛି, ଯାହା ସମଗ୍ର ନେପାଳ ଜିଡିପିର ପ୍ରାୟ ୧୦ ପ୍ରତିଶତ। ହିମାଳୟ ଗ୍ଲେସିଅର୍ ନଷ୍ଟ ହେଲେ ଗଙ୍ଗା, ତ୍ରିଶୂଳୀ, ସିନ୍ଧୁ ଓ ବ୍ରହ୍ମପୁତ୍ର ଭଳି ନଦୀ ଉପରେ ନିର୍ଭର କରୁଥିବା ସମଗ୍ର ଦକ୍ଷିଣ ଏସିଆର ୨୦୦ କୋଟିରୁ ଅଧିକ ଲୋକଙ୍କ ଜଳ ସୁରକ୍ଷା ଓ ସଭ୍ୟତା ବିପନ୍ନ ହୋଇପଡ଼ିବ।

ନେପାଳର ଏହି ଆଭିମୁଖ୍ୟ ପଛରେ ଅନ୍ତର୍ଜାତୀୟ ଜଳବାୟୁ ପାଣ୍ଠିର ନୋକରଶାହୀ ବିଳମ୍ବ ମଧ୍ୟ ଏକ ପ୍ରମୁଖ କାରଣ। ଗ୍ଲେସିଅର ବିପଦକୁ ଏଡ଼ାଇବା ପାଇଁ ନେପାଳର ୪୯.୯ ନିୟୁତ ଡଲାରର ପ୍ରକଳ୍ପକୁ ମଞ୍ଜୁରୀ ଦେବା ପାଇଁ ଜାତିସଂଘର ଗ୍ରୀନ୍ କ୍ଲାଏମେଟ୍ ଫଣ୍ଡ ଦୀର୍ଘ ୭ ବର୍ଷର ସମୟ ନେଇଥିଲା। ଏହିପରି ପ୍ରଶାସନିକ ବିଳମ୍ବ ଯୋଗୁଁ ଗରିବ ଦେଶଗୁଡ଼ିକ ଅସହାୟ ହୋଇପଡୁଛନ୍ତି। ସେପ୍ଟେମ୍ବର ୨ ତାରିଖରେ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ(ୟୁଏନ୍‌ଇପି) ନିଜର 'ଲିମିଟିଙ୍ଗ ଓଭରଶୁଟ୍' ରିପୋର୍ଟରେ ଚେତାବନୀ ଦେଇଛି ଯେ ପୃଥିବୀର ତାପମାତ୍ରା ୧.୫ ଡିଗ୍ରୀ ସେଲ୍‌ସିୟସ୍ ସୀମା ଅତିକ୍ରମ କରିସାରିଛି। ତେଣୁ ହିମାଳୟ ଅଞ୍ଚଳରେ ବିପର୍ଯ୍ୟୟ ଆଗାମୀ ଦିନରେ ଆହୁରି ବୃଦ୍ଧି ପାଇବ।

ସମ୍ପ୍ରତି ନେପାଳ ବୈଦେଶିକ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ନେପାଳ କୌଣସି ପଡ଼ୋଶୀ ଦେଶ ବିରୋଧରେ ଶତ୍ରୁତାମୂଳକ ଦାବି କରୁନାହିଁ, ବରଂ ଅନ୍ତର୍ଜାତୀୟ ଜଳବାୟୁ ମଞ୍ଚରେ ସହାୟତା ଓ ନ୍ୟାୟ ଚାହୁଁଛି। ନେପାଳ ସରକାର ଜାତିସଂଘର 'ଲସ୍ ଆଣ୍ଡ ଡ୍ୟାମେଜ୍ ଫଣ୍ଡ' ନିକଟରେ ଆବେଦନ କରିସାରିଛନ୍ତି। ପ୍ୟାରିସ୍ ଜଳବାୟୁ ସମ୍ମିଳନୀରେ ସ୍ପଷ୍ଟ ଭାବେ ନିର୍ଦ୍ଧାରିତ ହୋଇଥିଲା ଯେ, 'ପ୍ରଦୂଷଣକାରୀ ହିଁ ଭରଣପୋଷଣ କରିବ'। ସେହି ଅନୁସାରେ ଐତିହାସିକ ଭାବେ ଅଧିକ ପ୍ରଦୂଷଣ ପାଇଁ ଦାୟୀ ବିକଶିତ ରାଷ୍ଟ୍ରଗୁଡ଼ିକ ବିକାଶଶୀଳ ଓ ଅଳ୍ପ-ବିକଶିତ ଦେଶଗୁଡ଼ିକୁ କ୍ଷତିପୂରଣ ଦେବା ଉଚିତ୍। ନିଜେ ଭାରତ ମଧ୍ୟ ଗ୍ଲୋବାଲ ସାଉଥ୍‌ର ସ୍ୱର ଭାବେ ବିଶ୍ୱର ବୃହତ୍ ବିକଶିତ ଶିଳ୍ପୋନ୍ନତ ରାଷ୍ଟ୍ରମାନଙ୍କଠାରୁ ଜଳବାୟୁ ପାଣ୍ଠି ଓ କ୍ଷତିପୂରଣ ଦାବି କରିଆସୁଛି। ତେଣୁ ନେପାଳର ଏହି କ୍ଷତିପୂରଣ ଦାବିକୁ କେବଳ ଏକ ଆଞ୍ଚଳିକ ଅଭିଯୋଗ ଭାବେ ନଦେଖି, ବିଶ୍ୱ ଜଳବାୟୁ ଚୁକ୍ତିର ଅଂଶ ଭାବେ ଦେଖିବା ଆବଶ୍ୟକ। ଯଦି ବିଶ୍ୱ ସମୁଦାୟ ଓ ବିକଶିତ ରାଷ୍ଟ୍ରଗୁଡ଼ିକ ସମୟସୀମା ମଧ୍ୟରେ ନିଜର ପ୍ରତିଶ୍ରୁତି ପୂରଣ ନ କରନ୍ତି, ତେବେ ହିମାଳୟ ଅଞ୍ଚଳର ଏହି ଜଳବାୟୁ ସଙ୍କଟ ସମଗ୍ର ଦକ୍ଷିଣ ଏସିଆର ସୁରକ୍ଷା ପାଇଁ ଏକ ବଡ଼ ଆହ୍ୱାନ ସୃଷ୍ଟି କରିବ। ●

ଭୁବନେଶ୍ୱର, ମୋ: ୯୪୩୭୫୦୦୫୫୬

# ମତ୍ସ୍ୟତୀର୍ଥ : ମାଛଙ୍କୁ ନୋଥ ପିନ୍ଧାଇ କରାଯାଏ ପୂଜା

## ବିଚିତ୍ର ବିଶ୍ୱାସ

**ଓଜସ୍ୱିନୀ**

କର୍ଣ୍ଣାଟକର ଦକ୍ଷିଣ କନ୍ନଡ଼ ଜିଲ୍ଲାସ୍ଥିତ ଗୋଟିଏ ଛୋଟ ଗାଁ ଶିଶିଳା। ଏହି ଗାଁ ଦେଇ କପିଳା ନଦୀ ପ୍ରବାହିତ। ନଦୀକୂଳରେ ମହାଦେବ ଶିଶିଳେଶ୍ୱର ଭାବେ ପୂଜା ପାଉଛନ୍ତି। ୭୦୦ରୁ ୮୦୦ ବର୍ଷ ପୁରୁଣା ଏହି ମନ୍ଦିରର ସ୍ୱତନ୍ତ୍ର ନୀତିକାନ୍ତି ଓ ବିଧିବିଧାନ ଅନୁସାରେ କେବଳ କପିଳା ନଦୀ ଜଳରେ ହିଁ ମହାଦେବଙ୍କ ଅଭିଷେକ ଓ ନୈବେଦ୍ୟ ପ୍ରସ୍ତୁତ ହୋଇଥାଏ। ତେଣୁ ସ୍ୱୟଂ ନାରାୟଣ ତାଙ୍କର ଆରାଧ୍ୟ ମହାଦେବଙ୍କ ପାଇଁ ନଦୀର ଜଳକୁ ସ୍ୱଚ୍ଛ ଓ ପବିତ୍ର ରଖିବାକୁ ଏଠାରେ ମତ୍ସ୍ୟ ଭାବରେ ବିଚରଣ କରୁଛନ୍ତି ବୋଲି ବିଶ୍ୱାସ କରାଯାଉଛି ଏବଂ ଏହି ସ୍ଥାନକୁ 'ମତ୍ସ୍ୟତୀର୍ଥ' ଭାବେ ପ୍ରାଧାନ୍ୟ ଦିଆଯାଇଛି।

ଭକ୍ତମାନେ କପିଳା ନଦୀର ପେରୋଲ୍ ବା ମହାସୀର ନାମକ ମାଛକୁ ଦେବତାଙ୍କ ସ୍ୱରୂପ ବା ଦୈବୀମାଛ ବୋଲି ବିଶ୍ୱାସ କରିଥା'ନ୍ତି। ଏଠାକାର ମତ୍ସ୍ୟପୂଜନ ପରମ୍ପରା ସମ୍ପୂର୍ଣ୍ଣ ଭିନ୍ନ ଓ ଅନନ୍ୟ। ଏଠାରେ ମାଛମାନଙ୍କୁ ନୋଥ ବା ନାକଫୁଲ ପିନ୍ଧାଇ ପୂଜା କରାଯାଇ ପୁର୍ନବାର ପାଣିରେ ଛାଡ଼ିଦିଆଯାଏ। ଲୋକବିଶ୍ୱାସ ଅନୁଯାୟୀ, ଏଭଳି କରିବା ଦ୍ୱାରା ମାଛ ଓ ଭକ୍ତ ଉଭୟଙ୍କୁ ଭଗବାନଙ୍କ କୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଯଦି କେହି ଭକ୍ତି ଓ ଶ୍ରଦ୍ଧାର ସହିତ ଏଠାରେ ମାଛକୁ ମୁଠାଏ ଭାତ କିମ୍ବା ମଣ୍ଡକି (ଏକ ପ୍ରକାରର ଚାରା) ଖୁଆଇ ନଦୀରେ ସ୍ନାନ କରନ୍ତି, ତେବେ ସମସ୍ତ ଚର୍ମ ରୋଗ ଭଲ ହୋଇଯାଏ। ଅପରପକ୍ଷରେ ମାଛମାନଙ୍କୁ କୌଣସି ପ୍ରକାର କ୍ଷତି ପହଞ୍ଚାଇଥିବା ବ୍ୟକ୍ତିର ଜୀବନରେ ଅନେକ ସମସ୍ୟା ଆସିଥାଏ। ତେଣୁ ଏଠାରେ ମାଛମାନଙ୍କୁ ବିଶେଷ ସୁରକ୍ଷା ପ୍ରଦାନ କରାଯାଏ। ପ୍ରତିଦିନ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ମହାଦେବଙ୍କ ଦର୍ଶନ କରିବା ପରେ ମାଛମାନଙ୍କ ଦର୍ଶନ କରି ଭୋଜନ ଅର୍ପଣ କରନ୍ତି। ମହାଦେବଙ୍କୁ ନିତ୍ୟ ଭୋଗ ଅର୍ପଣ ହେବା ପରେ ପ୍ରସାଦ ଭାବେ ପ୍ରଥମେ ମାଛମାନଙ୍କୁ ଦିଆଯାଏ।

ମହାଦେବଙ୍କୁ ସମର୍ପିତ ଶିଶିଳା ମନ୍ଦିର ସମ୍ପର୍କିତ ଗୋଟିଏ କିମ୍ବଦନ୍ତୀ ରହିଛି - ଥରେ ଗୋଟିଏ ବାଘ ଓ ଗୋଟିଏ ଗାଈ କପିଳା ନଦୀ କୂଳରେ ପହଞ୍ଚିଥିଲେ ଏବଂ ବାଘଟି ଗାଈକୁ ଶିକାର କରିବା ପାଇଁ ପିଛା କରିଥିଲା। ବାଘ ମୁହଁରୁ ଗାଈକୁ ରକ୍ଷା କରିବା ପାଇଁ ଶିଶିଳେଶ୍ୱର ଉଭୟ ବାଘ ଓ ଗାଈକୁ ପଥରରେ ପରିଣତ କରିଦେଇଥିଲେ। ବର୍ତ୍ତମାନ ମଧ୍ୟ ଏହି ଦୁଇ ପଥର ମୂର୍ତ୍ତି ଅକ୍ଷୁଣ୍ଣ ରହିଛି। ମନ୍ଦିରର ବାର୍ଷିକ ଉତ୍ସବରେ ପଥର ରୂପରେ ଥିବା ବାଘ ଓ ଗାଈକୁ ମଧ୍ୟ ବିଧିବିଧାନର ସହିତ ପୂଜାର୍ଚ୍ଚନା କରାଯାଏ। ଏହାବ୍ୟତୀତ, ମନ୍ଦିର ପରିସରରେ 'ଦେବରା କାଲୁ' ନାମକ ଅନ୍ୟ ଏକ ପଥର ପୂଜା ପାଉଛନ୍ତି। ଅନ୍ୟ ଏକ ଜନଶ୍ରୁତି ଅନୁଯାୟୀ, କୁମାରଗିରି ପାହାଡ଼ ନିକଟସ୍ଥ ଏକ ଶିବଲିଙ୍ଗଙ୍କୁ ଜଣେ ବ୍ରାହ୍ମଣ ପ୍ରତିଦିନ ପୂଜା କରିବାକୁ ଯାଉଥିଲେ। ଦିନେ ତାଙ୍କ ପାଦ ଖସିଯିବାରୁ ସେ ଗୁରୁତର ଆହତ ହେଲେ। ଯନ୍ତ୍ରଣାରେ ଆଘାତ ପାଇ ସେ ଭଗବାନଙ୍କୁ ପ୍ରାର୍ଥନା କଲେ - 'ହେ ପ୍ରଭୁ! ଯଦି ଆପଣ ଆମକୁ କପିଳା ନଦୀ କୂଳରେ ଦର୍ଶନ ଦିଅନ୍ତେ, ତେବେ ଗ୍ରାମବାସୀଙ୍କ ସମସ୍ତ ସମସ୍ୟା ଦୂର ହୁଅନ୍ତା। ମହାଦେବ ସେମାନଙ୍କ ପ୍ରାର୍ଥନା ଶୁଣିଥିଲେ। କିଛିଦିନ ମଧ୍ୟରେ କପିଳା ନଦୀ କୂଳରେ ଏକ ଦିବ୍ୟ ସ୍ୱୟଂପ୍ରକାଶିତ ପଥର ଦେଖାଗଲା। କିନ୍ତୁ ଏହି ପଥରର ପ୍ରକୃତ ଚମତ୍କାରିତା ପରବର୍ତ୍ତି ସମୟରେ ଜଣାଗଲା, ଯେତେବେଳେ ଆଦିବାସୀମାନେ ଜଙ୍ଗଲରେ 'ନାରିଆ' ନାମକ ଏକ ଜଡ଼ିବୁଟି ଔଷଧି ଖୋଜୁଥିବା ବେଳେ ସେମାନେ ଦୁର୍ଘଟଣାବଶତଃ ପଥରଟିକୁ ଆଘାତ କଲେ ଏବଂ ସେଥିରୁ ରକ୍ତସ୍ରାବ ହେବାକୁ ଲାଗିଲା। ଭୟଭୀତ ଗ୍ରାମବାସୀମାନେ ଏକତ୍ର ହୋଇ ପଥରଆଗରେ ଆକୁଳ ପ୍ରାର୍ଥନା କରିବାରୁ ଅଲୌକିକ ଭାବେ ରକ୍ତସ୍ରାବ ବନ୍ଦ ହୋଇଗଲା। ଏହାପରେ ସେଠାରେ ଏକ ଭବ୍ୟ ମନ୍ଦିର ନିର୍ମାଣ ଆରମ୍ଭ ହେଲା। ସେବେଠାରୁ ଏହି ସ୍ଥାନ ଭକ୍ତି ଏବଂ ବିଶ୍ୱାସର କେନ୍ଦ୍ର ପାଲଟିଛି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ମୋଦୀଙ୍କ ଜନ୍ମଦିନରେ ୮୮୧୦ ୟୁନିଟ ରକ୍ତ ସଂଗ୍ରହ

### ଗୋଟିଏ ସ୍ଥାନରେ ୮୮୧୦ ୟୁନିଟ ରକ୍ତ ସଂଗ୍ରହ ଏକ ବିଶ୍ୱ ରେକର୍ଡ: ମନ୍ତ୍ରୀ

ଭୁବନେଶ୍ୱର,୧୭।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିବସ ଅବସରରେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ମେଗା ରକ୍ତଦାନ ଶିବିରରେ ମୋଟ ୮୮୧୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଏ ସମ୍ପର୍କରେ ସେବା ସଂକଳ୍ପ ଅଭିଯାନର ରାଜ୍ୟ ସଂଯୋଜକ ତଥା ମନ୍ତ୍ରୀ ଡ.କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଆୟୋଜିତ ଏହି ମେଗା ରକ୍ତଦାନ ଶିବିର ନୂତନ ରେକର୍ଡ ସ୍ଥାପନା କରିଛି। ଆଜି ଗୋଟିଏ ଦିନରେ ଗୋଟିଏ ସ୍ଥାନ ଗୋଟିଏ କ୍ୟାମ୍ପ ଓ ଗୋଟିଏ ସଂସ୍ଥା ଜରିଆରେ ୮୮୧୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛ ଏକ ନୂତନ ବିଶ୍ୱ ରେକର୍ଡ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନ୍ମଦିନ ଅବସରରେ ଏହା ହେଉଛି ପ୍ରକୃତ ଉପହାର। ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଲାଷ ପଣ୍ଡା ନେତୃତ୍ୱରେ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ମେଗା ରକ୍ତଦାନ ଶିବିରରେ ସାମିଲ ହୋଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିବା ସମସ୍ତଙ୍କୁ ଏହି ରେକର୍ଡ ପାଇଁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ 'ୱାର୍ଲ୍ଡ ବୁକ ଅଫ୍ ରେକର୍ଡ' ସଂସ୍ଥାର ପ୍ରତିନିଧି ସାର୍ଟିଫିକେଟ ପ୍ରଦାନ କରିଥିଲେ।

### ପ୍ରଧାନମନ୍ତ୍ରୀଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇଲେ ନବୀନ

ଭୁବନେଶ୍ୱର,୧୭।୯ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ନବୀନ ପ୍ରଧାନମନ୍ତ୍ରୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ତଥା ଦୀର୍ଘାୟୁ ଜୀବନ କାମନା କରିଛନ୍ତି।

## ପୂଜା ଦେଖି ଫେରୁଥିବା ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣା: ୩ ଗିରଫ

ରାଉରକେଲା, ୧୭।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ଥାନା ଅଧୀନ କୁଆଁରମୁଣ୍ଡା ଅଞ୍ଚଳରେ କରମା ପୂଜା କାର୍ଯ୍ୟକ୍ରମରୁ ଫେରୁଥିବା ଦୁଇ ନାବାଳିକାଙ୍କୁ ଗଣଦୁଷ୍କର୍ମ ଘଟଣାରେ ପୁଲିସ ଆଜି ଜଣେ ନାବାଳକ ସମେତ ମୋଟ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଅଭିଯୁକ୍ତମାନେ ହେଲେ ବନ୍ଧନା ଖାଲଖୋ(୨୧), ଆଲେକ୍ସ ମିଞ୍ଜ (୧୯) ଓ ମଞ୍ଜିତ ମିଞ୍ଜ (୧୮)। ଏହି ୩ ଜଣଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି ପୁଲିସ। ଏହାସହ ଏହି ଘଟଣାରେ ସମ୍ପୃକ୍ତ ଜଣେ ନାବାଳକକୁ ପୁଲିସ କାବୁକରି ଜୁଭେନାଇଲ ଜଷ୍ଟିସଙ୍କଠାରେ ହାଜର କରିବା ପରେ ତାକୁ ବାଳସୁଧାର ଗୃହକୁ ପଠାଇ ଦିଆଯାଇଛି । ଜଣେ ପୀଡ଼ିତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ସହ ମୁହଁ ବନ୍ଦ ରଖିବା ପାଇଁ ୭ ହଜାର ଟଙ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ସୋମବାର କୁଆଁରମୁଣ୍ଡା ଅଞ୍ଚଳରେ କରମା ପୂଜା ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ପୁରୁଷ, ମହିଳା ଓ ଯୁବକ-ଯୁବତୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମ ଶେଷ ହେବାପରେ ଦୁଇ ନାବାଳିକା ବସ୍‌ରୁ ଓହ୍ଲାଇ ଘରକୁ ଫେରୁଥିଲେ। ଏହି ସମୟରେ ଏକ ନିଛାଟିଆ ରାସ୍ତାର ସୁଯୋଗ ନେଇ ୪ଜଣ ଯୁବକ ସେଠାରେ ପହଞ୍ଚି ସେମାନଙ୍କୁ ଘେରିଯିବା ସହ ସେମାନଙ୍କ ଘରେ ଛାଡ଼ି ଦେବାକୁ କହି ବାଇକରେ ବସାଇ କିଛି ଦୂର ନେଇ ଏକ ନିଛାଟିଆ ସ୍ଥାନରେ ସେମାନଙ୍କ ସହ ଗଣଦୁଷ୍କର୍ମ କରିଥିଲେ। ଘଟଣାପରେ ଅଭିଯୁକ୍ତମାନେ ଏ ବିଷୟରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହାସହ ପୁଲିସ ଠାରୁ ଘଟଣାକୁ ଲୁଚାଇବା ଏବଂ ମାମଲାକୁ ଚାପିଦେବା ଉଦ୍ଦେଶ୍ୟରେ ପୀଡ଼ିତାଙ୍କୁ ୭ ହଜାର ଟଙ୍କା ଦେଇ ଫେରାର ହୋଇଯାଇଥିଲେ। ଏହାପରେ ପୀଡ଼ିତା ଦ୍ୱୟ କୁଆଁରମୁଣ୍ଡା ଫାଣ୍ଡିରେ ପହଞ୍ଚି ଏହି ଗଣଦୁଷ୍କର୍ମ ବିଷୟରେ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣକୁ ଏକ ଦୁଷ୍କର୍ମ ପୀଡ଼ିତା ଚିହ୍ନିଥିବା ଏବଂ ସେ ତାଙ୍କୁ ଫୋନ କରିଥିବା ନେଇ ପୁଲିସ ନିକଟରେ ସୂଚନା ମିଳିବା ପରେ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜାପାନରେ ୧ ଲକ୍ଷରୁ...

ସହାୟକ ହୋଇଛି। ତେବେ ବଢୁଥିବା ବୟସ୍କ ଜନସଂଖ୍ୟା ଦେଶର ସାମାଜିକ ସୁରକ୍ଷା ବ୍ୟବସ୍ଥା ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଥିବା ସେ ଚେତାଇଛନ୍ତି। ବିଶେଷଜ୍ଞମାନେ ଜାପାନୀଙ୍କ ଦୀର୍ଘାୟୁ ପଛରେ ସୁସ୍ଥ ଖାଦ୍ୟାଭ୍ୟାସ ଓ ସକ୍ରିୟ ଜୀବନଶୈଳୀକୁ ପ୍ରମୁଖ କାରଣ ବୋଲି ମନେ କରନ୍ତି।

### ମଣିପୁର ରିଲିଫ୍ କ୍ୟାମ୍ପରେ...

ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଉଦବେଗ ପ୍ରକାଶ କରିଛନ୍ତି। କଶ୍ମୀର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଗୀତା ମିତ୍ତଲଙ୍କ ନେତୃତ୍ୱାଧୀନ କମିଟି ଦେଇଥିବା ରିପୋର୍ଟ କଥା ଉଲ୍ଲେଖ କରି ମାନ୍ୟବର ବେଞ୍ଚ ରିଲିଫ କ୍ୟାମ୍ପରେ ରହୁଥିବା ବାସଚ୍ୟୁତ ଲୋକମାନଙ୍କ ନିରାପତ୍ତା ଏବଂ ସମ୍ମାନ ନେଇ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ରିପୋର୍ଟ ଅନୁସାରେ, ୮ଟି ଜିଲ୍ଲାର ରିଲିଫ୍ କ୍ୟାମ୍ପରେ ୬୪୦ ଜଣଙ୍କ ମୃତ୍ୟୁ ଘଟିଥିଲେ ମଧ୍ୟ କେବଳ ୨୦ଟି ମାମଲାରେ ଶବବ୍ୟବଚ୍ଛେଦ କରାଯାଇଥିଲା। ଏସଂପର୍କରେ ଉକ୍ତ କମିଟି ରିପୋର୍ଟ ତଲବ କରିଥିଲେ ମଧ୍ୟ ମଣିପୁର ସରକାର ସହଯୋଗ କରିନଥିଲେ। ଏଥିରେ ବିରକ୍ତି ପ୍ରକାଶ କରି ପ୍ରଧାନ ବିଚାରପତି କହିଲେ ଯେ ଆମକୁ ଆଦେଶ ପାସ୍ କରିବାକୁ ବାଧ୍ୟ କରନାହିଁ। କୋର୍ଟ ପ୍ରଶ୍ନ କରିଥିଲେ ଯେ କେବଳ ୨୦ ଜଣଙ୍କର କାହିଁକି ଶବ ବ୍ୟବଚ୍ଛେଦ କରାଯାଇଥିଲା। ମାତ୍ର ୨୦ ହଜାରରୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ରାଶି କାହିଁକି ଦିଆଯାଇଥିଲା। ସମସ୍ତ ସନ୍ଦେହଜନକ ମୃତ୍ୟୁ ସମ୍ପର୍କରେ ଏଫ୍‌ଆଇଆର୍ ରୁଜୁ ଏବଂ ଉପଯୁକ୍ତ ତଦନ୍ତ ସୁନିଶ୍ଚିତ କରିବାକୁ ମଣିପୁର ଆଇନ ସେବା ପ୍ରାଧିକରଣକୁ ମଧ୍ୟ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ପ୍ରେମିକକୁ ଜାଳିଦେଲେ...

ଗୌରୀଙ୍କ ଘର ନିକଟରେ ପହଞ୍ଚି ବିବାହ ପାଇଁ ଜିଦ୍ କରିଥିଲେ। ମାତ୍ର ଗୌରୀଙ୍କ ବାପା ନଳିନୀ ଓ ଅନ୍ୟ ସମ୍ପର୍କୀୟମାନେ ଏହାକୁ ବିରୋଧ କରିବା ସହ ସିଲୁଙ୍କ ଉପରେ ଆକ୍ରମଣ କରିଥିଲେ। ସିଲୁ ଏ ସମ୍ପର୍କରେ ନିଜର ଜଣେ ସାଙ୍ଗକୁ ଫୋନ୍ ଯୋଗେ ସୂଚନା ଦେବା ସହ ପୁଲିସକୁ ଜଣାଇ ତାଙ୍କୁ ସେଠାରୁ ଉଦ୍ଧାର କରିବାକୁ ଅନୁରୋଧ କରିଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ସିଲୁର ଭାଇ ଓ ଅନ୍ୟ ସମ୍ପର୍କୀୟମାନେ ପହଞ୍ଚିବାବେଳକୁ ସିଲୁର ଦଗ୍ଧୀଭୂତ ମୃତଦେହ ଗୌରୀ ଘର ସାମ୍ନାରେ ପଡ଼ିଥିଲା। ଖବର ପାଇ ରିଆମାଳ ପୁଲିସ ମଧ୍ୟ ସେଠାରେ ପହଞ୍ଚିଥିଲା ଓ ସିଲୁଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ପ୍ରେମିକା ଗୌରୀଙ୍କ ସହ ତାଙ୍କର ବାପା ନଳିନୀ, ମାଙ୍କୁ ଅଟକ ରଖିଛି । ଏହା ସହ ସମ୍ପର୍କୀୟ ତ୍ରିଭୁବନ ବେହେରା, ଶେଷଦେବ ବେହେରା, କାଳିଆ ବେହେରା ଓ ଭଜ ବେହେରା ପ୍ରମୁଖ ୭ ଜଣଙ୍କ ବିରୋଧରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ ଟିମ ପହଞ୍ଚିବା ପରେ ତଦନ୍ତକୁ ବ୍ୟାପକ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ବୋଲି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର ସୂଚନା ଦେଇଛନ୍ତି।

### ତ୍ରିକୋଣୀୟ ପ୍ରେମ...

ଚାଲି ଯାଇଥିଲେ ଓ ଦୁଇ ମାସ ହେଲା କୁନାଲଙ୍କ ସହ କଥାବାର୍ତ୍ତା କରି ନ ଥିଲେ। ଯାହାକୁ ନେଇ କୁନାଲ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା ଓ ଏହା ପଛରେ ବନ୍ଧୁ ଅଭିଷେକର ସମ୍ପୃକ୍ତି ଥିବା ସେ ସନ୍ଦେହ କରିଥିଲା। ଗତକାଲି ନୂଆଁଖାଇ ପାଳିବା ପାଇଁ କୁନାଲ ଅଭିଷେକକୁ ଡ଼ାକିଥିଲା। ଅଭିଷେକ ଆରଏସପିରୁ ଡ୍ୟୁଟି ସାରି ଘରକୁ ଫେରିବା ପରେ ସଂଧ୍ୟାରେ କୁନାଲ ପାଖରେ ପହଞ୍ଚିଥିଲା। ପୂର୍ବ ଯୋଜନା ମୁତାବକ କୁନାଲ ଅଭିଷେକକୁ ନେଇ ଲାଠିକଟା ବ୍ଲକ୍ ଛକ ନିକଟସ୍ଥ ତ୍ରିନାଥ କଲୋନୀରେ ପହଞ୍ଚି ଥିଲା। ଏହାପରେ ସେମାନେ ସେଠାରେ ନିର୍ମାଣାଧୀନ ଏକ ପାଣିଟାଙ୍କି ଉପରକୁ ଚଢ଼ିଥିଲେ ଓ ସେଠାରେ ଉଭୟ ମଦ୍ୟପାନ କରିଥିଲେ। କୁନାଲ ଏହି ସମୟରେ ଅଭିଷେକକୁ ସମ୍ପୃକ୍ତ ଯୁବତୀ ସଂପର୍କରେ ପଚାରିଥିଲା ଓ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ଉଗ୍ରରୂପ ଧାରଣ କରିଥିଲା। ଉତ୍ତେଜିତ କୁନାଲ ପାଣିଟାଙ୍କି ଉପରୁ ଅଭିଷେକକୁ ଠେଲି ଦେଇଥିଲା। ୪୦ ଫୁଟ ଉପରୁ ଖସିପଡ଼ି ଅଭିଷେକଙ୍କର ମୃତ୍ୟୁ ଘଟିଥିଲା ଓ କୁନାଲ ସେଠାରୁ ଫେରାର ହୋଇଥିଲା। ସୂଚନା ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା ଓ ଜେରାବେଳେ କୁନାଲ ପାଣିଟାଙ୍କି ଉପରୁ ଅଭିଷେକକୁ ଠେଲି ଦେଇଥିବା ସ୍ୱୀକାର କରିଥିଲା। ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ୨୩ରୁ ୨୫ ତାରିଖ...

ଗୋଟିଏ ଦିନ ମଧ୍ୟରେ ଏହା ଆଣ୍ଡାମାନରେ ପ୍ରବେଶ କରିବା ଏକ ପ୍ରକାର ଅସମ୍ଭବ ଲାଗୁଛି। ଏହା ବ୍ୟତୀତ ପ୍ରାରମ୍ଭିକ ଭାବେ ଏହା ଆଣ୍ଡାମାନ ପରିବର୍ତ୍ତେ ବିପରିତ ଦିଗକୁ ଗତି କରିଥିବା ହେତୁ ଏହାର ଗତିପଥକୁ ନେଇ ମଧ୍ୟ ଦ୍ୱନ୍ଦାତ୍ମକ ସ୍ଥିତି ସୃଷ୍ଟି ହୋଇଛି।

ଅନ୍ୟପଟେ ଏହି ଲଘୁଚାପ ସୃଷ୍ଟି ହେଲେ ବାତ୍ୟାରେ ପରିଣତ ହେବ କି ନାହିଁ ତାକୁ ନେଇ ଏବେ ବି ଜୋରଦାର୍ ଚର୍ଚ୍ଚା ଜାରି ରହିଛି। ଏହି ଚର୍ଚ୍ଚା ମଧ୍ୟରେ ଆଜି ଆଇଏମ୍‌ଡି ପକ୍ଷରୁ ୨ ସପ୍ତାହ ପାଇଁ ଜାରି ହୋଇଥିବା ବିସ୍ତାରିତ ପରିସର ଆକଳନ ରିପୋର୍ଟରେ ଦର୍ଶାଯାଇଛି ଯେ ୧୮ ସେପ୍ଟେମ୍ବର ସନ୍ଧ୍ୟାରେ ଉତ୍ତର ଆଣ୍ଡାମାନ ସାଗର ଉପରେ ଏକ ଘୂର୍ଣ୍ଣିବଳୟ ପ୍ରବେଶ କରିବ। ଏହାର ପ୍ରଭାବରେ ସମାନ ଅଞ୍ଚଳରେ ପ୍ରାୟ ୧୯ ସେପ୍ଟେମ୍ବର ସନ୍ଧ୍ୟାରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ପରବର୍ତ୍ତୀ ସମୟରେ ଅର୍ଥାତ ୨୧-୨୨ ମଧ୍ୟରେ ଏହା ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତର ରୂପ ନେବ। ପରବର୍ତ୍ତୀ ୩-୪ ଦିନ ମଧ୍ୟରେ ଏହି ଅବପାତ ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ଆଡ଼କୁ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଅଗ୍ରସର ହେବାର ସମ୍ଭାବନା ରହିଛି। ଆଇଏମ୍‌ଡି ପକ୍ଷରୁ ପ୍ରାଥମିକ ଭାବେ ଏହାକୁ ଅବପାତରେ ପରିଣତ ହେବା ପରେ ଘନୀଭୂତ ହେବ କି ନାହିଁ ତାହା ସ୍ପଷ୍ଟ କରାଯାଇ ନାହିଁ। ତେଣୁ ବାତ୍ୟାକୁ ନେଇ ଚାଲିଥିବା ଚର୍ଚ୍ଚାକୁ ଆଇଏମ୍‌ଡିକର ଆକଳନ ଖୋରାକ ଯୋଗାଉ ନାହିଁ।

ଆଇଏମ୍‌ଡି ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଓଡ଼ିଶାରେ ପ୍ରବଳ ବର୍ଷା କରାଇବାର ସମ୍ଭାବନା ରହିଛି। ତେବେ ଲଘୁଚାପ ସୃଷ୍ଟି ହେବା ପୂର୍ବରୁ ବାତ୍ୟା ପୂର୍ବାନୁମାନ କରିବା ଉପଯୁକ୍ତ ନୁହେଁ। କୌଣସି ସଂଗଠନ ଦ୍ୱାରା ଜାରି ବାତ୍ୟା ପୂର୍ବାନୁମାନକୁ ନେଇ ଲୋକମାନେ ଭୟଭୀତ ହେବା ଉଚିତ୍ ନୁହେଁ। ଭାରତୀୟ ପାଣିପାଗ ବିଭାଗ ଲଗାତାର ଏହି ପାଣିପାଗ ସିଷ୍ଟମ୍ ଉପରେ ନଜର ରଖିଛି। ଯଦି ଏହାର ତୀବ୍ରତା କିମ୍ବା ଗତିପଥରେ କୌଣସି ପରିବର୍ତ୍ତନ ହୁଏ, ତେବେ ବିଭାଗ ନିର୍ଦ୍ଧାରିତ ସମୟ ପୂର୍ବରୁ ସୂଚନା ଜାରି କରିବ।

ଅନ୍ୟପକ୍ଷରେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ୧୯ ତାରିଖର ଉତ୍ତର ଆଣ୍ଡାମାନ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ବିଭିନ୍ନ ମଡେଲ୍‌ରୁ ଜଣାପଡୁଛି, ୨୩ କିମ୍ବା ୨୪ ତାରିଖ ବେଳକୁ ଏହା ଗଭୀର ଅବପାତରେ ପରିଣତ ହେବ। ଏମିତି କି ଏହା ଆହୁରି ଘନୀଭୂତ ହୋଇ ବାତ୍ୟା ହେବାର ଆଶଙ୍କାକୁ ମଧ୍ୟ ଏବେଠୁଁ ଏଡ଼ାଇ ଦେଇ ହେବନାହିଁ। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଏହାର ଗତିପଥ ଓ ତୀବ୍ରତା ସ୍ଥିର ହୋଇନାହିଁ। ଓଡ଼ିଶାରେ ଏହାର ପ୍ରଭାବ ୨୨ ତାରିଖରୁ ପଡ଼ିବ। ଫଳରେ ରାଜ୍ୟରେ ବର୍ଷା ବଢ଼ିପାରେ ଏବଂ ୨୩ରୁ ୨୫ ତାରିଖ ମଧ୍ୟରେ ସବୁଠୁ ଅଧିକ ବର୍ଷା ହୋଇପାରେ। ରାଜ୍ୟର ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ପ୍ରଥମେ ଅଧିକ ବର୍ଷା ହୋଇ, ପରେ ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡ଼ିଶାକୁ ବର୍ଷା ବ୍ୟାପିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

### ଓଡ଼ିଶାକୁ ମିଳିଲା...

ଏହାର ପରବର୍ତ୍ତୀ ବୈଠକ ଆସନ୍ତା ସେପ୍ଟେମ୍ବର ୨୧ରେ ହେବ। ଉଭୟ ରାଜ୍ୟର ସ୍ୱାର୍ଥକୁ ଆଖି ଆଗରେ ରଖି ଦୁଇ ରାଜ୍ୟ ମଧ୍ୟରେ ଜଳ ବଣ୍ଟନ କେଉଁ ଆଧାରରେ କରାଯିବ, ତାହାର ରୂପରେଖ ଆଗାମୀ ଦିନରେ ସ୍ଥିର କରାଯିବ। ଓଡ଼ିଶାର ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭାବରେ ସୁରକ୍ଷିତ ରଖି ଆମେ ବିବାଦକୁ ସମାଧାନ ଦିଗରେ ନେଉଛୁ। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସକାରାତ୍ମକ ଚିନ୍ତାଧାର, କେନ୍ଦ୍ର ସରକାରଙ୍କ ସହଯୋଗ, ଗୃହମନ୍ତ୍ରୀ, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ହସ୍ତକ୍ଷେପ ଏବଂ ସୁଚିନ୍ତିତ ପରାମର୍ଶ ଜରିଆରେ ଉଭୟ ରାଜ୍ୟର ଜଳବିବାଦ ଧିରେ ଧିରେ ସମାଧାନର ଦିଗକୁ ଗତି କରୁଛିବୋଲି ସେ କହିଛନ୍ତି। ଅପରପକ୍ଷେ ଦୁଇରାଜ୍ୟ ମଧ୍ୟରେ କେଉଁ ଫର୍ମୁଲା ଆଧାରରେ ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରହିଛି, ତାହାକୁ କାହିଁକି ଗୋପନ ରଖାଯାଉଛି ବୋଲ ପ୍ରଶ୍ନ ଉଠାଇଛନ୍ତି ବିଶେଷଜ୍ଞମହଲ। ରାଜ୍ୟ ବିଜେପି ସରକାର ରାଜ୍ୟବାସୀ, ବିରୋଧୀ ଦଳ, ଜଳ ବିଶେଷଜ୍ଞମାନଙ୍କୁ ଆଦୌ ବିଶ୍ୱାସକୁ ନେଉନାହାନ୍ତି। ଆପୋଷ ସମାଧାନକୁ ସଭିଙ୍କର ସମର୍ଥନ ରହିଛି। ମାତ୍ର ସମସ୍ତଙ୍କ ମତାମତ ଭିତ୍ତିରେ ଯଦି ରାଜ୍ୟ ସରକାର ସମାଧାନ କ୍ଷେତ୍ରରେ ଆଗକୁ ବଢ଼ନ୍ତେ, ତାହେଲେ ଏହା ରାଜ୍ୟ ସ୍ୱାର୍ଥ ଦିଗରେ ଯାଆନ୍ତା। ସରକାର କିନ୍ତୁ ସେପରି ନକରି, ସଭିଙ୍କୁ ଅନ୍ଧାରରେ ରଖିବାକୁ ଚେଷ୍ଟା କରୁଛନ୍ତି ବୋଲି ବିଶେଷଜ୍ଞମାନେ କ୍ଷୋଭ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଦୀପାବଳି ସୁଦ୍ଧା ମହାନଦୀ ଜଳ ବିବାଦର ନିଶ୍ଚିତ ସମାଧାନ ହେବ ବୋଲି ନିକଟରେ ଦୃଢ଼ୋକ୍ତି ପ୍ରକାଶ କରିସାରିଛନ୍ତି। ଯାହାକୁ ନେଇ ରାଜ୍ୟବାସୀଙ୍କ ମନରେ ବିବାଦର ସମାଧାନ ନେଇ ଆଶା ସଞ୍ଚାର ହୋଇଥିଲା। ତେବେ ଦୀପାବଳିକୁ ହାତରେ ମାତ୍ର ଆଉ ୫୦ ଦିନ ଥିବାବେଳେ ବାରମ୍ବାର ତାରିଖ ପରେ ତାରିଖ ପ୍ରଦାନ କରିବା ମୁଖ୍ୟମନ୍ତ୍ରୀଙ୍କ ଦାବି ଉପରେ ଆଶଙ୍କା ସୃଷ୍ଟି କରିଛି ବୋଲି ଜଳ ବିଶେଷଜ୍ଞମାନେ କହିଛନ୍ତି ।

### ବିଜ୍ଞାନ ଯେତେ...

ଦେଇଥାଏ। ରାଜ୍ୟରେ ରକ୍ତ ଅଭାବରୁ ଯେପରି କୌଣସି ଜୀବନ ଅସମୟରେ ଝଡ଼ି ନ ପଡ଼େ, ସେଥିପାଇଁ ସରକାର ସଂକଳ୍ପବଦ୍ଧ। ରକ୍ତ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ୨୦୨୬-୨୭ ବଜେଟରେ ୫୦ କୋଟି ୫୪ ଲକ୍ଷ ଟଙ୍କାର ବ୍ୟୟବରାଦ ସହ ଅଟଳ ରକ୍ତଦାନ ଅଭିଯାନ ଆରମ୍ଭ କରାଯାଇଛି। ଏହା ଅଧୀନରେ ନୂତନ ମେଡିକାଲ କଲେଜଗୁଡ଼ିକରେ ରକ୍ତ ଭଣ୍ଡାର ସ୍ଥାପନ ଏବଂ ପୁରୁଣା ରକ୍ତ ଭଣ୍ଡାରଗୁଡ଼ିକର ଆଧୁନିକୀକରଣ କରାଯାଉଛି। ରାଜ୍ୟର ଯୁବବର୍ଗ ନିଜ ଦୈନନ୍ଦିନ ଜୀବନରୁ କିଛି ସମୟ ବାହାର କରି ସମାଜସେବାରେ ନିୟୋଜିତ ହେବା ସହ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ସ୍ଥାନୀୟ ୟୁନିଟ-୩ ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଆୟୋଜିତ ମେଗା-ରକ୍ତଦାନ ଶିବିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ପୂର୍ବରୁ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଏକ ଅଶୋକ ଗଛର ଚାରା ମଧ୍ୟ ରୋପଣ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୬ତମ ଜନ୍ମଦିବସ ଅବସରରେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବିକଶିତ ଭାରତର ବିଧାଣୀ ମୋଦୀଙ୍କ ଦୀର୍ଘ ୫୦ ବର୍ଷର ଜନସେବା ଏବଂ ୨୫ ବର୍ଷର ନିରବଚ୍ଛିନ୍ନ ଶାସନ ଦେଶରେ କାୟାକଳ୍ପ ଆଣିଛି। ତାଙ୍କର ଏହି କଲ୍ୟାଣକାରୀ ଆଦର୍ଶରେ ଅନୁପ୍ରାଣିତ ହୋଇ ପାଳିତ ହେଉଥିବା ଏକ ମାସ ବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' କେବଳ ଏକ କାର୍ଯ୍ୟକ୍ରମ ନୁହେଁ; ବରଂ ଏହା ମାନବସେବା ଓ ତ୍ୟାଗର ଏକ ବିରାଟ ଜନ-ଆନ୍ଦୋଳନ। ଦେଶର ବିକାଶ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଆଜି ବିଶ୍ୱର ଏକ ପ୍ରଭାବଶାଳୀ ଭୂ-ରାଜନୈତିକ ଓ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇଛି। ପ୍ରତିରକ୍ଷା ଆମଦାନୀ ୭୦ ପ୍ରତିଶତରୁ ହ୍ରାସ ପାଇ ୩୫ ପ୍ରତିଶତରେ ପହଞ୍ଚିଛି ଓ ସେମିକଣ୍ଡକ୍ଟର ଓ ସ୍ପେସ୍ ଟେକ୍ନୋଲୋଜି କ୍ଷେତ୍ରରେ ଭାରତ ଆତ୍ମନିର୍ଭର ହେଉଛି। ୨୦୪୭ ପୂର୍ବରୁ ବିକଶିତ ଭାରତର ଲକ୍ଷ୍ୟ ହାସଲ ହେବା ସୁନିଶ୍ଚିତ। ଏହି ଅବସରରେ ନଗର ଉନ୍ନୟନ, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ରାଜ୍ୟସଭା ସାଂସଦ ମମତା ମହାନ୍ତ ସାମଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ରାଜ୍ୟସଭା ସାଂସଦ ସୁଜିତ୍ କୁମାର, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ରାଜ୍ୟ ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ ବାବୁ ସିଂ, ପ୍ରଶାନ୍ତ କୁମାର ଜଗଦେବ, ଇରାସିସ ଆଚାର୍ଯ୍ୟ, ଦୁର୍ଗା ପ୍ରସନ୍ନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


**AFFIDAVIT**

I, Sisinti Swapna Patro, aged about 46 years, W/o- Sisinty Mohan Patro, At-1St Military Lane, Behrampur, Dist-Ganjam-760001, ODISHA, declared by this Affidavit No.A978 Dated.25.06.2025, That now onwards I shall Be Known As **SISINTY SWAPNA PATRO** for all future Purposes.

**SALE**

1 Number of CAR – MAHINDRA XUV 3XO Registration No.-OD-01-BC-2465,Model-2025, ENGINE NO– NPSZA84033, CHASSIS NO -MA1NS2NP1S2A74403, For Details, contact – 9437577758,8895997418, SUNDARAM FINANCE LTD., First floor, Choudhury Nivas, SAHADEVKHUNTA, BALASORE, 756001, PH. NO-06782-266657

**AFFIDAVIT**

I, SISINTI YUVRAJ PATRO, aged about 20 years, S/o- Sisinty Mohan Patro, At-1St Military Lane,Behrampur, Dist-Ganjam-760001, ODISHA, declared by this Affidavit No.A979 Dated.25.06.2025, that now onwards I shall Be Known As **YUVRAJ SISINTY** for all future Purposes.

**DECLARATION**

By virtue of an affidavit sworn before the Executive Magistrate Cuttack No. 6087, Dated 11.09.2026 I, **Govinda Chandra Rath**, S/o- Late Brundaban Chandra Rath resident of Sector- 7, C.D.A, PS. - Markat Nagar, Dist-Cuttack, Odisha do hereby declare that my original C.L.C. which was issued to me by the concerned authority has been completely damaged by white ants which is beyond recovery. This newspaper publication is required to produced before the Concerned Authority for issuance of duplicate copy of said College Leaving Certificatefor my future reference .

**Sd- Govinda Chandra Rath**

**AFFIDAVIT**

I, Sisinti Mohan Patro, aged about 53 years, S/o-Kamaraju Patro sisinty, At-1St Military Lane,Behrampur, Dist-Ganjam-760001, ODISHA, declared by this Affidavit No.A977 Dated.25.06.2025, That now onwards I shall Be Known As **SISINTY MOHAN PATRO** for all future Purposes.

**AFFIDAVIT**

I SUNITA SAHU W/O NEELAMADHAV SAHU , RESIDENT AT /PO- INDRAKHI,PS-GOLANTHARA PIN-761008, DIST-GANJAM, ODISHA , Declare by this Affidavit No-629, dt 10.09.2026. That now on wards I shall be known as **SUMITA SAHU** for all futures purposes.

**LOST**

**I, Sri N. Chhatoi Gulson Nanda,** aged about 52 years, S/o: Late Duryodhan Nanda, Resident of Village Ekarukha, P.O.: Tipuri, P.S.: Kanas, Dist.: Puri, Odisha, hereby inform the general public that the original Registered **Sale Deed bearing No. 11551201163 dated 12.10.2012**, relating to the landed property situated at Mouza Rench, Khata No.: 679/102, Plot No.: 250, Area Ac. 0.01.500 decimals, out of Ac. 0.13 decimals, and Plot No.: 249, Area Ac. 0.07 decimals, was lost on 08.09.2026 at about 9:00 A.M. while travelling by motorcycle from Delang Station to Rench along with other documents.The matter has been reported at Delang Police Station, Puri. If anyone finds the said original document or has any objection/claim regarding the same, he/she may contact the undersigned within 7 days from the date of publication of this notice. Failing which, no claim or objection shall be entertained.

**Sri N. Chhatoi Gulson Nanda**
**Mob.: 9337131977**

**AFFIDAVIT**

I SURENDRA KUMAR PATRA, , aged about 69 years, S/o- Gopinath Patra, At- Shankarpur,Nua Sahi,Cuttack Sadar, Cuttack 753012, ODISHA, declared by this Affidavit No.1013/2026 Dated.16.09.2025, that now onwards I shall Be Known As **SURENDRA PATRA** for all future Purposes.

**AFFIDAVIT**

By virtue of an affidavit No.949 sworn before the executive magistrate, Gajapati, dt.11/09/2026. I, Puspanjali Lima, W/O- Jihosiya Lima, DOB: 01.09.2012, R/O- Bhramarpur, PO- Nuagada, PS- Seranga, Dist- Gajapati, Odisha do hereby declare that, my daughter's detail has been wrongly recorded in her Aadhar card as **AKANGASHA LIMA D/O- Jihosiya Lima, M/O- Puspanjali Lima** in stead of **AKANKHYA LIMMA, D/O- JIHOSIYA LIMMA, M/O- PUSPANJALI LIMMA.** Hence this affidavit to be file before the concerned authority for correction of my daughter's details in here aadhar card for future reference.

**Puspanjali Limma**

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated 11/09/2026 I, Sibu Prasad Das, Address At- Jamugan, Po- Jamugan, Ps- Naugaon, Dist- Jagatsinghpur, Odisha, Pin- 754107 declare that I have changed my name from Shiba Prasadadas to Sibu Prasad Das. Henceforth, I shall be known as **Sibu Prasad Das** for all purposes.

**Sibu Prasad Das**

**AFFIDAVIT**

By virtue of an affidavit sworn before Notary Public, Bhubaneswar , dated 11/09/2026 I, Sukulal, Address At- Edelbeda, Po- Saleibeda, Ps- Thakurmunda, Dist- Mayurbhanj, Odisha, Pin- 757038 declare that I have changed my name from Shukra Kandeyan to Sukulal Kandeyam. Henceforth, I shall be known as **Sukulal Kandeyam** for all purposes.

**Sukulal Kandeyam**

**AFFIDAVIT**

I. KALSUM BIBI aged about 61 years w/o. SK MOHIUDDIN of Village: Mustafapur, Post: Dobal, PS: Dhamnagar, Dist: Bhadrak, Odisha, Pin-756117, affidavit No- 6725, dated 17-09-2026, Adhaar No:7451 4749 0599, PAN NO:BMNPB6604F that I swear this affidavit to place before concerned authority to prove of my name as KALASUM BIBI and KALSUM BIBI W/O SK MOHIUDDIN is one & same person that I concerned authority for correction of my passport mentioning my recorded name.

**FOR SALE**

1 Number of NEW MAH & MAH FES SWARAJ 735 FE WITH TRAILER TRACTOR-2025, Registration No.- OD-11-AH-5330, Model- 2025, ENGINE NO – CJ1354S GI29512, CHASSIS NO - MBNAK48ACRTL39314, For Details, contact – 8280406596, 9043001906, SUNDARAM FINANCE LTD., MISHRA COMPLEX,2 ND FLOOR, INFRONT OF SATYASAI SCHOOL, BARIPADA, MAYURBHANJ-757001, PH. NO- 0679-2253348

**AFFIDAVIT**

By virtue of an affidavit No- 12022, sworn before The Executive Magistrate Jajpur on dtd- 09/09/2026, I **Nazir Ahmed Khan**, aged 46 years, S/o- Late Abdul Gafoor Khan, permanent resident of Vill- Meheboob Mahala, Po/Ps- Binjharpur, Dist- Jajpur declared that I have changed my son's name from **ANAS NAZIR** (old name) to **ANIS AHMED KHAN** (new name). Henceforth, he shall be known as **ANIS AHMED KHAN** for all future purposes.

**Sd/- Nazir Ahmed Khan**

**Sambalpur Municipal Corporation**
**Sambalpur**

13001/1859/2627

Notice No: 12667 / SMC / Engg. Email Id: sambalpurm.hud@od.gov.in Dt. 11.09.2026

**e' Procurement NOTICE.**

*Bid Reference No: 28/SMC,SBP/2026-27*
*Tender ID No: 2026,ORULB,140994*

The Municipal Commissioner on behalf of Municipal Corporation, Sambalpur invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in.

1. Number of Civil works : 10 (Ten) numbers
2. Estimated Costs : 7.61 Lakhs to 38.13 Lakhs
3. Period of completion : As per NIT
4. Date and time of availability of the bid documents in the portal : From 11.00 A.M. of dt. 18.09.2026 To 05.00 PM of 28.09.2026
5. Last Date/ Time for receipt of bids in the portal : 05.00 PM of 28.09.2026
6. Bids will be opened on : 11.00 AM of Dt. 29.09.2026
7. Name and address of the officer inviting bid : Municipal Commissioner, Sambalpur Municipal Corporation, Sambalpur

OIPR-13001/13122/1/26-27/0030

Dy. Commissioner
Sambalpur Municipal Corporation

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION : GUNUPUR**

25001/1147/2627

Lr.No. 3991 /Dated. 02.09.2026 e-mail id : eerwgunupur@gmail.com

**GEPNIC e-Procurement Notice**
**(Bid Identification No.-SERWGNP-Online-10/2026-27)**

1 Name of the Work : Building and Road Works
2 Total No. of Works : 02Nos (Percentage rate tender)
3 Estimated Cost : As mentioned in Col. 3 of TCN Annexure
4 Class of Contractor : As mentioned in Col. 5 of TCN Annexure
5 Period of Completion : As mentioned in Col. 4 of TCN Annexure
6 EMD : As mentioned in Col. 6 of TCN Annexure
7 Paper Cost : As mentioned in Col. 7 of TCN Annexure
8 Other details:

| Procurement Officer | Bid Identification No. | Availability of Tender online for Bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Gunupur | SERWGNP-Online-10/2026-27 | 19.09.2026 at 11.00 A.M. | 28.09.2026 up to 5.00 P.M. | 29.09.2026 at 11.00 A.M. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Other details can be seen in the bidding documents, which is available in website www.tendersodisha.gov.in. Any subsequent addendum or corrigendum will be made available in the above website.

OIPR-25001/25170/1/26-27/0012

Superintending Engineer,
Rural Works Division, Gunupur

**ZILLA SWASTHYA SAMITI, JAGATSINGHPUR**

10001/546/2627

Office of the CDM&PHO-cum- District Mission Director , NHM, Jagatsinghpur, Odisha, 757001

Advt. No. 2565 / NHM /2026-27 Dt: 17/09/2026

**Tender Call Notice**

Sealed tenders are invited from the interested eligible bidders for "TENDER FORSELECTION OF NABL ACCREDITED LAB FOR QUALITY TESTING OF LINEN & WATER (USED ESPECIALLY IN DIALYSIS CENTERS, SAMPLES AT PUBLIC HEALTH FACILITIES". The eligible criteria, the terms of reference and the formats for submission of bid as set forth in the tender document can be downloaded from the website https://jagatsinghpur.odisha.gov.in/. Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as per tender call notice. The bidders have to submit their proposal(s) at the O/o: The CDM & PHO cum District Mission Director, Jagatsinghpur. Proposal(s) complete in all respect should reachthe undersigned on or before **04.00 PM of dt.05.10.2026** through Regd/Speed post/ Courier and the same will be opened on **06.10.2026 at11.00AM.** The undersigned reserves the right to reject any or all the tender(s) without assigning any reason thereof.

**Chief District Medical& Public Health Officer**
**Jagatsinghpur**

OIPR-10001/10043/1/26-27/0007

**THE ORISSA MINERALS DEVELOPMENT COMPANY LTD.**

(A Government of India Enterprise)
CIN: L51430OR1918GOI034390
Regd. Office: Ground Floor, SAIL Building, Plot-271, Bidyut Marg, Unit-IV, Shastri Nagar, Bhubaneswar, Khordha, Odisha, India-751001
Email: info.birdgroup@birdgroup.co.in, Website: www.birdgroup.co.in

**STATEMENT OF UNAUDITED STANDALONE FINANCIAL RESULTS FOR THE YEAR ENDED 30th JUNE 2026 - IND-AS COMPLIANT**

(Rs. in Lacs)

| SL. NO. | PARTICULARS | Qtr-I ENDING 30.06.2026 | Qtr-I ENDING 30.06.2025 | FOR YEAR ENDING 31.03.2026 |
|---|---|---|---|---|
| 1 | Total Income from Operation / Other Income | 2,948.77 | 2,103.28 | 10,000.20 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 478.85 | (278.61) | (539.97) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 478.85 | (278.61) | (539.97) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 345.28 | (278.61) | (290.77) |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehensive income (after tax)] | 345.28 | (278.61) | (284.42) |
| 6 | Paid up Equity Share Capital | 60.00 | 60.00 | 60.00 |
| 7 | Reserves (Excluding revaluation reserve) as shown in the audited balance sheet of the prevision year | (5,178.47) | (5,496.43) | (5,523.75) |
| 8 | Net Worth | (5,118.47) | (5,436.43) | (5,463.75) |
| 9 | Earning per share (of Re. 1/-each) (for continuing and discontinued operations):- | | | |
| | 1. Basic: | 5.75 | (4.64) | (4.85) |
| | 2. Diluted | 5.75 | (4.64) | (4.85) |

1. 1. The above results of the Company were approved by the Board of Directors at their respective meetings held on 17th September 2026.
2. The above is the extract of the detail format of Annual Financial Result filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full Format of the Annual Financial Results are available on the Company's Website: www.birdgroup.co.in, the NSE (www.nseindia.com), the BSE (www.bseindia.com) and the CSE (www.cse-india.com)

Place: Vishakhapatnam
Date: 17th September 2026

For and on behalf of the Board of Director
Sd/-
(G V N Prasad)
Managing Director

34001/796/2627

**GOVERNMENT OF ODISHA**

E-mail ID: eerbnrpur@yahoo.com
Tel & Fax - 06858-222833 (O)

**OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR**

**e-Procurement Notice**

**Bid Identification No. S.E (R&B)-07/2026-27/NGP**

No. 5284 Date: 03.09.2026

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

1. Name of the Work : Civil and EI Work as mentioned in DTCN
2. No. of Work : 8 Nos.
3. Estimated Cost : Rs. 1.43 Lakhs to 25.81 Lakhs
4. Period of completion : 1 to 12 Calendar Months
5. Date & Time of Bidding : From 11.00 hours of 17.09.2026 upto 16.00 hours of 28.09.2026.
6. Last date & time for receipt of bids in portal : 16.00 hours of 28.09.2026.
7. Bids received online shall be opened on : 11.00 hours of 29.09.2026.
8. Name and address of the officer inviting Bid : Superintending Engineer, Nabarangpur (R&B)Division, Nabarangpur

Further details can be seen from the www.tendersodisha.gov.in

OIPR-34001/34143/1/26-27/0008

Superintending Engineer
Nabarangpur (R&B) Division

### ପିଡିଏସ୍ ଚାଉଳ ରାଇସ୍ ମିଲ୍ ଯିବା ଘଟଣା

# ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ଓ ଟ୍ରକ୍ ଚାଳକଙ୍କ ନାମରେ ମାମଲା ରୁଜୁ

ରାଉରକେଲା, ୧୭।୯ (ସମିସ)

ସୁନ୍ଦରଗଡ଼ ଜିଲ୍ଲାରେ ପିଡିଏସ ଚାଉଳର ଚୋରା କାରବାର ଘଟଣାରେ ପ୍ରଶାସନ ଓ ଯୋଗାଣ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନକୁ ଗ୍ରହଣ କରାଯାଇଛି। ସମ୍ପୃକ୍ତ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ଓ ଟ୍ରକ୍ ଡ୍ରାଇଭରଙ୍କ ନାମରେ ରଘୁନାଥପାଲ୍ଲି ଥାନାରେ ମାମଲା ରୁଜୁ ହେବା ସହ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ୭ ଟି ସ୍ଥାନରେ ପାଇଥିବା ପିଡିଏସ ଚାଉଳ ଯୋଗାଣ ଅନୁମତିକୁ ବାତିଲ କରାଯାଇଛି। ଏହାସହ ରାଇସ୍ ମିଲ୍ ନିର୍ଦ୍ଦେଶକ ବରୁଣ ଅଗ୍ରୱାଲଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ରାଉରକେଲା ଏଫ୍‌ସିଆଇରୁ ଡିଲର ପଏଣ୍ଟ ପାଇଁ ବାହାରିଥିବା ୨୮୦ ବସ୍ତା ଚାଉଳ ନିର୍ଦ୍ଧାରିତ ଡିଲର ପଏଣ୍ଟରେ ଚାଉଳ ବୋଝେଇ ଟ୍ରକ୍ ଏକ ରାଇସ୍ ମିଲ୍ ରେ ପହଞ୍ଚି ଯିବା ଘଟଣା ଯୋଗାଣ ବିଭାଗର ଚାଉଳଚୋରି ଘଟଣାକୁ ପଦାରେ ପକାଇ ଦେଇଛି। ଚାଉଳ ବୋଝେଇ ଟ୍ରକ୍ ଜବତ ସହ ଘଟଣାର ତଦନ୍ତ ଆରମ୍ଭ କରିଛି ପୁଲିସ। ସୂଚନା ଅନୁସାରେ, ଗତ ୧୧ ତାରିଖ ଦିନ ରାଉରକେଲା ଏଫସିଆଇରୁ ଏକ ଟ୍ରକ୍‌ରେ ଫୁଲେଶ୍ୱରୀ ଆଚାର୍ଯ୍ୟଙ୍କ ଡିଲର ପଏଣ୍ଟ ପାଇଁ ୨୮୦ ବସ୍ତା ଚାଉଳ ଲୋଡିଂ ହୋଇ ବାହାରିଥିଲା। କିନ୍ତୁ ଏହି ଚାଉଳ ବୋଝେଇ ଟ୍ରକ୍ ଡିଲର ପଏଣ୍ଟରେ ନ ପହଞ୍ଚି ଟ୍ରକ୍‌ଟି ରାମପାଲ ସ୍ଥିତ ଜୟ ଗୋସାଇଁ ଚାଉଳ ମିଲ୍‌ରେ ପହଞ୍ଚିଥିବା ଅଭିଯୋଗ ହୋଇଥିଲା। ଘଟଣା ସମ୍ପର୍କରେ ଖବର ପାଇବା ପରେ ବୀରମିତ୍ରପୁର ଏସଡିପିଓ ଏବଂ ଥାନା ଅଧିକାରୀ ଓ କୁଆଁରମୁଣ୍ଡା ଏମ୍‌ଆଇ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ମିଲ୍‌ରେ ପହଞ୍ଚିଥିବା ଚାଉଳ ବୋଝେଇ ଟ୍ରକ୍‌କୁ ନେଇ ଆରମ୍ଭ ହୋଇଥିଲା ତନାଘନା। ଡିଲର ପଏଣ୍ଟ ପାଇଁ ଯାଉଥିବା ୨୮୦ ବସ୍ତା ଚାଉଳ କିପରି ଏବଂ କାହିଁକି ରାଇସ୍ ମିଲ୍‌ରେ




## ଡିଲର ନିଲମ୍ବିତ

ପହଞ୍ଚିଲା, ତାହାକୁ ନେଇ ଅନେକ ପ୍ରଶ୍ନ ଉଠିଥିଲା। ସୁନ୍ଦରଗଡ଼ ଜିଲ୍ଲାରେ ପିଡିଏସ ଚାଉଳର ଏହି ଚୋରା କାରବାର ନେଇ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପ୍ରଶାସନ ଓ ଯୋଗାଣ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ରାଉରକେଲା ମହାନଗର ନିଗମ, ରାଜଗାଙ୍ଗପୁର, ନୁଆଗାଁ, ବିଶ୍ରା, କୁଆଁରମୁଣ୍ଡା, ବଣାଇ ଗୁରୁଣ୍ଡିଆ, ବ୍ଲକ ଦାୟିତ୍ୱ ପାଇଥିବା ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ସନ୍ତୋଷ ଯାଦବଙ୍କ ପିଡିଏସ ଚାଉଳ ଯୋଗାଣ ଅନୁମତିକୁ ବାତିଲ କରାଯାଇଛି। ପିଡିଏସ ଚାଉଳ ଯୋଗାଣ କରୁଥିବା ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟରଙ୍କୁ ଯୋଗାଣ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏହାସହ ଜୟ ଗୋସାଇଁ ରାଇସ ମିଲ୍ ନିର୍ଦ୍ଦେଶକ ବରୁଣ ଅଗ୍ରୱାଲଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ସନ୍ତୋଷ ଯାଦବ ଓ ରାଇସ ମିଲ୍ ନିର୍ଦ୍ଦେଶକ ବରୁଣ ଅଗ୍ରୱାଲଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରଘୁନାଥପାଲ୍ଲି ବିଧାୟକ ଦୁର୍ଗା ଚରଣ ତନ୍ତୀ ଦାବି କରିଛନ୍ତି। ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ସନ୍ତୋଷ ଯାଦବ ଡିଲରଙ୍କ ଗୋଦାମକୁ ୨୮୦ ବସ୍ତା ପିଡିଏସ ଚାଉଳ ନେବା ପରିବର୍ତ୍ତେ ଜୟ ଗୋସାଇଁ ରାଇସ ମିଲ୍‌କୁ ନେଇଥିବା ସମୟରେ ଯୋଗାଣ ବିଭାଗ ପକ୍ଷରୁ ଚଢାଉ କରାଯାଇ ଟ୍ରକ ସହିତ ୨୮୦ ବସ୍ତା ଚାଉଳ ଜବତ କରାଯାଇଥିଲା। ଏହାସହ ଡିଲରଙ୍କ ଗୋଦାମରୁ ଷ୍ଟକ୍‌ଠାରୁ ଅଧିକ ୧୫୧ ବସ୍ତା ପିଡିଏସ୍ ଚାଉଳ ଜବତ କରାଯିବା ପରେ ଯୋଗାଣ ବିଭାଗ ପକ୍ଷରୁ ଡିଲରଙ୍କୁ ନିଲମ୍ବିତ କରାଯାଇଛି। ଟ୍ରକ୍ ଡ୍ରାଇଭର ଓ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ନାମରେ ରଘୁନାଥପାଲ୍ଲି ଥାନାରେ ଯୋଗାଣ ବିଭାଗ ପକ୍ଷରୁ ଅଭିଯୋଗ ହେବା ସହ ଡିଲରଙ୍କ ନାମରେ ବ୍ରାହ୍ମଣୀ ତରଙ୍ଗ ଥାନାରେ ଯୋଗାଣ ବିଭାଗ ପକ୍ଷରୁ ଏତଲା ଦିଆଯିବା ପରେ ପରେ ପୁଲିସ ଦୁଇଟି ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛନ୍ତି। ପିଡିଏସ୍ ଚାଉଳ ଚୋରାଚାଲାଣ ଘଟଣାରେ



ସମ୍ପୃକ୍ତ ଥିବା ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି। ରଘୁନାଥପାଲ୍ଲି ଥାନା ପୁଲିସ ଓ ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ଦୁଇଟି ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୁକ୍ତ ଟ୍ରକ୍ ଡ୍ରାଇଭର ଓ ଟ୍ରାନ୍ସପୋର୍ଟ କଣ୍ଟ୍ରାକ୍ଟର ସନ୍ତୋଷ ଯାଦବ ଫେରାରହୋଇ ଯାଇଥିବାରୁ ସେମାନଙ୍କୁ ଗିରଫ କରିବା ପାଇଁ ପୁଲିସପକ୍ଷରୁ ବିଭିନ୍ନସ୍ଥାନରେ ଚଢ଼ଉ ଆରମ୍ଭ କରିଛନ୍ତି।

---

# ପୂଜା ପାଇଲେ ଦେବଶିଳ୍ପୀ ବିଶ୍ୱକର୍ମା

**ବଣାଇଗଡ଼, ୧୭।୯ (ସମିସ):** ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅବସରରେ ଗୁରୁବାର ବଣାଇଗଡ଼ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ବିଭିନ୍ନ ସରକାରୀ କାର୍ଯ୍ୟାଳୟ, କଳକାରଖାନା ଓ ଯାନ୍ତ୍ରିକ ପ୍ରତିଷ୍ଠାନରେ ଶ୍ରଦ୍ଧା ଓ ଭକ୍ତିର ସହ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ବଣାଇଗଡ଼ ସହର ତଥା ଆଖପାଖ ଅଞ୍ଚଳର ବିଦ୍ୟୁତ ବିଭାଗ, ପୂର୍ତ୍ତ ବିଭାଗ, ବନବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନରେ ବିଶ୍ୱକର୍ମାଙ୍କ ପ୍ରତିମା ସ୍ଥାପନ କରାଯାଇ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ କଳକାରଖାନା ଓ ବିଭିନ୍ନ ଯାନ୍ତ୍ରିକ ସାମଗ୍ରୀକୁ ସଜାଇବା ସହ କର୍ମଚାରୀ ଓ ଶ୍ରମିକମାନେ ବିଶ୍ୱକର୍ମାଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ବିଶ୍ୱକର୍ମାଙ୍କୁ ଦେବଶିଳ୍ପୀ ଭାବେ ପୂଜା କରାଯାଉଥିବାରୁ ଯନ୍ତ୍ରପାତି, ଯାନବାହନ ଓ ବିଭିନ୍ନ ଉପକରଣର ସୁରକ୍ଷା ତଥା ସମୃଦ୍ଧି ପାଇଁ ଶ୍ରଦ୍ଧାଳୁମାନେ ପ୍ରାର୍ଥନା କରିଥିଲେ।



ପୂଜାକୁ କେନ୍ଦ୍ରକରି ବିଭିନ୍ନ ସ୍ଥାନରେ ପ୍ରସାଦ ବଣ୍ଟନ ଓ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସକାଳୁ ବିଭିନ୍ନ ପୂଜାମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିବାବେଳେ ସନ୍ଧ୍ୟାରେ ମଧ୍ୟ ଲୋକଙ୍କ ମଧ୍ୟରେ ବିଶେଷ ଉତ୍ସାହ ପରିଲକ୍ଷିତ ହୋଇଥିଲା।

---

# ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ 'ଆଶୀର୍ବାଦର ଦୀପ' କାର୍ଯ୍ୟକ୍ରମ



**କୋମନା, ୧୭।୯ (ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ କୋମନାସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ 'ଆଶୀର୍ବାଦର ଦୀପ' ପ୍ରଜ୍ୱଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଂଯୋଜକ ଯୋଗିନ୍ଦ୍ର କରୁଆ କୋମନା ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସ୍ଥାନୀୟ ଜନସାଧାରଣ, ଅଙ୍ଗନବାଡି କର୍ମୀ, କୋମନା ମିଶନଶକ୍ତିର ଗୋଷ୍ଠୀ ପ୍ରକଳ୍ପ ସଂଯୋଜକ ସ୍ମୃତିରଞ୍ଜନ ପାଣିଗ୍ରାହୀ, ବିଜେପି ପୂର୍ବତନ ଜିଲ୍ଲା ସଭାପତି ଯଦୁମଣି ପାଣିଗ୍ରାହୀ, ପୂର୍ବତନ ବିଜେପି ଜିଲ୍ଲା ଉପସଭାପତି ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ପୂର୍ବତନ ମଣ୍ଡଳ ସଭାପତି ଚନ୍ଦନ ଠାକୁର, ମଣ୍ଡଳ ସଭାପତି ଶତ୍ରୁଘ୍ନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

---

### ସ୍କୁଲ ଗେଟ୍‌ରେ ତାଲା; ଶିକ୍ଷକ ଅନୁପସ୍ଥିତ

# ସରକାରୀ ଛୁଟି ନ ଥିବା ସତ୍ତ୍ୱେ ବନ୍ଦ ରହିଲା ବିଦ୍ୟାଳୟ

**ଗୋଲାମୁଣ୍ଡା, ୧୭।୯ (ସମିସ):** ସରକାରୀ ଛୁଟି ନ ଥିବା ସତ୍ତ୍ୱେ ବିଦ୍ୟାଳୟ ଗେଟ୍‌ରେ ତାଲା ପଡ଼ିବା ସହ ଶିକ୍ଷକମାନେ ଅନୁପସ୍ଥିତ ରହିବା ଘଟଣାକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଶିକ୍ଷାର ମୌଳିକ ଅଧିକାର ଓ ପିଲାମାନଙ୍କ ନିୟମିତ ପାଠପଢ଼ାକୁ ନେଇ ଏଭଳି ଘଟଣା ଅଭିଭାବକଙ୍କ ମଧ୍ୟରେ ଚିନ୍ତାର କାରଣ ହୋଇଛି। ଏହା ସହିତ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକଙ୍କ ଉପସ୍ଥାନ ଓ ଶିକ୍ଷାଦାନ ବ୍ୟବସ୍ଥା ଉପରେ ଗୋଷ୍ଠୀ ଶିକ୍ଷା ବିଭାଗର ନିୟମିତ ନିରୀକ୍ଷଣ କେତେଦୂର ରହିଛି, ସେନେଇ ମଧ୍ୟ ପ୍ରଶ୍ନ ଉଠିଛି। ଗୋଲାମୁଣ୍ଡା ବ୍ଲକ ଅଧୀନ ରେଙ୍ଗସାପାଳି ନାଏକପଡ଼ା ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକଙ୍କ ସମେତ ମୋଟ ଦୁଇଜଣ ଶିକ୍ଷକ କାର୍ଯ୍ୟରତ ଥିବା ଜଣାପଡ଼ିଛି। ତେବେ ସରକାରୀ ଭାବେ କୌଣସି ଛୁଟି ନ ଥିବା ଦିନରେ ବିଦ୍ୟାଳୟ ଗେଟ୍‌ରେ ତାଲା ପଡ଼ିଥିବା ବେଳେ ବିଦ୍ୟାଳୟ ରେ ଦୁଇ ଶିକ୍ଷକ ଅନୁପସ୍ଥିତ ରହିବା ଘଟଣାକୁ ନେଇ ଆଲୋଡନ ସୃଷ୍ଟି ହେଉଛି। ଏ ନେଇ ଗ୍ରାମବାସୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ କୁମାର ନାୟକଙ୍କୁ ଯୋଗାଯୋଗ କରି ଘଟଣା



ସମ୍ପର୍କରେ ଅବଗତ କରାଇଥିଲେ। ଅଭିଯୋଗ ପାଇବାପରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଦ୍ୟାଳୟରେ ପହଞ୍ଚି ଘଟଣାର ଯାଞ୍ଚ କରିଥିଲେ। ବିଦ୍ୟାଳୟରେ କାର୍ଯ୍ୟରତ ସହକାରୀ ଶିକ୍ଷକ ଛୁଟି ପାଇଁ ଦରଖାସ୍ତ ଦେଇ ଅନୁପସ୍ଥିତ ଥିବା ବେଳେ ପ୍ରଧାନଶିକ୍ଷକ ମଧ୍ୟ ସେହି ସମୟରେ ବିଦ୍ୟାଳୟରେ ଉପସ୍ଥିତ ନ ଥିବା ଜଣାପଡ଼ିଥିଲା। ଫଳରେ ବିଦ୍ୟାଳୟରେ ପାଠପଢ଼ା ଚାଲିବା ତ ଦୂରର କଥା, ବିଦ୍ୟାଳୟ ଗେଟ୍‌ରେ ମଧ୍ୟ ତାଲା ପଡ଼ିଥିବା ଅଭିଯୋଗ ସାମ୍ନାକୁ ଆସିଛି। ଘଟଣାର ସମ୍ପୂର୍ଣ୍ଣ ତଦନ୍ତ ପରେ ଅନୁପସ୍ଥିତ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି। ବିଦ୍ୟାଳୟରେ ନିୟମିତ ପାଠପଢ଼ା, ଶିକ୍ଷକଙ୍କ ଉପସ୍ଥାନ ଓ ପିଲାମାନଙ୍କ ଶିକ୍ଷା ଅଧିକାର ସୁନିଶ୍ଚିତ କରିବା ଦାୟିତ୍ୱ ବିଭାଗର। ତେଣୁ ଏଭଳି ଘଟଣାର ପୁନରାବୃତ୍ତି ନହେବା ପାଇଁ ବିଭାଗ ପକ୍ଷରୁ ନିୟମିତ ନିରୀକ୍ଷଣ, ଉପସ୍ଥାନ ଯାଞ୍ଚ ଓ ଦାୟିତ୍ୱ ନିର୍ଦ୍ଧାରଣ ଉପରେ ଗୁରୁତ୍ୱ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

---

# ଦୁଇ ବାଇକ୍ ଧକ୍କା; ୨ ମୃତ, ୩ ଗୁରୁତର

**ରାଉରକେଲା, ୧୭।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲାର ଚାନ୍ଦିପୋଷ ଥାନା ଅଧୀନ ମୁଷାବିରା ନିକଟରେ ଦୁଇଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କ ମଧ୍ୟରେ ଜଣେ ପ୍ରାଣୀ ଚିକିତ୍ସକ ବୋଲି ଜଣାପଡ଼ିଥିବା ବେଳେ ଅନ୍ୟ ଦୁଇ ଜଣ ନିକଟବର୍ତ୍ତୀ କରଡ଼ା ଗ୍ରାମର ବାସିନ୍ଦା ବୋଲି ସୂଚନା ମିଳିଛି। ଖବରପାଇ ଚାନ୍ଦିପୋଷ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ବାଇକ୍ ଜବତ କରିଛି।

---

# ରାଜମିସ୍ତ୍ରି ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା



**କୋକସରା, ୧୭।୯ (ସମିସ) :** ଦେବ ଶିଳ୍ପୀ ଭଗବାନ ବିଶ୍ୱକର୍ମାଙ୍କ ପୂଜା କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତରେ ପାଳିତ ହୋଇଯାଇଛି। ପଞ୍ଚାୟତସ୍ତରୀୟ ମା' ମାଣିକେଶ୍ୱରୀ ରାଜମିସ୍ତ୍ରୀ ସଂଘର ଆନୁକୂଲ୍ୟରେ ଆୟୋଜିତ ଏହି ପୂଜାସ୍ଥଳୀରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ହେମନ୍ତ ନାଏକ ଓ ତାଙ୍କ ସହଧର୍ମିଣୀ ନନ୍ଦିନୀ ନାଏକ ପୂଜାକର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିବାବେଳେ, ପୂଜକ ଚନ୍ଦ୍ରଶେଖର ଦାସ ବିଧିବଦ୍ଧ ଭାବେ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ମହୋତ୍ସବରେ କେବଳ ରାଜମିସ୍ତ୍ରୀ ନୁହଁନ୍ତି, ବରଂ ବଢ଼େଇ ଏବଂ ଗାଡ଼ି ମାଲିକ ସଂଘର କର୍ମକର୍ତ୍ତାମାନେ ମଧ୍ୟ ଏକାଠି ହୋଇ ବିଶ୍ୱକର୍ମାଙ୍କ ନିକଟରେ ନିଜର କର୍ମକ୍ଷେତ୍ରର ସଫଳତା ଓ ସମାଜର ମଙ୍ଗଳ କାମନା କରିଥିଲେ। ଏହି ସମାରୋହକୁ ସଫଳ କରିବାରେ ଆୟୋଜକ କମିଟି ତଥା ରାଜମିସ୍ତ୍ରୀ ସଂଘର ସଭାପତି ରାଜକୁମର ବନ୍ଦିଛୋଡ, ସମ୍ପାଦକ ଦେବେନ୍ଦ୍ର ଧଙ୍ଗଡ଼ାମାଝୀ, ସହ ସମ୍ପାଦକ ଘାସିରାମ ପୁଝାରୀ, କୋଷାଧ୍ୟକ୍ଷ ବସନ୍ତ ବାଗ, ସହ କୋଷାଧ୍ୟକ୍ଷ ଯୁଗଳ ଛତ୍ରୀଆ, ଉପଦେଷ୍ଟା ଧର୍ମୁ ପୁଝାରୀ, ପରିଚାଳକ ମଧୁସୂଦନ ନାଏକ ଏବଂ ଗାଡ଼ି ମାଲିକ ସଂଘର ହରିହର ହଂସ, ମନ୍ମଥ ଦାସ, ଲଲିତ ନାଏକ, ରୋମାଞ୍ଚଳ ବାଗ, ଦେବେନ୍ଦ୍ର ପୁଝାରୀ ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

---

# ଗଣେଶ ପୂଜା ଅବସରରେ ବିଭିନ୍ନ ପ୍ରତିଯୋଗିତା



**ସିନାପାଲି, ୧୭।୯ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସିଙ୍ଗଝରସ୍ଥିତ ତଳସାହି ପଡ଼ାଠାରେ ଗଣେଶ ପୂଜା ପାଳିତ ହେଉଛି। ଏହି ଅବସରରେ ଗ୍ରାମର ବିଭିନ୍ନ ବର୍ଗ ର ପ୍ରତିଯୋଗୀମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୂଜା କମିଟି ର ସଭାପତି ନୀଳମଣି ବୈଠାରୁ ଓ ସଂପାଦକ ରାଜେନ୍ଦ୍ର ମାଝୀଙ୍କ ନେତୃତ୍ୱ ରେ ଏହି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏଥିରେ ମହିଳାମାନଙ୍କୁ ନେଇ ଚାମଚ ଖେଳ କରାଯାଇଥିବା ବେଳେ ହୁତେଶିନୀ ମାଝି ପ୍ରଥମ, ସନ୍ତୋଷୀନି ବୈଠାରୁ ଦ୍ୱିତୀୟ ଓ ଯଜ୍ଞବୈଠାରୁ ତୃତୀୟସ୍ଥାନ ଅଧିକାର କରିଥିଲେ। ସେହିପରି ମଶ୍ୟଜିକ ଚେୟାର ଖେଳ ରେ ମାମୁନି ବୈଠାରୁ ପ୍ରଥମ, ଜୁଲି ପଟେଲ ଦ୍ୱିତୀୟ ଓ ରୁଚି ନାଏକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୁରୁଷ ଚାମଚ ଖେଳରେ ସଞ୍ଜୁ ମାଝୀ ପ୍ରଥମ, ରୋମିଓ ମାଝୀ ଦ୍ୱିତୀୟ, ଭୀମ ପଟେଲ ତୃତୀୟ ସ୍ଥାନ ହାସଲ କରିଥିବାବେଳେ ପୁଚି ଖେଳରେ ବୋନି ବୈଠାରୁ ପ୍ରଥମ, ସନ୍ଧ୍ୟା ମାଝୀ ଦ୍ୱିତୀୟ ଓ ଜୟଶ୍ରୀ ମାଝୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପ୍ରତିଯୋଗିତାର ପୁରସ୍କୃତ ରାଶି ବିନୋଦ ବୈଠାରୁ ବହନ କରିଥିବାବେଳେ ଇନ୍ଦ୍ରସେନ ଅଗ୍ରୱାଲ, ସତ୍ୟ ମାଝୀ, ପ୍ରେମ ସିଂ ମାଝୀ, ଗୌରୀ ଶଙ୍କର ମାଝୀ, ସତିଶ ଜିନ୍ଦଲ ସମେତ ଗ୍ରାମର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

---

### ନେହରୁ ଯୁବକ ସଂଘ ପକ୍ଷରୁ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

# ତଳିତା ଚାମ୍ପିଅନ; ନିଶ୍ଚିତପୁର ରନର୍ସଅପ୍

**ବଣାଇଗଡ଼, ୧୬।୯ (ସମିସ):** ଖୁଣ୍ଟଗାଁ ଅଞ୍ଚଳର ଧୂଡି ଗ୍ରାମରେ ନେହରୁ ଯୁବକ ସଂଘ ପକ୍ଷରୁ ଆୟୋଜିତ ଦ୍ୱିଦିବସୀୟ କବାଡି ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଖୁଣ୍ଟଗାଁ ସରପଞ୍ଚ ସୁମିତ୍ରା ଚାରଦିଆ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏଥିରେ ବିଧାୟକ ପ୍ରତିନିଧି ମନୋଜ ବେହେରାଙ୍କ ସମେତ ଗ୍ରାମର ହରିହର ନାୟକ, ତନ୍ମୟ ନାୟକ, ରହିନୁ ନାୟକ, ଯଶୋବନ୍ତ ନାୟକ ଓ ହୃଦୟାନନ୍ଦ ବଗର୍ତ୍ତୀ ଉପସ୍ଥିତ ଥିଲେ। ଏଥିରେ ମୋଟ୍ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମୁକାବିଲାରେ ତଳିତା ଦଳ ଚାମ୍ପିଅନ ହୋଇଥିବାବେଳେ ନିଶ୍ଚିତପୁର ଦଳ ରନର୍ସଅପ୍ ହୋଇଥିଲା। ବିଜୟୀ ଓ ଉପବିଜୟୀ ଦଳକୁ ଅତିଥିମାନେ ପୁରସ୍କୃତ କରିଥିଲେ। ମଞ୍ଚ ପରିଚାଳନା ବୈଲୋଚନ ନାୟକ କରିଥିବା ବେଳେ ସମୀର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ରେଫରୀ ଭାବେ ବିଜୟ ବିଶ୍ୱାଳ, ଦୁର୍ଯ୍ୟୋଧନ ମାହାନ୍ତ, ମୋତିଲାଲ ପେଣ୍ଟେଇ ଓ ବାବୁଲି ବିଶ୍ୱାଳ ଦାୟିତ୍ୱ ତୁଲାଇଥିଲେ। ଆୟୋଜନରେ କ୍ଲବର ସଦସ୍ୟ ସପନ ନାୟକ, ଭୀମସେନ ନାୟକ, ଅଙ୍ଗଦ କାଳିନ୍ଦୀ, କିରଣ ନାୟକ, ସିପୁନ ମାଝୀ, ସୁଧୀର ନାୟକ, ବିରଞ୍ଚି ଧରୁଆ, ପ୍ରହଲ୍ଲାଦ ଛଦିଆ ଓ ସତ୍ୟବ୍ରତ ନାୟକଙ୍କ ସମେତ ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

---

# ଆଇନ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ବୈଠକ

**ରାଉରକେଲା, ୧୭।୯ (ସମିସ):** ରାଉରକେଲା ଆଇନ ମହାବିଦ୍ୟାଳୟରେ ଏହାର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ସ୍ମରଣୀକା ପ୍ରକାଶନ ପାଇଁ ଏକ ବୈଠକର ଆୟୋଜନ କରାଯାଇଥିଲା। ବରିଷ୍ଠ ଆଇନଜିବୀ ତଥା ପରିଚାଳନା କମିଟିର ସଦସ୍ୟ ଆଡଭୋକେଟ ଗିରିଶ ଚନ୍ଦ୍ର ମହାପାତ୍ରଙ୍କ



ଅଧ୍ୟକ୍ଷତା ଏବଂ ଅଧ୍ୟକ୍ଷା ଡ. ସମ୍ପାଦିକା ମହାନ୍ତିଙ୍କ ସଂଯୋଜନାରେ ବୈଠକ ପରିଚାଳନା କରାଯାଇଥିଲା। ସମ୍ପାଦକୀୟ ମଣ୍ଡଳୀର ମୁଖ୍ୟ ସମ୍ପାଦକ ଭାବେ ଆଡ଼ଭୋକେଟ ଗିରିଶ ଚନ୍ଦ୍ର ମହାପାତ୍ରଙ୍କୁ ମନୋନୀତ କରାଯାଇଥିଲା। ସମ୍ପାଦକ ମଣ୍ଡଳୀର ଅନ୍ୟ ସଦସ୍ୟ ମାନଙ୍କ ମଧ୍ୟରୁ ଡ.ସମର ମୁଦାଲି, ବ୍ରଜେନ୍ଦ୍ର ଦାଶ, ବିଶିଷ୍ଟ ସାହିତ୍ୟିକ ଗଗନ ବିହାରୀ ଧଳ, ମନୋରଞ୍ଜନ ଦାଶ, ଆଡଭୋକେଟ ବବିତା ମହାପାତ୍ର ଏବଂ ଅଧ୍ୟକ୍ଷା ଡ଼. ସମ୍ପାଦିକା ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା। ସ୍ମରଣୀକାର ସମନ୍ୱୟ କମିଟିର ମୁଖ୍ୟ ସଦସ୍ୟ ଭାବେ ଚନ୍ଦ୍ରଶେଖର ଶତପଥୀ ଓ ସଦସ୍ୟ ଭାବେ ଆଡଭୋକେଟ ରାମପ୍ରସାଦ ପଟ୍ଟନାୟକ, ଆଡ୍‌ଭୋକେଟ ପ୍ରଦୀପ କୁମାର ନାୟକ, ଆଡଭୋକେଟ ରାଜ କିଶୋର ପ୍ରଧାନ ଓ ସହକାରୀ ପ୍ରାଧ୍ୟାପକ ଡ଼. ତନ୍ମୟ ରାଜ ପାଢ଼ୀଙ୍କୁ ମନୋନୀତ କରାଯାଇଥିଲା। ଏହି ବୈଠକରେ ଆଡଭୋକେଟ ଗିରିଶ ଚନ୍ଦ୍ର ମହାପାତ୍ର, ସମ୍ପାଦିକା ମହାନ୍ତି, ବ୍ରଜେନ୍ଦ୍ର ଦାଶ, ଡ. ସମର ମୁଦାଲି, ଆଡ଼ଭୋକେଟ ରାଜ କିଶୋର ପ୍ରଧାନ, ଆଡ଼ଭୋକେଟ ପ୍ରଦୀପ କୁମାର ନାୟକ, ଆଡ଼ଭୋକେଟ ରାମପ୍ରସାଦ ପଟ୍ଟନାୟକ ପଟ୍ଟନାୟକ, ସୌମ୍ୟ ରଞ୍ଜନ ବିଶ୍ୱାଳ, ଚନ୍ଦ୍ରଶେଖର ଶତପଥୀ, ଗଗନ ବିହାରୀ ଧଳ, ମନୋରଞ୍ଜନ ଦାଶ, ସହକାରୀ ପ୍ରାଧ୍ୟାପକ ଡ. ତନ୍ମୟରାଜ ପାଢି ଓ ସହକାରୀ ପ୍ରାଧ୍ୟାପକ ଡ. ଦିବ୍ୟେନ୍ଦୁ କୁମାର ପଣ୍ଡା ଉପସ୍ଥିତ ରହି ନିଜର ସମ୍ମତି ସହ ଏକ ଉତ୍କୃଷ୍ଟ ସ୍ମରଣିକା ପ୍ରକାଶନ ପାଇଁ ମତପ୍ରଦାନ କରିଥିଲେ। ଡ. ତନ୍ମୟ ରାଜ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

---

# ଆର୍‌ଏସ୍‌ପିରେ ଦେବ ଶିଳ୍ପୀ ବିଶ୍ୱକର୍ମା ପୂଜା

ରାଉରକେଲା, ୧୭।୯ (ସମିସ)

ବିଶ୍ୱକର୍ମାଙ୍କୁ ଆରାଧନା କରି ରାଉରକେଲା ଇସ୍ପାତ କାରଖାନାର କର୍ମଚାରୀମାନେ ଆଜି ବିଶ୍ୱକର୍ମା ପୂଜା ପାଳନ କରିଛନ୍ତି। ସୃଜନଶୀଳତା, ଉଦ୍ଭାବନୀ କୌଶଳ ଓ ଶିଳ୍ପର ପ୍ରତୀକ ଭାବେ ପୂଜିତ ଭଗବାନ ବିଶ୍ୱକର୍ମାଙ୍କ ପୂଜା ଏକ ପ୍ରଯୁକ୍ତିକେନ୍ଦ୍ରିକ ଇସ୍ପାତ କାରଖାନା ଭାବେ ଆର୍‌ଏସ୍‌ପି ପାଇଁ ବିଶେଷ ମହତ୍ତ୍ୱ ବହନ କରେ। କାରଖାନା ପରିସରରେ ଆର୍‌ଏସପି କର୍ମଚାରୀମାନଙ୍କ ପକ୍ଷରୁ ୧୦୦ରୁ ଅଧିକ ସୁନ୍ଦର ଭାବେ ସଜ୍ଜିତ ପୂଜା ମଣ୍ଡପ ନିର୍ମାଣ କରାଯାଇଥିଲା। ମଣ୍ଡପଗୁଡ଼ିକରେ ଶିଳ୍ପକୌଶଳରେ ନିର୍ମିତ ଭଗବାନ ବିଶ୍ୱକର୍ମାଙ୍କ ମନୋରମ ପ୍ରତିମା ସ୍ଥାପନ କରାଯାଇଥିଲା। ଏହିପୂଜା ମଣ୍ଡପଗୁଡ଼ିକ କର୍ମଚାରୀ ଓ ଭକ୍ତମାନଙ୍କର ବିଶେଷ ଆକର୍ଷଣର କେନ୍ଦ୍ର ପାଲଟିଥିଲା। ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ସହ ଇଡି (ମାଇନ୍ସ ଡେଭଲପମେଣ୍ଟ-ସିଏମଏଲଓ) ବି.କେ. ଗିରି, ଇଡି (ୱର୍କ୍ସ) ବିଶ୍ୱରଞ୍ଜନ ପଲାଇ, ଇଡି





(ଏମଏମ), ଅନୀଲ କୁମାର, ଇଡି (ମାଇନ୍ସ, ଓଜିଓଏମ-ସିଏମଏଲଓ) ଏମ. ପି. ସିଂହ, ଇଡି (ପ୍ରୋଜେକ୍ଟସ୍) ସୁଦୀପ ପାଲ ଚୌଧୁରୀ, ସିଜିଏମ୍ (ଏଚଆର) ତଥା ଇଡି (ଏଚଆର) ଙ୍କ ଅତିରିକ୍ତ ଦାୟିତ୍ୱରେ ଥିବା ମାନସ ରଞ୍ଜନ ରଥ, ସିଏମଓ ଇନ୍‌ଚାର୍ଜ (ଏମ୍ ଆଣ୍ଡ ଏଚ୍‌ଏସ୍) ଡା. ଜୟନ୍ତ କୁମାର ଆଚାର୍ଯ୍ୟ, ସିଜିଏମ୍ (ଏଫ୍ ଆଣ୍ଡ ଏ) ତଥା ଇଡି (ଏଫ୍ ଆଣ୍ଡ ଏ) ଙ୍କ ଅତିରିକ୍ତ ଦାୟିତ୍ୱରେ ଥିବା ରାଜେଶ ଦାସଗୁପ୍ତାଙ୍କ ସମେତ କାରଖାନାର ଅନେକ ବରିଷ୍ଠ ଅଧିକାରୀ ବିଭିନ୍ନ ପୂଜାମଣ୍ଡପ ପରିଦର୍ଶନ କରି ଭଗବାନ ବିଶ୍ୱକର୍ମାଙ୍କ ଦର୍ଶନ କରିଥିଲେ। ପୂଜା ମଣ୍ଡପ ପରିଦର୍ଶନ ପରେ ଭାରପ୍ରାପ୍ତ ନିର୍ଦ୍ଦେଶକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆରଏସପିର ହସ୍ତତନ୍ତ କେନ୍ଦ୍ର ଦୀପିକା ହସ୍ତ କରଘା ପରିଦର୍ଶନ କରିଥିଲେ। ଏହି କେନ୍ଦ୍ରଟି ଦୀପିକା ମହିଳା ସଂଘତି ପକ୍ଷରୁ ପରିଚାଳିତ ହେଉଛି। ଦୀପିକା ମହିଳା ସଂଘତିର ସଭାନେତ୍ରୀ ନମ୍ରତା ବର୍ମା ଏବଂ ଅନ୍ୟ ପଦାଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ହିନ୍ଦୁ ପୁରାଣ ଅନୁସାରେ ଭଗବାନ ବିଶ୍ୱକର୍ମା ଦେବତାମାନଙ୍କର ଅବାସର ଦିବ୍ୟ ସ୍ଥପତି ଭାବେ ପରିଚିତ। ସେ ସୃଜନଶୀଳତା, ଉଦ୍ଭାବନୀ କୌଶଳ ଓ ଶିଳ୍ପର ପ୍ରତୀକ ଭାବେ ପୂଜିତ ହୁଅନ୍ତି। ତେଣୁ ପ୍ରଯୁକ୍ତି ଓ ଶିଳ୍ପକୌଶଳକୁ ଆଧାର କରି କାର୍ଯ୍ୟକରୁଥିବା ରାଉରକେଲା ଇସ୍ପାତ କାରଖାନାରେ ଏହି ପୂଜାର ବିଶେଷ ମହତ୍ତ୍ୱ ରହିଛି। ବିଭିନ୍ନବିଭାଗର ଦଳଗୁଡ଼ିକ ନିଜସ୍ୱ ସୃଜନଶୀଳ ପ୍ରତିଭାର ସମନ୍ୱୟ କରି ମଣ୍ଡପରେ ଆକର୍ଷଣୀୟ ଥିମ୍, ସୁନ୍ଦର ସାଜସଜ୍ଜା ଓ ମନୋରମ କଳାକୃତି ପ୍ରସ୍ତୁତ କରିଥିଲେ। ଏହାଦ୍ୱାରା ବିଭିନ୍ନ ଶପ୍ ଓ ପ୍ଲାଣ୍ଟ ୟୁନିଟ୍‌ଗୁଡ଼ିକ ଉତ୍ସବମୁଖର ପରିବେଶରେ ପରିଣତ ହୋଇଥିଲା।

# ବଇଦୁପାଲିରେ ୧୨ତମ ନୂଆଁଖାଇ ଭେଟ୍‌ଘାଟ



**ଡୁଙ୍ଗୁରିପାଲି,୧୭।୯(ସମିସ):** ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ବଇଦୁପାଲି ସମଲେଶ୍ୱରୀ ଯୁବ ଗୋଷ୍ଠୀ ଆନୁକୂଲ୍ୟରେ ୧୨ତମ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସ୍ଥାନୀୟ ମଣ୍ଡପଠାରେ ସ୍ୱର୍ଗତ ଲୁସେନେରୀ ଦିଶ୍ରୀଙ୍କ ସ୍ମୃତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଇଦୁପାଲି ସମିତିସଭ୍ୟା ପୂର୍ଣ୍ଣିମା ପାଣ୍ଡିଆ, ରତ୍ନାକର ସେଠ୍, ଚେରୁପାଲିର ପୂର୍ବତନ ସମିତିସଭ୍ୟ ଲୀଳାମୟ ବେହେରା, ଶିକ୍ଷକ ମୀନକେତନ ପଧାନ, ବଦ୍ରୀନାରାୟଣ ପାଣ୍ଡିଆ, କୋଶଲ ସଂଗଠକ ସରୋଜ ପଧାନ, ପୁଷ୍ପାଞ୍ଜଳି ମେହେର, ତପନ ମେହେର, ରୋସନ ବିଶ୍ୱାଳ ଓ କୁଞ୍ଜ ତାଣ୍ଡି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କବି ପ୍ରସନ୍ନ ମେହେର ଓ କବି ଚରଣ ସା କବିତାପାଠ କରିଥିଲେ। ଏଥିସହ ଚରଣ ସାଙ୍କ ସମେତ ଗ୍ରାମର ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମ୍ପାଦକ ଗଣେଶ ଭୋଇ ସଂଚାଳନ କରିଥିବା ବେଳେ କାହ୍ନା ତଣ୍ଡକାର ସଭାପତିତ୍ୱ କରିଥିଲେ। ବିମ୍ବାଧର ବାରିକ ମଞ୍ଚ ପରିଚାଳନା କରିଥିଲେ। ପ୍ରେମଲାଲ ସେଠ, ମନୋଜ ବାରିକ, ବୀରେନ୍ଦ୍ର ପୋଡ଼୍, ସଞ୍ଜୀବ ବାରିକ, ସୁଧୀର ବାରିକ, ବିକାଶ ବାରିକ, କିଶାନ ବାରିକ, ସୁଗ୍ରୀବ ପାଣ୍ଡେଙ୍କ ସମେତ ଗ୍ରାମର ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।



































































# ନଛୋଡ଼ବନ୍ଧା ସପିଙ୍ଗ ମଲ୍

ବଲାଙ୍ଗିର,୧୭।୯(ସମିସ):

ବଲାଙ୍ଗିରରେ ନଛୋଡବନ୍ଧା ସପିଂମଲ ମାଲିକ। ପାର୍କିଂ ଗାଇଡଲାଇନ ମାନିବାକୁ ନାରାଜ। ନିଜ ସପିଂମଲକୁ ଆସୁଥିବା ଗ୍ରାହକଙ୍କ ପାଇଁ ପାର୍କିଂ ବ୍ୟବସ୍ଥା ନାହିଁ। ଏହି ମଲ୍ ମାଲିକଙ୍କ ଯୋଗୁଁ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖା ଦେଉଛି। ମଲ୍‌ଗୁଡ଼ିକରେ ଲୋକଦେଖାଣିଆ ପାର୍କିଂ ଜୋନ କରାଯାଇଛି। ସବୁବେଳେ ଗ୍ରାହକଙ୍କ ଗାଡି ରାସ୍ତା ଉପରେ ରହୁଛି। ବଡ ବଡ ସୁନା ଗହଣା ଦୋକାନ, କପଡା ଦୋକାନ ତଥା ବଡ ବଡ ସପିଂ ମଲ୍‌ରେ ବିଶେଷ କରି ଏହା ଦେଖିବାକୁ ମିଳୁଛି। ସବୁଠାରୁ ବଡ କଥା ହେଲା ସ୍ଥାନୀୟ ପୁଲିସ ସାଧାରଣ ଲୋକଙ୍କୁ ପାର୍କିଂ ନାମରେ ହଇରାଣ କରୁଛି। ଜରିମାନା ଆଦାୟ କରୁଛି। ଏହି ସପିଂ ମଲ୍‌ଗୁଡ଼ିକର ଏହିଭଳି ବେଆଇନ ପାର୍କିଂ ବିରୋଧରେ କିନ୍ତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ।

ବଲାଙ୍ଗିର ସହରରେ ଗତ କିଛି ବର୍ଷ ଭିତରେ ବହୁ କମ୍ପାନୀର ବଡ ବଡ ସପିଂମଲ୍ ଆରମ୍ଭ ହୋଇଛି। ଏପରିକି ବଡ଼ ବଡ଼ ସୁନାଗହଣା ଦୋକାନ ଓ କପଡା ଦୋକାନ ଗୁଡିକ ମଧ୍ୟ ଏହି କିଛି ବର୍ଷ ଭିତରେ ଆରମ୍ଭ ହୋଇଛି। ତେବେ ଏହି ବଡ ବଡ ମଲ୍ ଓ ଦୋକାନ ଗୁଡିକ ପାର୍କିଂ ଗାଇଡଲାଇନକୁ ଖୋଲା ଉଲ୍ଲଂଘନ କରି ନିଜ ବ୍ୟବସାୟ ଚଳାଇଥିବା ଅଭିଯୋଗ ହୋଇଛି।




**ଏକାଧିକ ବଡ଼ ଦୋକାନର ନିଜସ୍ୱ ପାର୍କିଂ ନାହିଁ**
**ବିନା ପାର୍କିଂ ବ୍ୟବସ୍ଥାରେ ଗହଣା ଓ କପଡା ଦୋକାନ**

ବଲାଙ୍ଗିର ଟାଉନ ଥାନା ସମ୍ମୁଖରେ ଦୁଇଟି ବଡ ସପିଂମଲ୍ ରହିଛି। ଗୋଟିଏ ବହୁ ପୂର୍ବରୁ ଆରମ୍ଭ ହୋଇଛି। ଆଉ ଗୋଟିଏ କିଛି ମାସ ପୂର୍ବରୁ ଆରମ୍ଭ ହୋଇଛି। ଉଭୟ ମଲ୍‌ରେ ଲୋକଦେଖାଣିଆ ପାର୍କିଂ ଜୋନ ରହିଛି। ସେହି ଭିତରେ ଗ୍ରାହକ କାଁ ଭାଁ ଗାଡି ରଖୁଛନ୍ତି। ସବୁବେଳେ ରାସ୍ତାକୁ ଲାଗି ଗ୍ରାହକ ପାର୍କିଂ କରୁଛନ୍ତି। ଏହାଫଳରେ ସବୁବେଳେ ରାସ୍ତା ଜାମ୍ ସମସ୍ୟା ହେଉଛି। ସେହିପରି ପୌରପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ବଡ଼ କପଡ଼ା ଦୋକାନରେ ମଧ୍ୟ ବର୍ଷ ସାରା ସମାନ ଦୃଶ୍ୟ ଦେଖିବାକୁ ମିଳିଥାଏ। ଏହି ମଲ୍‌ର ପାର୍କିଂ ଜୋନ୍ ନାହିଁ। ସେହିପରି ସମଲେଶ୍ୱରୀ ମନ୍ଦିର ନିକଟରେ ରହିଥିବା ମାର୍କେଟର ଅବସ୍ଥା ନ କହିବା ଭଲ। ଦୈନିକ ବଜାର ଓ ଉକ୍ତ ମାର୍କେଟ ଲାଗିରହିଥିବାରୁ ବହୁ ବଡ଼ କପଡ଼ା ଦୋକାନଗୁଡିକ ଏହି ସ୍ଥାନରେ ଆରମ୍ଭ ହୋଇଛି; କିନ୍ତୁ କାହାରି ମଧ୍ୟ ପାର୍କିଂ ବ୍ୟବସ୍ଥା ନାହିଁ। ଯେଉଁ କିଛି ନିର୍ଦ୍ଦିଷ୍ଟ ବଡ ଦୋକାନଗୁଡିକ ପାର୍କିଂ ବ୍ୟବସ୍ଥା କରିଛନ୍ତି ତାହା କ୍ୱଚିତ ବ୍ୟବହାର ହେଉଛି। ସେହିପରି ପାଟଣେଶ୍ୱରୀ ମନ୍ଦିର ସମ୍ମୁଖରେ ରହିଥିବା ସୁନା ଦୋକାନର ନିଜସ୍ୱ ପାର୍କିଂ ନାହିଁ। ରାସ୍ତାକୁ ଲାଗି ଗ୍ରାହକ ଗାଡି ଥୋଇ ଦୋକାନକୁ ଯାଉଛନ୍ତି। ସେହିପରି ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପୁରୁଣା ଓ ବଡ ସୁନା ଦୋକାନର ନିଜସ୍ୱ ପାର୍କିଂ ବ୍ୟବସ୍ଥା ରହିଛି; କିନ୍ତୁ ସେଠାରେ ଗ୍ରାହକ ବଦଳରେ ଦୋକାନର କର୍ମଚାରୀଙ୍କ ଦ୍ୱାରା ବ୍ୟବହାର ହେଉଛି। କାଁ ଭାଁ ଗ୍ରାହକଙ୍କ ବାଇକ୍ ରହିଥାଏ; କିନ୍ତୁ କାର୍‌ରେ ଆସୁଥିବା ଗ୍ରାହକ ରାସ୍ତାରେ ଗାଡି ପାର୍କିଂ କରି ଘଣ୍ଟା ଘଣ୍ଟା ଗହଣା କିଣୁଛନ୍ତି। ଏଣୁ ସେହି ଅଞ୍ଚଳରେ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହିଭଳି ଶାନ୍ତିପଡ଼ାଠାରେ ନିକଟରେ ଖୋଲିଥିବା ଆଉ ଏକ ଫେସନ ବ୍ରାଣ୍ଡର ସପିଂମଲ୍‌ରେ ମଧ୍ୟ ସମାନ ଅବସ୍ଥା ଦେଖିବାକୁ ମିଳିଛି। ନାମକୁ ମାତ୍ର ପାର୍କିଂ ବ୍ୟବସ୍ଥା କରାଯାଇଥିବା ବେଳେ ଗ୍ରାହକଙ୍କ ଗାଡି ରାସ୍ତାରେ ରଖାଯାଉଛି। ଗୋଟିଏ ପଟେ ପାର୍ବଣ ଆରମ୍ଭ ହୋଇଥିବାରୁ ଲୋକଙ୍କ ଭିଡ଼ ବଢି ଚାଲିଛି। ଏମିତିରେ ଏହି ସପିଂମଲ୍ ଓ ବଡ ଦୋକାନୀଙ୍କ ମନମାନୀ ଯୋଗୁଁ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ପୁଲିସ ଏହି ପାର୍କିଂ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ବଦଳରେ ଚୁପ୍ ରହି ସେମାନଙ୍କୁ ସମର୍ଥନ ଦେଉଛି। ଏହାଦ୍ୱାରା ଆଗକୁ ଦୁର୍ଗାପୂଜା ସମୟରେ ସମସ୍ୟା ଦ୍ୱିଗୁଣିତ ହେବା ଜଳ ଜଳ ଦିଶୁଛି।

## କଣ୍ଟାବାଞ୍ଜି କେଭି କଲେଜରେ ଦୁର୍ନୀତି ଅଭିଯୋଗ

**କଣ୍ଟାବାଞ୍ଜି,୧୭।୯(ସମିସ):** ବଲାଙ୍ଗୀର ଜିଲ୍ଲାର ପ୍ରମୁଖ ଶିକ୍ଷାନୁଷ୍ଠାନ କଣ୍ଟାବାଞ୍ଜି କେଭି କଲେଜରେ କୋଟି କୋଟି ଟଙ୍କାର କାମ ଚାଲିଛି; ହେଲେ ଏହି କାମରେ ଦୁର୍ନୀତିର ଗନ୍ଧ ବାରି ହେଉଛି। ସହରରେ ଏବେ ଏହାକୁ ନେଇ ଜୋରଦାର ଚର୍ଚ୍ଚା। କଲେଜ ପରିସରରେ ବର୍ତ୍ତମାନ ଏକା ସାଙ୍ଗରେ ପୁଲିସ ହାଉସିଂ ବୋର୍ଡ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, କଲେଜର ନିଜସ୍ୱ ପାଣ୍ଠିରୁ ୪ଟି ବିଭାଗର ଉନ୍ନତିକରଣ୍ କାମ ଚାଲିଛି; କିନ୍ତୁ କେଉଁ ବିଭାଗ କେଉଁ କାମ କରୁଛି, କେତେ ଟଙ୍କାର ଏଷ୍ଟିମେଟ, କିଏ ଠିକାଦାର, ତା'ର କୌଣସି ସୂଚନା ଫଳକ ନାହିଁ। ନିୟମ ଅନୁଯାୟୀ ପ୍ରତ୍ୟେକ କାମ ସ୍ଥଳରେ କାମର ମୂଲ୍ୟ, ବିଭାଗ ନାମ ଲେଖାଯିବା ବାଧ୍ୟତାମୂଳକ; କିନ୍ତୁ କେଭି କଲେଜରେ ସେ ନିୟମ ଖୁଲମଖୁଲା ଉଲ୍ଲଂଘନ ହେଉଛି। ତେଣୁ ସନ୍ଦେହ ଅଧିକ ସୁଦୃଢ ହେଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ପୁରାତନ ଛାତ୍ରଙ୍କ ଅଭିଯୋଗ ଅନୁଯାୟୀ କିଛି ପ୍ରଭାବଶାଳୀ କଲେଜ କର୍ମଚାରୀ ଓ ପ୍ରଶାସନିକ ଅଧିକାରୀଙ୍କ ପରିବାର ଲୋକ, ବନ୍ଧୁ ବାନ୍ଧବ ହିଁ ପରୋକ୍ଷରେ ଠିକାଦାର ସାଜିଛନ୍ତି। ନାଁ ଜଣକର; ହେଲେ କାମ କରୁଛନ୍ତି ଅନ୍ୟ ଜଣେ। ସେମାନେ ନିଜକୁ ପ୍ରଭାବଶାଳୀ ବୋଲି କହି ନିମ୍ନମାନର ସାମଗ୍ରୀ ବ୍ୟବହାର କରୁଛନ୍ତି। ସିମେଣ୍ଟ କମ୍, ବାଲି ଅଧିକ ବ୍ୟବହାର ହେଉଛି। ଏବେ ତ କୋଠା ଚକଚକ ଦିଶୁଛି; କିନ୍ତୁ ୨ ବର୍ଷ ପରେ କାନ୍ଥରୁ ପାଣି ଗଳିବ ବୋଲି ଛାତ୍ର ନେତାମାନେ ଅଭିଯୋଗ କରୁଛନ୍ତି। ଏଠି ଆଉ ଏକ ଚର୍ଚ୍ଚା ଏହି ଠିକାଦାର ଗୋଷ୍ଠୀକୁ କିଛି ନେତାଙ୍କ ପରୋକ୍ଷ ସମର୍ଥନ ଅଛି। ସେଥିପାଇଁ କେହି ପ୍ରତିବାଦ କଲେ ଧମକ ଦିଆଯାଉଛି। କେଭି କଲେଜର ଗତ ୧୦ ବର୍ଷର ସମସ୍ତ ନିର୍ମାଣ ଓ ଉନ୍ନତି କାମର ଭିଜିଲାନ୍ସ ତଦନ୍ତ ହେଉ। ବର୍ତ୍ତମାନ ଚାଲିଥିବା ସମସ୍ତ କାମର ଏଷ୍ଟିମେଟ, ଟେଣ୍ଡର କପି, ଠିକାଦାରଙ୍କ ନାମ ସାର୍ବଜନୀନ କରାଯାଉ। ଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ ଟେକ୍ନିକାଲ ଟିମ୍ ଆସି କାମର ଗୁଣବତ୍ତା ଯାଞ୍ଚ କରୁ ବୋଲି ଅଞ୍ଚଳବାସୀ, ପୁରାତନ ଛାତ୍ର ଓ ଅଭିଭାବକମାନେ ଦାବି କରିଛନ୍ତି।

## କଣ୍ଟାବାଞ୍ଜିରେ ଗଞ୍ଜେଇ କଳା ସାମ୍ରାଜ୍ୟ

**କଣ୍ଟାବାଞ୍ଜି,୧୭।୯(ସମିସ):** ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ସହର ବ୍ୟବସାୟିକ ସହର ଭାବେ ପରିଚିତ; କିନ୍ତୁ ଏବେ ଏହି ସହର ଅନ୍ୟ ଏକ କାରଣ ପାଇଁ ରାଜ୍ୟରେ ଚର୍ଚ୍ଚାକୁ ଆସିଛି। ତାହା ହେଉଛି ଖୁଲମଖୁଲା ଗଞ୍ଜେଇ କାରବାର। ସହରର ଗଳି କନ୍ଦିରେ ଏବେ ଏହି ଚର୍ଚ୍ଚା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ ଏଠି ଗୋଟିଏ ସଂଗଠିତ ଯୁବ ଗୋଷ୍ଠୀ ସକ୍ରିୟ ହୋଇଛନ୍ତି। ସେମାନେ କମ୍ ପରିଶ୍ରମ ଏବଂ ଅଧିକ ଟଙ୍କା ଲୋଭରେ ଏହି କଳା ବେପାରରେ ପଶିଛନ୍ତି। ମାଲକାନଗିରି, କୋରାପୁଟ, କଳାହାଣ୍ଡି, ବୌଦ୍ଧ, କନ୍ଧମାଳ ପଟୁ କମ୍ ଦାମରେ ଏଠାକୁ ଗଞ୍ଜେଇ ଆସୁଛି। କଣ୍ଟାବାଞ୍ଜି ନୂଆ ରେଳ ଷ୍ଟେସନ ରାସ୍ତାରେ ସନ୍ଧ୍ୟା ପରେ କାରବାର ଜମୁଛି। ବେପାରୀ ଏକାଠି ହୋଇ ଚାଲାଣ କରୁଛନ୍ତି। ଟ୍ରେନରେ ବ୍ୟାଗ ଭିତରେ, କାରର ଡିକିରେ ଲୁଚାଇ ରାୟପୁର, ଦୁର୍ଗ, ନାଗପୁର, ରାଜସ୍ଥାନ, ହରିଆଣା, ଉତ୍ତର ପ୍ରଦେଶର ରାଞ୍ଚି, କଲିକତା ଭଳି ବିଭିନ୍ନ ଅଞ୍ଚଳକୁ ଚାଲାଣ ହେଉଛି। ସବୁଠୁ ବଡ଼ ପ୍ରଶ୍ନ ପୁଲିସ ଓ ଅବକାରୀ ଚୁପ୍ ରହିବା। ରାଜ୍ୟର ଅନ୍ୟ ଜିଲ୍ଲାରେ ପ୍ରତିଦିନ କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ଧରା ପଡୁଛି; କିନ୍ତୁ କଣ୍ଟାବାଞ୍ଜିରେ ବର୍ଷକୁ ଗୋଟିଏ ଦୁଇଟି ଛୋଟ କେସ୍ ହେଉଛି। ତାହା ବି ଉପରୁ ଚାପ ଆସିଲେ ଲୋକ ଦେଖାଣିଆ ଭାବେ କରାଯାଉଛି। ଜଣେ ଛୋଟ ବେପାରୀକୁ ଧରି ୨/୩ କିଲୋ ଦେଖାଇ କାମ ସାରି ଦିଆଯାଉଛି। ମୁଖ୍ୟ ମାଫିଆ ଧରା ପଡୁନି। ଅନ୍ୟପକ୍ଷରେ ଏହି କାରବାରରେ କଣ୍ଟାବାଞ୍ଜି ସହର ତଥା ଆଖପାଖ ଅଞ୍ଚଳର କିଛି ପ୍ରଭାବଶାଳୀ ଓ ପଇସାବାଲା ପରିବାରର ପିଲାମାନଙ୍କ ପରୋକ୍ଷ ସମ୍ପୃକ୍ତି ଅଛି ବୋଲି ଚର୍ଚ୍ଚା ହେଉଛି। ସେମାନେ ଟଙ୍କା ଲଗାନ୍ତି। ଯୁବ ଗୋଷ୍ଠୀ କାମ କରେ। ସେଥିପାଇଁ ପୁଲିସ ହାତ ଦେଉନି ବୋଲି ଚର୍ଚ୍ଚା ଜୋର୍ ଧରିଛି। ଏହି ଗଞ୍ଜେଇ କେବଳ ଚାଲାଣ ହେଉନି; କଣ୍ଟାବାଞ୍ଜିରେ ବି ବିକ୍ରି ହେଉଛି। କଲେଜ ଛାତ୍ର, ସ୍କୁଲ ପିଲା ଏଥିରେ ଫସୁଛନ୍ତି। ଅନେକ ପରିବାର ଭାଙ୍ଗି ଯାଉଛି।

## ଦେଓଗାଁରେ ସୁଭଦ୍ରା ପ୍ରତିଷ୍ଠା ଦିବସ



ଦେଓଗାଁ,୧୭।୯(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନ ମିଶନଶକ୍ତି କାର୍ଯ୍ୟାଳୟରେ ଗୁରୁବାର ସୁଭଦ୍ରା ଯୋଜନାର ୨ବର୍ଷ ପୂର୍ତ୍ତି ଉପଲକ୍ଷେ ସୁଭଦ୍ରା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମିନତି ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁରକ୍ଷା ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ ସୁଜାତା ଦୋରା, ମାତୃବନ୍ଦନା ଯୋଜନାର ଜିଲ୍ଲା ସଂଯୋଜିକା ଶିବାନୀ ଠାକୁର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ରଙ୍ଗୋଲି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଝିଲି ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ସଂକୀର୍ତ୍ତନ ପରିଷଦ ସ୍ୱତନ୍ତ୍ର ସାଧାରଣ ସଭା




ବଲାଙ୍ଗିର,୧୭।୯(ସମିସ): ସ୍ଥାନୀୟ ସଦାଇପାଲିସ୍ଥିତ ପଲ୍ଲିଶ୍ରୀବିହାର ରାଧାକୃଷ୍ଣମନ୍ଦିର ପରିସରରେ ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦ ବଲାଙ୍ଗିର ଜିଲ୍ଲା ଶାଖା ତରଫରୁ ଏକ ସ୍ୱତନ୍ତ୍ର ସାଧାରଣସଭା ଅନୁଷ୍ଠିତ ହୋଇଯାଇଛି। ଡ. ଶ୍ରୀକର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ଜିଲ୍ଲା ସଂଯୋଜକ ଭରତ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଅଶ୍ରୁଲା ଆମ୍ବେଦକର କ୍ଲବ୍ ପକ୍ଷରୁ ନୂଆଁଖାଇ ଭେଟଘାଟ



**କଣ୍ଟାବାଞ୍ଜି,୧୭।୯(ସମିସ):** ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ କପିଳାଭଟା ପଞ୍ଚାୟତ ଅଧୀନ ଅଶ୍ରୁଲା ଆମ୍ବେଦକର କ୍ଲବ୍ ପକ୍ଷରୁ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଆମ୍ବେଦକର କ୍ଲବର ସଭାପତି ମୁକେଶ ମହାନନ୍ଦଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ର ଅବେଗ ସାହୁ, କପିଳାଭଟା ଉଚ୍ଚ ବିଦ୍ୟାଳୟର ଛାତ୍ର ଲିପୁନ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗୋପ ଚନ୍ଦନ, ପବିତ୍ରା ସଗରିଆ, କନିକା ତାଣ୍ଡିଙ୍କୁ ନୃତ୍ୟ ପ୍ରତିଯୋଗିତା ଲାଗି ଟ୍ରଫି ସହ ପ୍ରମାଣପତ୍ର ଦିଆଯାଇଥିଲା। ଚୈତନ୍ୟ ମହାନନ୍ଦ ମଞ୍ଚ ପରିଚାଳନା କରିଥିଲେ।

## ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା



**ଖପ୍ରାଖୋଲ,୧୭।୯(ସମିସ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ଶ୍ରୀ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଛି। ଏହି ଅବସରରେ ଖପ୍ରାଖୋଲ ପାନୀୟ ଓ ଜଳ ଯୋଗାଣ ବିଭାଗ ତରଫରୁ ବିଭାଗୀୟ କାର୍ଯ୍ୟାଳୟରେ ପୂଜା ପାଳିତ ହୋଇଯାଇଛି। ବିଭାଗୀୟ ଯନ୍ତ୍ରୀ ଚିନ୍ମୟ ପଧାନ ପୂଜା କାର୍ଯ୍ୟ ସମ୍ପାଦନା କରିଥିବା ବେଳେ ଯୁବରାଜ ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ସେହିପରି ବିଦ୍ୟୁତ୍ ବିଭାଗ ତରଫରୁ ଖପ୍ରାଖୋଲ ଗ୍ରିଡ୍‌ଠାରେ ଦେବଶିଳ୍ପୀ ଶ୍ରୀ ବିଶ୍ୱକର୍ମାଙ୍କ ପୂଜା ପାଳିତ ହୋଇଯାଇଛି। ଏହା ସହିତ ବିଭିନ୍ନ ଦୋକାନ, ବଢ଼େଇ, ମିସ୍ତ୍ରି ସଙ୍ଘ ତରଫରୁ ମଧ୍ୟ ଦେବଶିଳ୍ପୀଙ୍କ ପୂଜା ପାଳିତ ହୋଇଛି।

**୭ ମାସ ହେଲା ପାରିଶ୍ରମିକ ପାଇ ନାହାନ୍ତି ପମ୍ପହାଉସ୍ ଅପରେଟର**

## ବେହେରେନସିଲେଟରେ ୩ ଦିନ ହେଲା ପାଣି ବନ୍ଦ

**କଣ୍ଟାବାଞ୍ଜି,୧୭।୯(ସମିସ):** ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗାଁ ଗାଁକୁ ବିଶୁଦ୍ଧ ପାନୀୟ ଜଳ ପହଞ୍ଚାଇବାକୁ ବସୁଧା ଯୋଜନା କରିଛନ୍ତି; ହେଲେ ପଞ୍ଚାୟତସ୍ତରରେ ଅବହେଳା ଯୋଗୁଁ ସେ ଯୋଜନା ଫେଲ୍ ମାରୁଛି। ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ଚଟୁଅନକା ପଞ୍ଚାୟତର ବେହେରେନସିଲେଟ ଗାଁରେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି। ଏହି ଗାଁର କମଳ ମାଝି ୭ ମାସ ହେଲା ଜଳ ଯୋଗାଣ ପମ୍ପ ହାଉସରେ ଅପରେଟର ଭାବେ କାମ କରୁଛନ୍ତି। ତାଙ୍କୁ ଆଜି ଯାଏଁ ଗୋଟିଏ ଟଙ୍କା ମଧ୍ୟ ପାରିଶ୍ରମିକ ମିଳିନାହିଁ। କମଳଙ୍କୁ ପଚାରିବାରୁ ସେ କୋହଭରା କଣ୍ଠରେ କହିଛନ୍ତି, ସରକାର ନାନା ଯୋଜନାରେ ଲୋକଙ୍କୁ ମାଗଣା ଟଙ୍କା ଦେଉଛନ୍ତି; କିନ୍ତୁ ପରିଶ୍ରମ କରିଛନ୍ତି। ଟଙ୍କା ମାଗି ମାଗି ନୟାନ୍ତ ହେଲେଣି। ୭ ମାସ ହେଲା ପାରିଶ୍ରମିକ ନାହିଁ। ସେ କିଭଳି ତାଙ୍କ ପରିବାର ପୋଷିବେ ବୋଲି ପ୍ରଶ୍ନ କରିଛନ୍ତି। ନୂଆଁଖାଇ ପର୍ବରେ ସେ ଏଥର ତାଙ୍କ ପିଲାଙ୍କୁ ନୂଆ ଲୁଗା କିଣି ଦେଇ ପାରିଲେନି। ପାରିଶ୍ରମିକ ନ ପାଇ ନିରାଶ ହୋଇ କମଳ ଗତ ୩ ଦିନ ହେଲା ପମ୍ପ ହାଉସକୁ ଯାଉନାହାନ୍ତି କି ପମ୍ପ ଚଳାଉ ନାହାନ୍ତି। ଏହା ଫଳରେ ବେହେରେନସିଲେଟ ଗାଁରେ ବସୁଧା ଯୋଜନାର ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ନୂଆଁଖାଇ ଭଳି ପର୍ବ ସମୟରେ ପାଣି ବିନା ଲୋକେ ଅସୁବିଧା ଭୋଗୁଛନ୍ତି। ପିଇବା ପାଣି ପାଇଁ ମହିଳାମାନେ ଅଧ କିମି ଦୂର ନଳକୂପକୁ ଯାଉଛନ୍ତି। ତେବେ ଏହା ପ୍ରଥମ ଘଟଣା ନୁହେଁ। ଚଟୁଅନକା ପଞ୍ଚାୟତରେ ଦୀର୍ଘ ଦିନ ହେଲା ଏଭଳି ଅବହେଳା ଚାଲିଛି। ଶ୍ରମିକଙ୍କ ପାଉଣା ବାବଦରେ ଫାଇଲ ବ୍ଲକରେ ପଡି ରହିଛି ବୋଲି କୁହାଯାଉଛି; କିନ୍ତୁ କେହି ଦାୟିତ୍ୱ ନେଉନାହାନ୍ତି। ଯଦି



ଜଣେ ଶ୍ରମିକଙ୍କୁ ୭ ମାସର ପାରିଶ୍ରମିକ ଦିଆଯାଇ ପାରୁନାହିଁ ତେବେ ଏ ପଞ୍ଚାୟତ ବ୍ୟବସ୍ଥା କାହା ପାଇଁ ବୋଲି ପ୍ରଶ୍ନ ଉଠୁଛି। ନୂଆଁଖାଇ ପର୍ବରେ ଜଣେ ଗରିବ ଶ୍ରମିକର ପରିବାର ଭୋକରେ ରହିବା ଏବଂ ଗାଁ ଲୋକେ ପାଣି ବିନା ତହଲ ବିକଳ ହେବା କେତେ ଯୁକ୍ତିଯୁକ୍ତ ତାହା ମଧ୍ୟ ଏକ ପ୍ରଶ୍ନ।

## ଘୁନସର, ସାଲେପାଲିରେ ଚାରାରୋପଣ






**ସଇଁତଳା,୧୭।୯(ସମିସ):** ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ୍ ଘୁନସର ଗାଁର ଯୁଗେଶ୍ୱରାୟ ମନ୍ଦିର ନିକଟରେ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଟିଟିଲାଗଡ଼ ରେଞ୍ଜର ଶୈଳେଶ ବିଶିଙ୍କ ନେତୃତ୍ୱରେ ବନ ବିଭାଗ ପକ୍ଷରୁ ମନ୍ଦିର ପରିସର ନିକଟରେ ବିଭିନ୍ନ ପ୍ରକାରର ୭୬ଟି ଚାରା ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବେଲଗାଁ ଫରେଷ୍ଟର ଆଶୁତୋଷ ମହାକୁର, ଫରେଷ୍ଟର ବିମ୍ବାଧର ବେହେରା, ରଂଜିତ ସିଂଦେଓ, ପ୍ରିୟଙ୍କା ପୋଡ଼, ତପସ୍ୱିନୀ ରଣା, ପୂଜାରାଣୀ ସେଠ, ଇସ୍ମିତା ବଳିଆରସିଂ, ରଞ୍ଜିତା ପୋଡ଼, ଗୋବିନ୍ଦ ପଣ୍ଡା, ଉଧବ ହରପାଳ, ସଂଜୀବ ମିଶ୍ର ଓ ଘୁନସର ସରପଞ୍ଚ ଅନୁରାଧା ସେଠ, ଘୁନସର ହାଇସ୍କୁଲ ପ୍ରଧାନଶିକ୍ଷକ ସୁରେନ୍ଦ୍ର ବାଗ, ପ୍ରକାଶ ଗହିର, ଶରତ ବେହେରା, ଚମ୍ପୁ ସେଠଙ୍କ ସମେତ ବନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।
ଦେଓଗାଁ: ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ସାଲେପାଲି ଗ୍ରାମ ମଙ୍ଗଳପାଠାଗାର ଅଧୀନ ବୟୋଜ୍ୟେଷ୍ଠ ନାଗରିକ ଆବାସଠାରେ ଗୁରୁବାର ଅପରାହ୍ନରେ ସେବା ସଂକଳ୍ପ ଅଭିଯାନ ଅବସରରେ ଅନ୍ତେବାସୀଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟନିର୍ବାହୀ କର୍ମୀ ଶିବ ପ୍ରସାଦ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମ୍ପାଦକ ଭୁବନେଶ୍ୱର ସାମଲ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ। ଅନୁଷ୍ଠାନର ରମାକାନ୍ତ ସାହୁ, ସଞ୍ଜୁ ବିଶ୍ୱାଳ, ଚତୁର୍ଭୁଜ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## ବାବା ଆମ୍ବେଦକର ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ




ତୁଷୁରା,୧୭।୯(ସମିସ): ଗୁଡଭେଲା ବ୍ଲକ୍ ଚିଞ୍ଚେଡ଼ ଗ୍ରାମର ବାବା ଆମ୍ବେଦକର ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଛନ୍ଦା ଚରଣ ସୁନା, ହେମନ୍ତ ନାଗ, ଠାକୁର କୁମ୍ଭାର, କୈବର୍ତ୍ତ ଛତ୍ରିଆ, ମହୋ ନାଗ, ଜଗାବଳିଆ ନାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଗୋକୁଳ ଚନ୍ଦ୍ର ନାଗ ଓ ବଳଦେବ ବାଗ ମଞ୍ଚ ପରିଚାଳନା କରିଥିଲେ।

## ଯୁବକଙ୍କୁ ଛୁରିରେ ଆକ୍ରମଣ କରି ଅଭିଯୁକ୍ତ ଗିରଫ

**ତୁଷୁରା,୧୭।୯(ସମିସ):** ବଲାଙ୍ଗିର ଜିଲ୍ଲା ତୁଷୁରା ଥାନା ଅଧୀନ କପସିଲା ଗାଁରେ ଦୁଇ ଜଣ ଯୁବକଙ୍କୁ ଛୁରିରେ ଆକ୍ରମଣ ହୋଇଛି। ଏହି ଘଟଣାରେ ପୁଲିସ ଗାଁର ଚିନ୍ତାମଣି ରଣାକୁ ଗିରଫ କରିଛି। ଗାଁର ଏକ ଗଣେଶ ପୂଜା ପେଣ୍ଡାଲ ନିକଟରେ ସିଦ୍ଧାନ୍ତ ରଣା, ତୋଫାନ ରଣାଙ୍କ ସହ ଚିନ୍ତାମଣିର ବଚସା ହୋଇଥିଲା। ଏହା ପରେ ଚିନ୍ତା ମଣି ଏକ ଛୁରିରେ ଉଭୟଙ୍କୁ ଆକ୍ରମଣ କରିଥିଲା। ସିଦ୍ଧାନ୍ତଙ୍କ ଅଭିଯୋଗ ଆଧାରରେ ପୁଲିସ ଚିନ୍ତାମଣିକୁ ଗିରଫ




କରିଥିବା ତୁଷୁରା ଥାନା ଅଧିକାରୀ ମନୋଜ ପ୍ରଧାନ ସୂଚନା ଦେଇଛନ୍ତି।

# ଅମଳ ପୂର୍ବରୁ ବୁଡ଼ିଲା ଏକର ଏକର ଧାନ

ତୁରେକେଲା,୧୭।୯(ସମିସ):

ବର୍ଷସାରାର ପରିଶ୍ରମ ପାଣିରେ ପଡିଛି। ସୁନାର ଫସଲ ଦେଖି ଖୁସି ହେବା ପରିବର୍ତ୍ତେ ଏବେ ଚାଷୀ କାନ୍ଦୁଛି। ଅମଳ ପୂର୍ବରୁ ଧାନ କ୍ଷେତରେ ଅଣ୍ଟାଏ ପାଣି। ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ ମହୁଲପାଟି ଗାଁର ଏ ଦୃଶ୍ୟ; ଯେଉଁଠି ଏକର ଏକର ଧାନ ଫସଲ ଜଳମଗ୍ନ ହୋଇ ନଷ୍ଟ ହେବାକୁ ବସିଛି। ମହୁଲପାଟି ଗାଁରେ କ୍ଷୁଦ୍ର ଜଳସେଚନ ବିଭାଗର ଏକ ପ୍ରକଳ୍ପ ଅଛି। ଚାଷୀଙ୍କ ଅଭିଯୋଗ, ଏହି ପ୍ରକଳ୍ପର ଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ନାହିଁ। ବର୍ଷା ପାଣି ଉପରମୁଣ୍ଡରେ ଥିବା ଚାଷ ଜମିକୁ ପଶୁଛି। ଗତ କିଛି ଦିନର ଲଗାଣ ବର୍ଷାରେ ଏହି ପାଣି ଜମିରେ ଜମି ରହିଛି। ଏହାଫଳରେ ଯେଉଁ ଧାନ ଗଛ ୧୫ ଦିନ ପରେ କଟାଯିବାର ଥିଲା ତାହା ଏବେ





ପାଣିରେ ଶୋଇଛି। ଧାନ କେଣ୍ଡାରେ ଗଜା ବାହାରିବା ଆରମ୍ଭ ହେଲାଣି। ମହୁଲପାଟିର ଚାଷୀ ଅକ୍ରୁର ଖର୍ସେଲ ଓ ପ୍ରମୋଦ ସାହୁ କହିଛନ୍ତି, "ଆମେ ଋଣ କରି ସାର, ବିହନ, ମଜୁରୀ ଲଗାଇ ଚାଷ କରିଥିଲୁ। ଭାବିଥିଲୁ ଏ ଥର ଭଲ ଅମଳ ହେବ। ହେଲେ ସବୁ ପାଣିରେ ବୁଡିଗଲା। ଆମେ ସର୍ବସ୍ୱାନ୍ତ ହୋଇଗଲୁ।' ସେମାନଙ୍କ କହିବା ଅନୁଯାୟୀ, ପ୍ରାୟ ୪-୫ ଏକର ଜମିର ଫସଲ ଏଭଳି ଜଳମଗ୍ନ ହୋଇଛି। ସବୁଠୁ ଦୁଃଖର କଥା ଏନେଇ ଚାଷୀ କୃଷି ବିଭାଗ, ଏମଆଇପି ବିଭାଗକୁ ବାରମ୍ବାର ଜଣାଇଛନ୍ତି। ଏପରିକି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ମଧ୍ୟ ଲିଖିତ ଅଭିଯୋଗ ଦେଇଛନ୍ତି; କିନ୍ତୁ ଆଜି ପର୍ଯ୍ୟନ୍ତ କେହି ବିଲକୁ ଦେଖିବାକୁ ଆସିନାହାନ୍ତି। ନା ତଦନ୍ତ ହୋଇଛି ନା ହୋଇଛି ପାଣି ନିଷ୍କାସନର ବ୍ୟବସ୍ଥା କରାଯାଇଛି। ତୁରନ୍ତ ତହସିଲଦାର ଓ କୃଷି ଅଧିକାରୀ ଆସି ଜଳମଗ୍ନ ଜମିର କ୍ଷୟକ୍ଷତି ଆକଳନ କରନ୍ତୁ। ଫସଲ ବୀମା ଓ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ଦିଆଯାଉ। ବନ୍ଧର ଜଳ ନିଷ୍କାସନ ପାଇଁ ସ୍ଥାୟୀ ନାଳ ନିର୍ମାଣ କରାଯାଉ। ଯେମିତି ପ୍ରତିବର୍ଷ ଏ ସମସ୍ୟା ନ ହୁଏ ସେ ଦିଗରେ ଧ୍ୟାନ ଦିଆଯାଉ। ଏଭଳି ସ୍ଥିତିରେ ଯଦି ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ। ନ ହେଲେ ମହୁଲପାଟିର ଚାଷୀ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଏମାନେ ଚେତାବନୀ ଦେଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୦୯- ଲଣ୍ଡନସ୍ଥିତ ରୟାଲ ଅପେରା ହାଉସ୍ ଖୋଲାଗଲା।
- ୧୮୫୧- ନ୍ୟୁୟର୍କ ଟାଇମ୍ସ ସମ୍ବାଦପତ୍ରର ପ୍ରକାଶନ ଆରମ୍ଭ ହେଲା।
- ୧୯୨୨- ହଙ୍ଗେରୀ ମିଳିତ ଜାତିସଂଘରେ ସାମିଲ ହେଲା।
- ୧୯୪୭- ରାଷ୍ଟ୍ରୀୟ ସୁରକ୍ଷା ଅଧିନିୟମକୁ ଲାଗୁ କରାଗଲା।
- ୧୯୮୬- ମୁମ୍ବାଇରେ ପ୍ରଥମ ଥର ମହିଳା ଚାଳକମାନେ ଜେଟ୍ ବିମାନ ଉଡ଼ାଇଥିଲେ।
- ୨୦୦୩- ଢାକା ଓ ଅଗରତାଲା ବସ୍ ସେବା ଆରମ୍ଭ ହେଲା।

## କର୍ଣ୍ଣ ଭୂମିକାରେ ସଲମାନ୍



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ 'କର୍ଣ୍ଣ' ଭୂମିକାରେ ନଜର ଆସିବାକୁ ଯାଉଛନ୍ତି। ନିର୍ଦ୍ଦେଶକ ରାକେଶ ଓମପ୍ରକାଶ ମେହେରାଙ୍କ ବହୁ ପ୍ରତୀକ୍ଷିତ ପିରିୟଡ୍ ଡ୍ରାମା 'କର୍ଣ୍ଣ'ରେ ସଲମାନ୍ ଏହି ମହାନ୍ ଯୋଦ୍ଧାଙ୍କ ଭୂମିକାରେ ଦେଖାଯିବେ। ଫରହାନ୍ ଅଖତରଙ୍କ ପ୍ରଯୋଜନା ସଂସ୍ଥା ଏକ୍ସେଲ ଏଣ୍ଟରଟେନମେଣ୍ଟ ଦ୍ୱାରା ନିର୍ମିତ ହେବାକୁ ଥିବା ଏହି ଚଳଚ୍ଚିତ୍ରଟିକୁ ଦୁଇଟି ଭାଗରେ ମୁକ୍ତିଲାଭ କରାଯିବାର ଯୋଜନା ରହିଛି। ସଲମାନ୍‌ଙ୍କ କ୍ୟାରିୟରର ଏହା ସବୁଠାରୁ ଚ୍ୟାଲେଞ୍ଜିଂ ଭୂମିକା ହେବ ବୋଲି ଏବେଠୁ ଚର୍ଚ୍ଚା ହେବାକୁ ଲାଗିଲାଣି। 'ରଙ୍ଗ ଦେ ବସନ୍ତୀ', 'ଭାଗ୍ ମିଲ୍‌ଖା ଭାଗ୍' ଭଳି କ୍ଲାସିକ୍ ଫିଲ୍ମ ଦେଇଥିବା ରାକେଶ ଓମ୍ ପ୍ରକାଶ ମେହେରା ଗତ ୫ ବର୍ଷ ହେଲାଣି ଏହି ପ୍ରୋଜେକ୍ଟ ଉପରେ କାମ କରୁଛନ୍ତି। ପୂର୍ବରୁ ସାଉଥ୍ ସୁପରଷ୍ଟାର ସୂର୍ଯ୍ୟାଙ୍କୁ ନେଇ ଏହି ଫିଲ୍ମ ତିଆରି ହେବ ବୋଲି ଚର୍ଚ୍ଚା ହେଉଥିଲା, କିନ୍ତୁ ବଜେଟ୍ ଏବଂ ଅନ୍ୟାନ୍ୟ କାରଣରୁ ତାହା ଅଟକି ଯାଇଥିଲା। ଶେଷରେ ଯେତେବେଳେ ସଲମାନ୍‌ଙ୍କୁ ଏହାର ସ୍କ୍ରିପ୍ଟ ଶୁଣାଗଲା, ସେ ଏଥିପାଇଁ ତୁରନ୍ତ ରାଜି ହୋଇଯାଇଥିଲେ। ରାକେଶ ଏବେ ବିକ୍ରାନ୍ତ ମେସିଙ୍କ ସହ ଏକ ଛୋଟ ପ୍ରେମ କାହାଣୀ ଆଧାରିତ ଚଳଚ୍ଚିତ୍ର ଶେଷ କରିବା ପରେ, 'କର୍ଣ୍ଣ' ପ୍ରୋଜେକ୍ଟରେ ସାମିଲ ହେବେ। ବର୍ତ୍ତମାନ ଏହାର ପ୍ରି-ପ୍ରଡକ୍ସନ କାମ ଜୋରସୋରରେ ଚାଲିଛି ଏବଂ ଅଗଷ୍ଟ ୨୦୨୭ ସୁଦ୍ଧା ଏହାର ସୁଟିଂ ଆରମ୍ଭ ହେବାର ସମ୍ଭାବନା ରହିଛି। ସଲମାନ୍‌ଙ୍କୁ ମହାଭାରତର ମହାନ ଯୋଦ୍ଧା କର୍ଣ୍ଣଙ୍କ ରୂପରେ ଦେଖିବା ତାଙ୍କ ପ୍ରଶଂସକଙ୍କ ପାଇଁ ଏକ ଭିନ୍ନ ଅନୁଭୂତି ହେବ। ସଲମାନ୍‌ଙ୍କୁ ସାଧାରଣତଃ ରୋମାଣ୍ଟିକ୍, ଆକ୍ସନ ଫିଲ୍ମରେ ଦେଖିବାକୁ ମିଳେ, ମାତ୍ର କର୍ଣ୍ଣଙ୍କ ଭଳି ଏକ ଗମ୍ଭୀର, ଭାବପ୍ରବଣ ଏବଂ ଜଟିଳ ପୌରାଣିକ ଚରିତ୍ରରେ ସେ କିପରି ନିଜକୁ ପ୍ରମାଣିତ କରୁଛନ୍ତି, ତାହା ଉପରେ ସାରା ସିନେମା ଜଗତର ନଜର ରହିଛି। ଏହି ଚଳଚ୍ଚିତ୍ରଟି ବଲିଉଡ୍‌ରେ ପୌରାଣିକ ସିନେମାର ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

## ବିଦ୍ୟାଳୟର ଅଜବ ନିୟମ
## ଥରେ ଟଏଲେଟ୍ ଯିବା ପାଇଁ ଅନୁମତି

ସ୍କୁଲରେ ପାଠ ପଢ଼ିବା ସମୟରେ ପିଲାମାନେ ଟଏଲେଟ୍ ଯିବା ଏକ ସ୍ୱାଭାବିକ କଥା। ହେଲେ ଚୀନ୍‌ର ଏକ ସ୍କୁଲ ଏହାକୁ ନେଇ ଏଭଳି ଏକ ଆଶ୍ଚର୍ଯ୍ୟଜନକ ନିୟମ ପ୍ରଣୟନ କରିଛି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ନିୟମ ଅନୁଯାୟୀ, ଛାତ୍ରଛାତ୍ରୀମାନଙ୍କୁ ସମଗ୍ର ଶିକ୍ଷା ବର୍ଷର ଗୋଟିଏ ଟର୍ମ ପାଇଁ କେବଳ ଥରେ ମାତ୍ର ଟଏଲେଟ୍ ଯିବାକୁ ଅନୁମତି ଦିଆଯାଇଛି। ଏହି ଅଜବ ନିୟମ ସାମ୍ନାକୁ ଆସିବା ପରେ ସୋସିଆଲ ମିଡିଆରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି ଏବଂ ସ୍ଥାନୀୟ ଶିକ୍ଷା ବିଭାଗ ଏହି ମାମଲାର ତଦନ୍ତ ଆରମ୍ଭ କରିଛି। ଏନେଇ ସ୍କୁଲ କର୍ତ୍ତୃପକ୍ଷଙ୍କ କହିବା କଥା, ପିଲାମାନେ ବାରମ୍ବାର ଟଏଲେଟ୍ ଯିବା ବାହାନାରେ ପାଠପଢ଼ାରୁ ଦୂରେଇ ରହୁଛନ୍ତି। ତେଣୁ ସେମାନଙ୍କୁ ପୂରା ଟର୍ମରେ କେବଳ ଗୋଟିଏ 'ଟଏଲେଟ୍ ପାସ୍' ଦିଆଯିବ। ଯଦି କୌଣସି ପିଲା ସେହି ଥରକର ସୁଯୋଗ ବ୍ୟବହାର କରିଦିଏ, ତେବେ ସେହି ଟର୍ମରେ ସେ ଆଉ ଦ୍ୱିତୀୟ ବାର କ୍ଲାସ୍ ଚାଲିଥିବା ସମୟରେ ଟଏଲେଟ୍ ଯାଇପାରିବ ନାହିଁ। ଏହି ଖବର ଭାଇରାଲ ହେବା ମାତ୍ରେ ଲୋକେ ଏହାକୁ ମାନବାଧିକାରର ଉଲ୍ଲଂଘନ ବୋଲି ଦର୍ଶାଇଛନ୍ତି।

ଅଭିଭାବକମାନେ ପ୍ରଶ୍ନ କରିଛନ୍ତି ଯେ, ଯଦି କୌଣସି ପିଲା ଅସୁସ୍ଥ ହୁଏ କିମ୍ବା ତା'ର ପେଟ ଖରାପ ହୁଏ, ତେବେ ସେ କ'ଣ କରିବ? ଏଭଳି ନିୟମ ପିଲାମାନଙ୍କର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଗମ୍ଭୀର ପ୍ରଭାବ ପକାଇପାରେ। ସୋସିଆଲ ମିଡିଆରେ ଲୋକେ ଏହାକୁ "ଜେଲ୍‌ଖାନା ସଦୃଶ ନିୟମ" ବୋଲି ଆଖ୍ୟା ଦେଇଛନ୍ତି। ସେହିଭଳି ଏହି ନିୟମ ନେଇ ଡାକ୍ତର ଏବଂ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା କଥା, ପରିସ୍ରା କିମ୍ବା ମଳ ଦୀର୍ଘ ସମୟ ଧରି ରୋକିବା ଦ୍ୱାରା ପିଲାମାନଙ୍କର କିଡନୀ ସମସ୍ୟା, ୟୁରିନାରୀ ଟ୍ରାକ୍ଟ ଇନଫେକ୍ସନ ଏବଂ ପେଟଜନିତ ଅନେକ ରୋଗ ହୋଇପାରେ। ଏହା ସେମାନଙ୍କ ଶରୀର ପାଇଁ ଅତ୍ୟନ୍ତ ବିପଜ୍ଜନକ। ଏହି ମାମଲା ଅଧିକ ଗମ୍ଭୀର ରୂପ ନେବା ପରେ, ସ୍ଥାନୀୟ ଶିକ୍ଷା ପ୍ରଶାସନ ତୁରନ୍ତ ଏଥିରେ ହସ୍ତକ୍ଷେପ କରିଛି। ସ୍କୁଲକୁ ଏଭଳି ଅମାନୁଷିକ ନିୟମ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦିଆଯିବା ସହ ଏହାର ଆନୁଷ୍ଠାନିକ ତଦନ୍ତ ଆରମ୍ଭ କରାଯାଇଛି।



## ବିଶ୍ୱ ବାଉଁଶ ଦିବସ



ପ୍ରତିବର୍ଷ ସେପ୍ଟେମ୍ବର ୧୮ ତାରିଖକୁ ସାରା ବିଶ୍ୱରେ ବିଶ୍ୱ ବାଉଁଶ ଦିବସ ଭାବେ ପାଳନ କରାଯାଏ। ବାଉଁଶ ଗଛର ଉପକାରିତା, ଏହାର ସଂରକ୍ଷଣ ଏବଂ ପରିବେଶ ତଥା ଅର୍ଥନୀତି ପ୍ରତି ଏହାର ଅବଦାନ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ୨୦୦୯ ମସିହାରେ ବ୍ୟାଙ୍କକଠାରେ ଅନୁଷ୍ଠିତ ଅଷ୍ଟମ ବିଶ୍ୱ ବାଉଁଶ କଂଗ୍ରେସରେ ପ୍ରଥମ କରି ଏହି ଦିବସ ପାଳନ କରିବାକୁ ଘୋଷଣା କରାଯାଇଥିଲା। ବାଉଁଶକୁ ତା'ର ଅପାର ଅର୍ଥକରୀ ମୂଲ୍ୟ ପାଇଁ 'ସବୁଜ ସୁନା' ମଧ୍ୟ କୁହାଯାଏ। ଓଡ଼ିଶା ସମେତ ଭାରତର ଅନେକ ସ୍ଥାନରେ କାରିଗରମାନେ ବାଉଁଶରେ ଝୁଡ଼ି, କୁଲା, ଆସବାବପତ୍ର ଓ ଘରକରଣା ସାମଗ୍ରୀ ତିଆରି କରି ନିଜର ଜୀବିକା ନିର୍ବାହ କରନ୍ତି। ବାଉଁଶ ଗଛ ଅନ୍ୟ ଗଛ ତୁଳନାରେ ଅଧିକ ଅମ୍ଳଜାନ ଛାଡ଼ିଥାଏ ଏବଂ ବାୟୁମଣ୍ଡଳରୁ ପ୍ରଚୁର ଅଙ୍ଗାରକାମ୍ଳ ଶୋଷଣ କରି ପରିବେଶ ପ୍ରଦୂଷଣ କମାଇବାରେ ସାହାଯ୍ୟ କରିଥାଏ। ବାଉଁଶରେ କୁଲା, ଡାଲା, ଝୁଡ଼ି ସମେତ ବିଭିନ୍ନ ପଶୁପକ୍ଷୀଙ୍କ ଆକୃତି, କପ୍, ପ୍ଲେଟ୍, ପାଣିବୋତଲ ଚାମଚ, ଫୁଲକୁଣ୍ଡ ପେନ୍‌ଷ୍ଟାଣ୍ଡ, ବହି ଥାକ, ଫଟୋ ଫ୍ରେମ ଆଦି ତିଆରି କରାଯାଉଛି। ବାଉଁଶରେ ତିଆରି ହାର, ଝୁମୁକା, ହେୟାର୍ କ୍ଲିପ୍, କାନଫୁଲ ଆଦି ଅଳଙ୍କାରର ଚାହିଦା ବେଶି। ତେବେ ଏବେ କିନ୍ତୁ ମଣିଷ ନିଜ ସ୍ୱାର୍ଥ ପୂରଣ ପାଇଁ ଜଙ୍ଗଲ ନଷ୍ଟ କରିବାରେ ଲାଗିଛି। ଜଙ୍ଗଲ ସଫା କରି ନିଜ ପାଇଁ ବାସସ୍ଥାନ ନିର୍ମାଣ କରିବା ଯୋଗୁଁ ଧୀରେ ଧୀରେ ବାଉଁଶ ଗଛ ଲୋପ ପାଇବାରେ ଲାଗିଛି। ସେହିପରି ବାଉଁଶ ଖାଦ୍ୟ, ବାସଗୃହ ଏବଂ ସୁରକ୍ଷା ପ୍ରଦାନ କରିବା ସହିତ ଏକ ଅର୍ଥକରୀ ଗଛର ଭୂମିକା ଭାବେ ଅତୁଳନୀୟ ସାବ୍ୟସ୍ତ ହୋଇଛି। ବାଉଁଶ ମଣିଷର ଏନ୍ତୁଡ଼ିଶାଳରୁ ମଶାଣି ଯାଏ ବ୍ୟବହାର ହୋଇଥାଏ। ଯେମିତି କି ହିନ୍ଦୁଙ୍କ ଜୀବନଶୈଳୀରେ ଷଠୀ ଘର ପୂଜା ଓ ବିବାହ କାର୍ଯ୍ୟ ଏବଂ ମୃତ୍ୟୁ ବେଳେ ମଧ୍ୟ ବାଉଁଶ ଖୋଜା ପଡ଼ିଥାଏ। ଘର ତିଆରି ହେଉ କି ଡଙ୍ଗାରେ କାତ ହେଉ, ଆକାଶଦୀପକୁ ଅତି ଉଚ୍ଚରେ ରଖିବା ପାଇଁ ବାଉଁଶର ବ୍ୟବହାର ହୋଇଥାଏ। ଏବେବି ଗାଁ ଗଣ୍ଡାରେ ନଡ଼ାଛପର ଘରେ ବାଉଁଶର ଉପଯୋଗ କରାଯାଉଛି। ବାଉଁଶ ବିନା ନଡ଼ାଛପର ଘର ତିଆରି କରିବା ସମ୍ଭବ ନୁହେଁ। ସେହିପରି ବନ୍ୟାରେ ନଦୀବନ୍ଧରେ ଅତଡ଼ା ଖସିଲେ ବାଉଁଶ ବାଡ଼ରେ ବାଲିବସ୍ତା ପକାଇ ଏହାକୁ ରୋକାଯାଏ। ଅସହାୟ ଲୋକଙ୍କୁ ବାଟ କଢ଼ାଇବାରେ ବାଉଁଶ ବାଡ଼ି ବେଶ୍ ସହାୟକ ହୋଇଥାଏ। ବିଶ୍ୱ ବାଉଁଶ ଦିବସ ପାଳନ ଅବସରରେ ଅଧିକ ସଂଖ୍ୟାରେ ବାଉଁଶ ଗଛ ଲଗାଇବା ପାଇଁ ସଚେତନତା ସୃଷ୍ଟି କରାଯାଏ।

## 'ସକାଳ'ର ସ୍ୱାସ୍ଥ୍ୟ
## ୱେକ୍ ଅପ୍ ଷ୍ଟ୍ରୋକ୍



ବିଶୃଙ୍ଖଳିତ ଜୀବନଶୈଳୀ, ଚିନ୍ତା, ଶାରୀରିକ ନିଷ୍କ୍ରିୟତା ଆଦି କାରଣରୁ ଲୋକେ ରୋଗାଗ୍ରସ୍ତ ହେଉଛନ୍ତି। ମଧୁମେହ, ଉଚ୍ଚ ରକ୍ତଚାପ ଆଦି ଅନେକ କାରଣରୁ ଷ୍ଟ୍ରୋକ୍, ହୃଦ୍‌ଘାତ, ମସ୍ତିଷ୍କାଘାତ ଦେଖାଯାଉଛି। ଏମିତି ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ହେଉଛି 'ୱେକ୍ ଅପ୍ ଷ୍ଟ୍ରୋକ୍'। ବିଶେଷ କରି ସକାଳ ସମୟରେ ନିଦରୁ ଉଠିବା ପରେ ୱେକ୍ ଅପ୍ ଷ୍ଟ୍ରୋକ୍ ଅଧିକ ଦେଖାଯାଏ।

**ଏମାନଙ୍କୁ ବିପଦ:** ବୟସ୍କ ଓ ମେଦବହୁଳତା ଲୋକଙ୍କ ପ୍ରତି ୱେକ୍ ଅପ୍ ଷ୍ଟ୍ରୋକ୍‌ର ଅଧିକ ବିପଦ ରହିଥାଏ। ରକ୍ତଜମାଟ ବାନ୍ଧିବା, ଉଚ୍ଚ ରକ୍ତଚାପ, ଅଧିକ ନିଶା ସେବନ କରୁଥିବା ଲୋକଙ୍କଠାରେ ମଧ୍ୟ ୱେକ୍ ଅପ୍ ଷ୍ଟ୍ରୋକ୍‌ର ଅଧିକ ବିପଦ ରହିଥାଏ।

**ଲକ୍ଷଣ:** ଅଚାନକ ମୁଣ୍ଡ ବିନ୍ଧିବା, ମୁଣ୍ଡ ବୁଲାଇବା, ଆଖିକୁ ସ୍ପଷ୍ଟ ଦେଖା ନ ଯିବା, ଅଚାନକ ହୃଦ୍‌ସ୍ପନ୍ଦନ ବୃଦ୍ଧି, ଛାତିରେ ଯନ୍ତ୍ରଣା, ମୁହଁ ବଙ୍କା ହୋଇଯିବା, ଶରୀରର ଗୋଟିଏ ପାର୍ଶ୍ୱର ହାତ କିମ୍ବା ଗୋଡ଼ ଉଠାଇବାରେ କଷ୍ଟ, କଥା କହିବାରେ ସମସ୍ୟା ଆଦି ଲକ୍ଷଣ ଦେଖାଯାଇଥାଏ।

**ପ୍ରତିକାର:** ଷ୍ଟ୍ରୋକ୍ କ୍ଷେତ୍ରରେ ପ୍ରତିଟି ମିନିଟ୍ ଗୁରୁତ୍ୱପୂର୍ଣ୍ଣ। ତେଣୁ ଉପରୋକ୍ତ ଲକ୍ଷଣ ଦେଖାଦେଲେ ପୀଡ଼ିତଙ୍କୁ ମନଇଚ୍ଛା ଔଷଧ କିମ୍ବା ପାଣି ନଦେଇ ତୁରନ୍ତ ଆପାତକାଳୀନ ଚିକିତ୍ସା ଯୋଗାଇବା ଜରୁରି। ଡାକ୍ତର ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ପରୀକ୍ଷା ଯଥା- ଏମ୍‌ଆର୍‌ଆଇ, ସିଟିସ୍କାନ କରି ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦିଅନ୍ତି। ଏହାସହିତ ଉଚ୍ଚ କୋଲେଷ୍ଟ୍ରଲ, ଉଚ୍ଚ ରକ୍ତଚାପ, ମଧୁମେହ, ମେଦବହୁଳତାକୁ ନିୟନ୍ତ୍ରଣରେ ରଖିବା ଉଚିତ। ଧୂମପାନ ଓ ଅଧିକ ନିଶା ସେବନରୁ ଦୂରେଇ ରହି ସନ୍ତୁଳିତ ଖାଦ୍ୟପେୟ ସହିତ ପ୍ରତିଦିନ ହାଲୁକା ବ୍ୟାୟାମ କରିବା ଆବଶ୍ୟକ।

## ସଞ୍ଜୀବନୀ



## ମାଉଥ୍‌ୱାସ୍ ବ୍ୟବହାର କରୁଥିଲେ...



**ମୁଖ ଗହ୍ୱରର ସ୍ୱଚ୍ଛତା ଦାନ୍ତ, ମାଢ଼ି ଏପରିକି ମନୁଷ୍ୟ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୁଏ। ସେଥିପାଇଁ ଅଧିକାଂଶ ଲୋକ ଦିନକୁ ଦୁଇଥର ବ୍ରଶ୍ କରିବା, ଫ୍ଲସିଂ ସହିତ ମାଉଥ୍‌ୱାସ୍ ବ୍ୟବହାର କରିଥାନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ମାତ୍ରାଧିକ ମାଉଥ୍‌ୱାସ୍ କିମ୍ବା ଏହାକୁ ଭୁଲ ଶୈଳୀରେ ବ୍ୟବହାର କରିଲେ ନାନା ସମସ୍ୟା ହୁଏ। ତେଣୁ ମାଉଥ୍‌ୱାସ୍ ବ୍ୟବହାର ପୂର୍ବରୁ କିଛି ଦିଗକୁ ଧ୍ୟାନ ଦେବା ଉଚିତ।**

- ମାତ୍ରାଧିକ ମାଉଥ୍‌ୱାସ୍ ବ୍ୟବହାର ଦ୍ୱାରା ପାଟିରେ ଶୁଷ୍କତା, ପାଟି ଭିତରେ ଜ୍ୱଳନ ହେବା ଏବଂ ସମ୍ବେଦନଶୀଳତା ପରି ସମସ୍ୟା ହୋଇପାରେ। ଏହାସହିତ କେତେକ ସ୍ଥାନରେ ମାଉଥ୍‌ୱାସ୍ ପାଟିରେ ହିତକର ଜୀବାଣୁ ସଂଖ୍ୟାକୁ ମଧ୍ୟ ହ୍ରାସ କରିପାରେ। ସ୍ୱାଦ ବାରିବାରେ ମଧ୍ୟ ସମସ୍ୟା ହୋଇଥାଏ। ତେଣୁ ଦାନ୍ତ ଓ ମାଢ଼ିର ଉତ୍ତମ ଯତ୍ନ ପାଇଁ ଡାକ୍ତରଙ୍କ ପରାମର୍ଶରେ ମାଉଥ୍‌ୱାସ୍ ବ୍ୟବହାର କରିପାରିବେ।
- ବେଳେ ବେଳେ ମାଉଥ୍‌ୱାସ୍‌ରେ ଥିବା ଆଲକହଲ ଯୋଗୁଁ ପାଟି ଜଳାପୋଡ଼ା ମଧ୍ୟ ହୋଇଥାଏ। ତେଣୁ ସର୍ବଦା ରୋଗାଣୁରୋଧକ ମାଉଥ୍‌ୱାସ୍ ବ୍ୟବହାର କରିବା ଆବଶ୍ୟକ।
- ଦିନକୁ ଥରେ କିମ୍ବା ଦୁଇଥର ଖାଇ ସାରିବା ପରେ ମାଉଥ୍‌ୱାସ୍ ବ୍ୟବହାର କରିବା ଉଚିତ।
- ସର୍ବଦା ବ୍ରଶ୍ କରିବା ପରେ ହିଁ ମାଉଥ୍‌ୱାସ୍ ବ୍ୟବହାର କରିବା ଆବଶ୍ୟକ।
- ଲଗାତାର ପାଟିରୁ ଦୁର୍ଗନ୍ଧ ଆସିବା ତଥା ମାଢ଼ି ଜନିତ ସମସ୍ୟା ହେଲେ ଦନ୍ତ ବିଶେଷଜ୍ଞଙ୍କ ପରାମର୍ଶ ନେବା ଏକାନ୍ତ ଆବଶ୍ୟକ।

## ଓଜନ ହ୍ରାସ କରିପାରେ ଭେଗାନ ଖାଦ୍ୟ



ଆଜିକାଲି ସମସ୍ତେ ଫିଟ୍ ଓ ସ୍ଲିମ୍ ରହିବାକୁ ଚାହୁଁଛନ୍ତି। ଓଜନ ହ୍ରାସ କରିବା ପାଇଁ ଲୋକଙ୍କୁ ଖାଦ୍ୟର ପରିମାଣ କମାଇବା କିମ୍ବା କ୍ୟାଲୋରୀ ଗଣନା କରିବାକୁ ପରାମର୍ଶ ଦିଆଯାଏ। ହେଲେ ନିକଟରେ 'ଜାମା ନେଟୱର୍କ ଓପନ୍'ରେ ପ୍ରକାଶିତ ଏକ ଗବେଷଣା ଅନୁସାରେ, କମ୍ ଚର୍ବିଯୁକ୍ତ ଭେଗାନ୍ (କେବଳ ଉଦ୍ଭିଦଭିତ୍ତିକ) ଖାଦ୍ୟ ଗ୍ରହଣ କରି କ୍ୟାଲୋରୀ ଗଣନା କିମ୍ବା ଖାଦ୍ୟ ପରିମାଣ କମାଇବା ବିନା ଓଜନ ହ୍ରାସ କରିପାରିବେ। କମ୍ ଚର୍ବିଯୁକ୍ତ ଭେଗାନ ଖାଦ୍ୟ ହେଉଛି ଏକ ଶାକାହାରୀ ଖାଦ୍ୟ, ଯେଉଁଥିରେ ମାଂସ, ମାଛ, ଅଣ୍ଡା, କ୍ଷୀର, ଦହି, ଘିଅ, ମହୁ ବର୍ଜନ କରାଯାଏ। ଏହା ସହିତ ତେଲ ଓ ଚର୍ବିଜାତୀୟ ଖାଦ୍ୟର ପରିମାଣକୁ ଖୁବ୍ କମ୍ ରଖାଯାଏ। ତେବେ କମ୍ ଚର୍ବିଯୁକ୍ତ ଭେଗାନ ଖାଦ୍ୟ ଓଜନ ହ୍ରାସରେ କିପରି ସହାୟକ ହେଉଛି ଏହା ଜାଣିବାକୁ ଗବେଷକ ୧୬ ସପ୍ତାହ ଧରି ଅଧିକ ଓଜନ ଥିବା ବୟସ୍କଙ୍କ ଉପରେ ଏକ ପରୀକ୍ଷା କରିଥିଲେ। ଗବେଷଣାରେ ଅଂଶଗ୍ରହଣକାରୀଙ୍କୁ ଫଳ, ପରିବା, ଶସ୍ୟ, ଡାଲିଜାତୀୟ ଖାଦ୍ୟ ଦିଆଯାଇଥିଲା। ସେମାନଙ୍କୁ ଖାଦ୍ୟର ପରିମାଣ କମାଇବା କିମ୍ବା କ୍ୟାଲୋରୀ ସୀମିତ କରିବାକୁ କୁହାଯାଇନଥିଲା। ଉଦ୍ଭିଦଭିତ୍ତିକ ଖାଦ୍ୟ ଜଳ ଏବଂ ଫାଇବରରେ ଭରପୂର ଥାଏ ତେଣୁ ପୂର୍ବ ପରି ଲୋକେ ସମାନ ପରିମାଣର ଖାଦ୍ୟ ଖାଇଥିଲେ ବି ପ୍ରାୟ ୩୫୭ କ୍ୟାଲୋରୀ କମ୍ ଗ୍ରହଣ କରିଥିଲେ। ଗବେଷକଙ୍କ ମୁତାବକ, ଭେଗାନ ଖାଦ୍ୟ ଗ୍ରହଣକାରୀଙ୍କ ଖାଦ୍ୟର ଏନର୍ଜି ଡେନ୍‌ସିଟି ପ୍ରାୟ ୩୦ ପ୍ରତିଶତ କମିଥିଲା। ସମାନ ଓଜନର ଖାଦ୍ୟରୁ ଶରୀରକୁ କମ୍ କ୍ୟାଲୋରୀ ମିଳିଥିଲା। ଏହି ଦଳ ପ୍ରତିଦିନ ପ୍ରାୟ ୩୫୭ କ୍ୟାଲୋରୀ କମ୍ ଗ୍ରହଣ କରିଥିଲେ। ଫିଜିସିଆନ୍ସ କମିଟି ଫର ରେସ୍ପନସିବଲ୍ ମେଡିସିନର ମୁଖ୍ୟ ଗବେଷକ ଡା. ହାନା କାହଲେଓଭାଙ୍କ କହିବାନୁସାରେ, ଏହା ଜଣଙ୍କ ଇଚ୍ଛାଶକ୍ତି ଉପରେ ନିର୍ଭର କରେ ନାହିଁ ବରଂ ପ୍ରାକୃତିକ ଭାବେ କମ୍ କ୍ୟାଲୋରୀ ଥିବା ଖାଦ୍ୟ ବାଛିବା ଉପରେ ନିର୍ଭର କରିଥାଏ। ଫଳ ଓ ପନିପରିବାର ଥିବା ଜଳ ଓ ତନ୍ତୁ ଶରୀରକୁ ପେଟ ଭରିବାର ଅନୁଭବ ଦିଏ। ତେଣୁ ଜଣେ ପେଟ ଭରି ଖାଇଲେ ବି ସାମଗ୍ରିକ ଭାବେ କମ୍ କ୍ୟାଲୋରୀ ନେଇଥାନ୍ତି। ଖାଦ୍ୟର ପରିମାଣ କମାଇବା ବିନା ଓଜନ ନିୟନ୍ତ୍ରଣରେ ସହାୟତା ମିଳିପାରେ। ତେଣୁ ମାଂସ, ଦୁଗ୍ଧ ଓ ଅଣ୍ଡା ଭଳି ଉଚ୍ଚ କ୍ୟାଲୋରି ବଦଳରେ ପରିବା, ଶସ୍ୟ ଓ ଡାଲି ଖାଇବା ଯୋଗୁଁ ଏହା ସମ୍ଭବ ହୋଇପାରିଥିଲା। ଏହି ଖାଦ୍ୟ ମୁଖ୍ୟତଃ ଶରୀରରୁ ଅନାବଶ୍ୟକ ଚର୍ବି କମାଇବାରେ ସାହାଯ୍ୟ କରି ଓଜନ ନିୟନ୍ତ୍ରଣ ପାଇଁ ଏକ ସ୍ଥାୟୀ ଉପାୟ ହୋଇପାରେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଓଜନ ହ୍ରାସ କରିବା ପାଇଁ ସନ୍ତୁଳିତ ଖାଦ୍ୟପେୟ, ନିୟମିତ ବ୍ୟାୟାମ ଏବଂ ବିଶେଷଜ୍ଞଙ୍କ ପରାମର୍ଶ ନେବା ଏକାନ୍ତ ଆବଶ୍ୟକ।

## ମନଇଚ୍ଛା ଆଣ୍ଟିବାୟୋଟିକ୍ ଖାଉଥିଲେ...



ଥଣ୍ଡା, ଜ୍ୱର, କାଶ ଆଦି ହେଲେ ଲୋକେ ଡାକ୍ତରଙ୍କ ବିନା ପରାମର୍ଶରେ ଆଣ୍ଟିବାୟୋଟିକ୍ ଖାଇଦିଅନ୍ତି। ମନଇଚ୍ଛା ଆଣ୍ଟିବାୟୋଟିକ୍ ଗ୍ରହଣ କରିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଫ୍ଲୁ ଭଳି ଭାଇରାଲ ସଂକ୍ରମଣ ବିରୋଧରେ ଆଣ୍ଟିବାୟୋଟିକ୍ସ ପ୍ରଭାବଶାଳୀ ନୁହେଁ। ଏପରି ସ୍ଥିତିରେ ଆଣ୍ଟିବାୟୋଟିକ୍ ଖାଇଲେ ବ୍ୟାକ୍ଟେରିଆ ପ୍ରତିରୋଧ ବିକଶିତ କରି ଆଣ୍ଟିବାୟୋଟିକ୍ କାମ କରିବା ବନ୍ଦ କରି ଦେଇଥାଏ।

ଆଣ୍ଟିବାୟୋଟିକ୍‌କୁ ଅଧିକ ବ୍ୟବହାର କରିବା ଦ୍ୱାରା ଏହା ବ୍ୟାକ୍ଟେରିଆକୁ ଔଷଧ ପ୍ରତି ପ୍ରତିରୋଧକ ଶକ୍ତି ବିକାଶ କରିବାରେ ସକ୍ଷମ କରିପାରେ। ଆଣ୍ଟିବାୟୋଟିକ୍‌ର କାର୍ଯ୍ୟ ହେଉଛି ଜୀବାଣୁଜନିତ ସଂକ୍ରମଣକୁ ଦୂର କରିବା କିମ୍ବା ପ୍ରତିରୋଧ କରିବା। ହେଲେ ଆବଶ୍ୟକତା ନଥାଇ ବାରମ୍ବାର ଆଣ୍ଟିବାୟୋଟିକ୍ ଗ୍ରହଣ କରାଗଲେ ଶରୀରରେ ଅନ୍ୟାନ୍ୟ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୋଇପାରେ। ଯେପରିକି ପେଟଜନିତ ସମସ୍ୟା ସୃଷ୍ଟି ହୋଇ ପେଟଫୁଲା, ଗ୍ୟାସ୍, ତରଳଝାଡ଼ା ହୋଇଥାଏ। ଅଧିକ ଡୋଜ୍ ଆଣ୍ଟିବାୟୋଟିକ୍ ନେବା ଦ୍ୱାରା ଶରୀର ପାଇଁ ହିତକର ଜୀବାଣୁ ଉପରେ ପ୍ରଭାବ ପଡ଼ିବା, ଆଲର୍ଜି କିମ୍ବା କୌଣସି ଔଷଧର ପ୍ରଭାବ କମ୍ ହେବା ଆଦି ସମସ୍ୟା ଦେଖାଯାଏ। ତେଣୁ ପ୍ରତ୍ୟେକ ଜ୍ୱର, ଥଣ୍ଡା, କାଶ ଲକ୍ଷଣ ଦେଖିଲେ ଡାକ୍ତରଙ୍କ ପରାମର୍ଶରେ ଆଣ୍ଟିବାୟୋଟିକ୍ ଖାଇବା ଆବଶ୍ୟକ। ଔଷଧର ମାତ୍ରା ଏବଂ କେତେଦିନ ଖାଇବା ଆବଶ୍ୟକ ଏନେଇ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ।

## ଘର ବଇଦ
## ମୂତ୍ରରୋଧର ଉପଚାର

- ଅଙ୍କରାନ୍ତି ଗଛର ରସ ଦୁଇ ତୋଳା ଖାଇବେ।
- କାକୁଡ଼ିମଞ୍ଜି ଦୁଇ ତୋଳା ଅଳ୍ପ ସୈନ୍ଧବ ଲବଣ ମିଶାଇ ଖାଇବେ।
- ଅଶୋକମଞ୍ଜି ପାଣିରେ ବାଟି ପିଆଇଲେ ମୂତ୍ରରୋଧରୁ ଉପଶମ ମିଳେ।
- କାକୁଡ଼ିମଞ୍ଜି, କବାବଚିନି ଓ ସୋରାକ୍ଷାର ମୁଢ଼ି ପାଣିରେ ବାଟି ତଳି ପେଟରେ ଲେପ ଦେଲେ ୩ରୁ୪ ଦିନର ପରିସ୍ରା ବନ୍ଦ ହୋଇଥିଲେ ପରିସ୍ରା ହୁଏ। ମୁଢ଼ି ନ ମିଳିଲେ କେବଳ ପାଣିରେ ବାଟି ଲେପ ଦେବେ।
- ଅଁଳାକୁ ବାଟି ତଳି ପେଟରେ ଲେପ ଦେଲେ ମୂତ୍ରରୋଧ ନିବୃତ୍ତ ହୁଏ।
- କଲମୀ ସୋରା ଏକ ଭାଗ, ଫିଟିକିରି ଅର୍ଦ୍ଧଭାଗ ଏକତ୍ର କରି ଲୁହା କରେଇରେ ରଖି ନିଆଁରେ ବସାଇବେ। ତରଳିଗଲେ ଚୁଲୀରୁ ବାହାର କରି ମର୍ଦ୍ଦନ କରି ଶିଶିରେ ରଖିବେ। ମାତ୍ରା – ଅଧତୋଳା ଖାଇ ଗରମ ପାଣି ପିଇବେ। ୧୦/୧୨ ମିନିଟ୍‌ରେ ପରିସ୍ରା ହେବ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

### ଆଉ ଦିନକ ପରେ ପ୍ରତିଯୋଗିତା

# ଏସିଆନ୍ ଗେମ୍ସରେ ଅବ୍ୟବସ୍ଥା ଓ ଅରାଜକତା

ଟୋକିଓ,୧୭।୯ (ଏଜେନ୍ସି)



ଜାପାନ ଏକ ଶକ୍ତିଶାଳୀ ରାଷ୍ଟ୍ର ଓ ଏହାର ବାସିନ୍ଦାମାନେ ଅତ୍ୟନ୍ତ ବୁଦ୍ଧିମାନ। କୌଣସି କାର୍ଯ୍ୟକ୍ରମ ହାତକୁ ନେଲେ ସେମାନେ ଖୁବ୍ ଅଳ୍ପ ସମୟରେ ସଫଳ କରିଥାନ୍ତି। ଏହି ଯେପରି ୨୦୨୦ରେ ଟୋକିଓ ଅଲିମ୍ପିକ୍ସ କୋଭିଡ୍ ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା। କିନ୍ତୁ ଏହା ପରବର୍ଷ ଜାପାନୀମାନେ ଏହି ପ୍ରତିଯୋଗିତାକୁ ଏଭଳି ଆୟୋଜନ କଲେ ଯେ, ସମସ୍ତଙ୍କ ପ୍ରଶଂସା ସାଉଁଣ୍ଟିଲେ। କିନ୍ତୁ ଆଇଚି-ନାଗୋୟା ସହରରେ ହେବାକୁ ଯାଉଥିବା ଏସିଆନ ଗେମ୍ସ ଆରମ୍ଭ ହେବାକୁ ଆଉ ଦୁଇଦିନ ବାକି ରହିଛି। କିନ୍ତୁ ଖେଳାଳି ଓ କର୍ମକର୍ତ୍ତାଙ୍କ ରହିବା, ଖାଇବା ଓ ଯାତାୟତକୁ ଏପରି ଅବ୍ୟବସ୍ଥା ହୋଇଛି ଯେ ଏହି ପ୍ରତିଯୋଗିତାଟି ଜାପାନରେ ହେଉଛି ବୋଲି ବିଶ୍ୱାସ କରିହେଉ ନାହିଁ। କେଉଁଠି ଲୋକ ନାହାନ୍ତି ତ ଆଉ କେଉଁଠି ଖେଳାଳିଙ୍କୁ ନେବାକୁ ଗାଡି ନାହିଁ। ରୁମ୍‌ଟିଏ ପାଇବା ଲାଗି କାହାକୁ ୬ ଘଣ୍ଟା ତ ଆଉ କାହାକୁ ୮ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଯଦିବି ରୁମ ମିଳିଯାଉଛି, ସେଥିରେ ରହିବା ଲାଗି ଛୋଟିଆ ବେଡ୍ ଯୋଗୁଁ କେହି ଅସୁବିଧାରେ ପଡ଼ଲାଣି ତ କାହା ରୁମ୍‌ର ଛାତରୁ ପାଣି ବୋହୁଛି। ଆଉ କାହା ରୁମ୍ ସନ୍ତସନ୍ତିଆ ରହୁଛି ତ ଆଉ କାହାକୁ ରୁମ୍ ମଧ୍ୟ ମିଳୁନାହିଁ। ଯଦିବି ଏ ସବୁ ଜିନିଷ କାହାକୁ ଠିକ୍ ମିଳିଯାଉଛି, ସେମାନଙ୍କୁ ଅଭ୍ୟାସ କରିବାକୁ କେଉଁଠି ପଡ଼ିଆ ନାହିଁତ ଆଉ କେଉଁଠି ଇକ୍ୱିପ୍‌ମେଣ୍ଟର ଅଭାବ। ଅଭିଯୋଗ କଲେ ମଧ୍ୟ କେହି ଶୁଣିବାର ନାହିଁ। ଜାପାନିମାନେ ସଂଗଠିତ ଭାବେ କାମ କରିବାର ଅନେକ ଉଦାହରଣ ରହିଛି। କିନ୍ତୁ ଚଳିତ ଏସିଆନ ଗେମ୍ସ ଯଦି ଏଭଳି ଚାଲେ, ତେବେ ଜାପାନର ସାଙ୍ଗଠନିକ ଦକ୍ଷତା ଭୂଲୁଣ୍ଠିତ ହେବା ସହ ଅନେକ ପ୍ରତିଯୋଗୀଙ୍କ ସ୍ୱପ୍ନ ଧୂଳିସାତ ହେବା ନିଶ୍ଚିତ।

ଭାରତୀୟ ନୌଚାଳନା ଟିମ୍ ପ୍ରଥମେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏମାନଙ୍କୁ ରୁମ୍ ପାଇବାକୁ ୬ଘଣ୍ଟା ଲାଗିଥିଲା। ଏହା ପରେ ଅଭ୍ୟାସ କରିବାକୁ ଯିବା ବେଳେ ଇକ୍ୱିପ୍‌ମେଣ୍ଟ ନ ଥିଲା। ଦକ୍ଷିଣ କୋରିଆର ବାସ୍କେଟବଲ ଖେଳାଳି ବ୍ୟୁନ୍ ଜୁନ-ହ୍ୟୁଙ୍ଗ୍ ଓ ଭାରତୀୟ ସଟ୍‌ପୁଟର ତାଜିନ୍ଦରପାଲ ସିଂହ ସୋସିଆଲ ମିଡିଆରେ ପୋଷ୍ଟ କରିଥିବା ଭିଡିଓ ଦେଖିଲେ ମହୁତ କଷ୍ଟ ଲାଗିବ। ଏମାନଙ୍କୁ ଦିଆଯାଇଥିବା ବେଡ୍ ଏତେ ଛୋଟ ଯେ, ଶୋଇବା ତ ଦୂରର କଥା ବସି ହେଉନାହିଁ। ଆଉ ଏକ ବଡ଼ ଅସୁବିଧା ହେଉଛି ରୁମ୍ ଆଲଟମେଣ୍ଟ ବେଳେ। ଏହି ସମୟରେ କେଉଁ ଦେଶର କେତେ ସଂଖ୍ୟାରେ ପ୍ରତିନିଧି ଆସିଛନ୍ତି ତାହାକୁ ହିସାବ କରି ରୁମ୍ ଦିଆଯାଉଛି। ଗୋଟିଏ ରୁମ୍‌ରେ କୋଚ୍ ଓ ଆଥ୍‌ଲେଟ, ପୁରୁଷ ଓ ମହିଳାଙ୍କୁ ରହିବା ଲାଗି କୁହାଯାଉଛି।

ଏଭଳି ସ୍ଥିତିରେ କିପରି ଆଥ୍‌ଲେଟମାନେ ରହିବେ ତାହାକୁ ନେଇ ଅସନ୍ତୋଷ ସୃଷ୍ଟି ହୋଇଛି। ଏଭଳି ସମୟରେ ସ୍ୱେଚ୍ଛାସେବୀଙ୍କ ସଂଖ୍ୟା ମଧ୍ୟ ଖୁବ୍ କମ୍। କାହାରିଠାରୁ କିଛି ସୂଚନା ମିଳୁନାହିଁ। ପ୍ରତ୍ୟେକ ଦିନ ହଜାର ହଜାର ଆଥ୍‌ଲେଟ ଓ କର୍ମକର୍ତ୍ତା ପହଞ୍ଚୁଥିବାବେଳେ ସେମାନଙ୍କୁ ନିୟନ୍ତ୍ରଣ କରିବାରେ ଆୟୋଜକ ମାନେ ଏକପ୍ରକାର ଅସଫଳ ହୋଇଛନ୍ତି। ଫଳରେ ବିମାନ ବନ୍ଦର, ହୋଟେଲ ଓ ଅଭ୍ୟାସ କେନ୍ଦ୍ରରେ ଏକପ୍ରକାର ଅରାଜକତା ସୃଷ୍ଟି ହୋଇଛି।

### ଭାରତର କ୍ଲିନ୍ ସୁଇପ୍

# ୩୦ ବଲ୍‌ରେ ଅଭିଷେକଙ୍କ ଶତକ

ନୂଆଦିଲ୍ଲୀ, ୧୭।୯ (ଏଜେନ୍ସି): ଆୟୋଜକ ଆଫଗାନିସ୍ତାନ ବିପକ୍ଷରେ ଏଠାରେ ଗୁରୁବାର ଖେଳାଯାଇଥିବା ଅନ୍ତିମ ତଥା ୩ୟ ଟି-୨୦ ମ୍ୟାଚ୍‌ରେ ଭାରତ ୧୨୭ ରନରେ ବିଜୟୀ ହୋଇଛି। ଓପନର୍ ଅଭିଷେକ ଶର୍ମା ମାତ୍ର ୩୦ ବଲରେ ଶତକ ପୂରଣ କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଫଳରେ ତିନି ମ୍ୟାଚ୍‌ବିଶିଷ୍ଟ ସିରିଜକୁ ଭାରତ ୩-୦ରେ କ୍ଲିନସୁଇପ୍ କରିନେଇଛି।




ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଦୁଇ ଓପନର୍ ଅଭିଷେକଙ୍କ ଶତକ ଓ ସଞ୍ଜୁ ସାମସନଙ୍କ ଅର୍ଦ୍ଧଶତକ ବଳରେ ୭ ୱିକେଟ ହରାଇ ୨୨୧ ରନର ବିଶାଳ ସ୍କୋର କରିଥିଲା। ୩୪ ବଲ ସାମ୍ନା କରିଥିବା ଅଭିଷେକ ୧୦୮ ରନ କରି ରଶିଦ ଖାନଙ୍କ ଶିକାର ବନିଥିଲେ। ଏହି ବିଧ୍ୱଂସୀ ଶତକୀୟ ପାଳିରେ ସେ ୧୧ ଛକା ଓ ୯ ଚୌକା ସହ ବାଉଣ୍ଡାରୀରୁ ୧୦୨ ରନ ଉଠାଥିଲେ। ସାମସନ (୩୫ ବଲରେ ୫୦ ରନ)ଙ୍କ ସହ ଅଭିଷେକ ଓପନିଂ ୱିକେଟ ଭାଗୀଦାରିରେ ୫୯ ବଲରୁ ୧୪୨ ରନ ଉଠାଇ ବଡ଼ ସ୍କୋର ପାଇଁ ଦୃଢ଼ ମୂଳଦୁଆ ପକାଇଥିଲେ। ଅନ୍ୟମାନଙ୍କ ଅଧିନାୟକ ଶ୍ରେୟସ ଆୟର ୨୯, ଶିବମ ଦୁବେ ୧୪, ଇଶାନ କିଶାନ ୧୦ ଓ ତିଲକ ବର୍ମା ୨ ରନ କରିଥିଲେ। ବୋଲିଂରେ ଅଜମାତୁଲ୍ଲା ଓମାରଜାଇଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଆଫଗାନିସ୍ତାନ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୪.୧ ଓଭରରେ ୯୪ ରନରେ ସୀମିତ ରହିଥିଲା। ଅଧିନାୟକ ଇବ୍ରାହିମ ଜର୍ଦାନ (୧୬ ବଲରେ ୨୫ ରନ), ରହମନୁଲ୍ଲା ଗୁରବାଜ (୧୫ ରନ) ଓ ଓମାରଜାଇ (୧୭ ରନ)ଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ନିରାଶ କରିଥିଲେ। ରବି ବିଷ୍ଣୋଇ (୩/୨୬), ନୀତୀଶ ରେଡ୍ଡୀ (୩/୨୫) ଓ ଅକ୍ଷର ପଟେଲ (୨/୯) ମିଳିତ ଭାବେ ୮ଟି ୱିକେଟ ନେଇଥିଲେ।

**ପୁରୁଷ ଟି-୨୦ରେ ଦ୍ରୁତତମ ଶତକ**

| ବଲ୍ | ବ୍ୟାଟର୍ | ଦେଶ | ପ୍ରତିପକ୍ଷ | ବର୍ଷ |
|---|---|---|---|---|
| ୨୭ | ସାହିଲ୍ ଚୌହାନ | ଇଷ୍ଟୋନିଆ | ସାଇପ୍ରସ | ୨୦୨୪ |
| ୨୯ | ମହମ୍ମଦ ଫହାଦ | ତୁର୍କୀ | ବୁଲଗେରିଆ | ୨୦୨୫ |
| ୩୦ | ଅଭିଷେକ ଶର୍ମା | ଭାରତ | ଆଫଗାନିସ୍ତାନ | ୨୦୨୬ |
| ୩୩ | ଜନ୍ ନିକୋଲ | ନାମିବ୍ୟା | ନେପାଳ | ୨୦୨୪ |
| ୩୩ | ସିକନ୍ଦର ରାଜା | ଜିମ୍ବାୱେ | ଗାମ୍ବିଆ | ୨୦୨୪ |
| ୩୩ | ଫିନ ଆଲେନ | ନ୍ୟୁଜିଲାଣ୍ଡ | ଦ.ଆଫ୍ରିକା | ୨୦୨୬ |
| ୩୪ | କୁଶାଲ ମଲ୍ଲ | ନେପାଳ | ମଙ୍ଗୋଲିଆ | ୨୦୨୩ |
| ୩୫ | ଡେଭିଡ୍ ମିଲ | ଦ.ଆଫ୍ରିକା | ବାଂଲାଦେଶ | ୨୦୧୭ |
| ୩୫ | ରୋହିତ ଶର୍ମା | ଭାରତ | ଶ୍ରୀଲଙ୍କା | ୨୦୧୭ |

**ପାୱାର ପ୍ଲେ'ରେ ଶହେ ରନ:** ଭାରତ ଏଠାରେ ପାୱାର-ପ୍ଲେ'ର ୬ ଓଭରରେ ୧୦୦ ରନ ପୂରଣ କରିଥିଲା। ଯେଉଁଥିରେ ଅଭିଷେକଙ୍କ ଅବଦାନ ୨୨ ବଲରେ ୭୬ ରନ ଥିଲା। ଟି-୨୦ କ୍ରିକେଟ୍ ଇତିହାସରେ ପାୱାର-ପ୍ଲେ'ରେ ଭାରତ ପ୍ରଥମଥର ଲାଗି ୧୦୦ ରନ ପୂରଣ କରିବାର ରେକର୍ଡ କରିଛି। ଟି-୨୦ରେ ପାୱାର-ପ୍ଲେ'ରେ ସର୍ବାଧିକ ସ୍କୋର ରୋମାନିଆ (୧୧୬/୦ ବନାମ ସର୍ବିଆ, ୨୦୨୧) ନାମରେ ରହିଛି। ସେହିଭଳି ଟି-୨୦ରେ ପାୱାର-ପ୍ଲେ'ରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର ଅଭିଷେକଙ୍କ ନାମରେ ରେକର୍ଡ ହୋଇଛି।

**ଟେଷ୍ଟ ଖେଳୁଥିବା ଦେଶଙ୍କ ମଧ୍ୟରେ ଦ୍ରୁତତମ ଶତକ:** ଅଭିଷେକ ମାତ୍ର ୩୦ଟି ବଲରେ ଶତକ ପୂରଣ କରିଥିଲେ। ଟେଷ୍ଟ ଖେଳୁଥିବା ଦେଶ ମଧ୍ୟରେ ଅଭିଷେକ ଦ୍ରୁତତମ ଟି-୨୦ ଶତକ ହାସଲକାରୀ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ଜିମ୍ବାୱେର ସିକନ୍ଦର ରାଜା (୩୩ ବଲ୍ ବନାମ ଗାମ୍ବିଆ)ଙ୍କ ନାମରେ ରହିଥିଲା। ଓଭରଅଲ୍ ଅନ୍ତର୍ଜାତୀୟ ଟି-୨୦ରେ ଦ୍ରୁତତମ ଶତକ ଇଷ୍ଟୋନିଆର ସାହିଲ ଚୌହାନ (୨୭ ବଲ ବନାମ ସାଇପ୍ରସ)ଙ୍କ ନାମରେ ରହିଛି।

### ଏସିଆନ ଗେମ୍ସ କ୍ରିକେଟ

# ସେମିରେ ବାଂଲାଦେଶ, ପାକିସ୍ତାନ

ନିଶିନ୍,୧୭।୯ (ଏଜେନ୍ସି): ଏସିଆନ ଗେମ୍ସ ଆରମ୍ଭ ହେବାକୁ ଆଉ ଗୋଟିଏ ଦିନ ବାକିଥିଲାବେଳେ ଆଜିଠାରୁ ମହିଳା କ୍ରିକେଟ ପ୍ରତିଯୋଗିତା ଆରମ୍ଭ ହୋଇଛି। ଏଥିରେ ୮ଟି ଦଳ ଭାଗନେଇଥିଲାବେଳେ ଏମାନଙ୍କୁ ଦୁଇଟି ଗ୍ରୁପ୍‌ରେ ଭାଗକରାଯାଇଛି ଓ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟରୁ ଖେଳ ଆରମ୍ଭ ହୋଇଛି। ଆଜି ଖେଳାଯିବାକୁ ଥିବା ଦୁଇଟି ମ୍ୟାଚ୍‌ରେ ଭିନ୍ନଭିନ୍ନ ଫଳାଫଳ ସହ ବାଂଲାଦେଶ ଓ ପାକିସ୍ତାନ ପ୍ରଥମ ଦୁଇଦଳ ଭାବେ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଆସନ୍ତାକାଲି ଭାରତ ଓ ଜାପାନ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ବିଜେତା ସହ ବାଂଲାଦେଶ ଓ ଶ୍ରୀଲଙ୍କା-ମାଲେସିଆ ମୁକାବିଲାର ବିଜେତା ସହ ପାକିସ୍ତାନ ୨୦ ତାରିଖରେ ସେମିଫାଇନାଲ ଖେଳିବ। ସେପ୍ଟେମ୍ବର ୨୨ରେ ଫାଇନାଲ ମ୍ୟାଚ୍ ଖେଳାଯିବ ଓ ୨୪ରୁ ପୁରୁଷ ବିଭାଗରେ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଆଜି ବାଂଲାଦେଶ ଓ ଚୀନ୍ ମଧ୍ୟରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲ ବର୍ଷା ଯୋଗୁ ସମ୍ଭବ ହୋଇପାରି ନ ଥିଲା। ଫଳରେ ଉଚ୍ଚମାନ୍ୟତାପ୍ରାପ୍ତ ଟିମ୍ ଭାବେ ବାଂଲାଦେଶ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ଏହା ପରେ ଅନୁଷ୍ଠିତ ଉତ୍କଣ୍ଠାପୂର୍ଣ୍ଣ ଦ୍ୱିତୀୟ କ୍ୱାର୍ଟରଫାଇନାଲରେ ଥାଇଲାଣ୍ଡ ଆକ୍ରମଣକୁ ପ୍ରତିହତ କରି ପାକିସ୍ତାନ ସେମିଫାଇନାଲକୁ ଯାଇଥିଲା। ଅଧିନାୟିକା ଫାତିମା ସାନା ୨ଟି ୱିକେଟ ନେବା ସହ ୨୧ ରନ୍ କରି ପାକିସ୍ତାନ ପରାଜୟ ଏଡ଼ାଇଯାଇଥିଲା।

### ଇଣ୍ଟର ମିଆମି ଜିତିଲା କାମ୍ପିଓନେସ୍ କପ୍

# ମେସିଙ୍କ ୧୦୦ ଗୋଲ୍ ଓ ୪୯ତମ ଟ୍ରଫି

ମିଆମି, ୧୭।୯ (ଏଜେନ୍ସି): କିମ୍ବଦନ୍ତୀ ଫୁଟବଲର୍ ଲିଓନେଲ ମେସି ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ଆଉ ଏକ ସଫଳତା ଯୋଡ଼ିଛନ୍ତି। ମେସିଙ୍କ କ୍ଲବ ଇଣ୍ଟର ମିଆମି କାମ୍ପିଓନେସ୍ କପ୍‌ରେ ଚାମ୍ପିଅନ ହୋଇଛି। ଗତକାଲି ରାତିରେ ନୁ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲରେ ଇଣ୍ଟର ମିଆମି ୨-୦ ଗୋଲରେ ମେକ୍ସିକୋ କ୍ଲବ କ୍ରୁଜ ଆଜୁଲ କ୍ଲବକୁ ପରାସ୍ତ କରିଥିଲା। ଫଳରେ ଇଣ୍ଟର ମିଆମି ପ୍ରଥମଥର ଲାଗି ଏହି ସମ୍ମାନଜନକ ଟ୍ରଫି ଜିତିଥିଲା। ମ୍ୟାଚର ୨୪ତମ ମିନିଟରେ ଅଧିନାୟକ ମେସି ଦଳ ପାଇଁ ପ୍ରଥମ ଗୋଲ୍‌ସ୍କୋର କରିଥିଲେ। ଯାହାକି ଆମେରିକୀୟ କ୍ଲବ ମିଆମି ପାଇଁ ମେସିଙ୍କ ୧୦୦ତମ ଗୋଲ୍ ଥିଲା। ମିଆମି ପକ୍ଷରୁ ୧୧୫ତମ ମ୍ୟାଚ୍ ଖେଳୁଥିବାବେଳେ ମେସି ଏହି ମାଇଲଖୁଣ୍ଟ ଛୁଇଁଥିଲେ। ସେହିଭଳି ମେସିଙ୍କ କ୍ୟାରିୟରର ଏହା ଓଭରଅଲ୍ ୪୯ତମ ଟ୍ରଫି ବିଜୟ ହୋଇଛି। ଯେଉଁଥିରେ ବାର୍ସିଲୋନା କ୍ଲବ ପାଇଁ ଖେଳୁଥିବାବେଳେ ମେସି ସର୍ବାଧିକ ୩୫ଟି ଟ୍ରଫି ଜିତିଥିଲେ। ସେହିଭଳି ଆର୍ଜେଣ୍ଟିନା ଜାତୀୟ ଦଳ ପାଇଁ ୬ଟି, ପ୍ୟାରିସ ସେଣ୍ଟ-ଜର୍ମେନ କ୍ଲବ ପାଇଁ ୩ଟି ଓ ଇଣ୍ଟର ମିଆମି ପାଇଁ ୫ଟି ଟ୍ରଫି ହାସଲ କରିଛନ୍ତି।



### ନିର୍ବନ୍ଧର ୬ ମାସ ପରେ ଅଲଗା

# ପୃଥ୍ୱୀ-ଆକୃତି ସମ୍ପର୍କ ଭାଙ୍ଗିଲା

ମୁମ୍ବଇ, ୧୭।୯ (ଏଜେନ୍ସି): ଯୁବ ଭାରତୀୟ କ୍ରିକେଟର୍ ପୃଥ୍ୱୀ ଶ ପୁଣିଥରେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ନିର୍ବନ୍ଧ ହେବାର ମାତ୍ର ୬ ମାସପରେ ଅଭିନେତ୍ରୀ ଆକୃତି ଅଗ୍ରୱାଲଙ୍କ ସହ ପୃଥ୍ୱୀଙ୍କ ସମ୍ପର୍କ ଭାଙ୍ଗିଯାଇଛି। ଗତ ମାର୍ଚ୍ଚ ୮ ତାରିଖରେ



ଆକୃତିଙ୍କୁ ପୃଥ୍ୱୀ ନିର୍ବନ୍ଧ ମୁଦି ପିନ୍ଧାଇଥିଲେ। ଏବେ କିନ୍ତୁ ଏହି ଚର୍ଚ୍ଚିତ ଯୋଡ଼ି ପରସ୍ପରଠାରୁ ଅଲଗା ହେବା ଖବର ପ୍ରଶଂସକଙ୍କୁ ଆଶ୍ଚର୍ଯ୍ୟ କରିଛି। ୨୩ ବର୍ଷୀୟା ଆକୃତି ଗୁରୁବାର ଇନଷ୍ଟାଗ୍ରାମରେ ପରସ୍ପର ସହମତିଭିତ୍ତିରେ ଅଲଗା ହୋଇଥିବା ଖବର ଘୋଷଣା କରିଥିଲେ। ଆକୃତି ଲେଖିଛନ୍ତି, 'ଆମେ ପରସ୍ପରକୁ ଗଭୀର ଭାବରେ ଭଲ ପାଉ। କିନ୍ତୁ ଏବେ ଆମେ ସ୍ୱୀକାର କରିଛୁ ଯେ ଆମର ଦାୟିତ୍ୱ ଏବଂ ଯେଉଁ ପରିସ୍ଥିତିର ସମ୍ମୁଖୀନ ହେଉଛୁ ତାହା ଭିନ୍ନ। ଆମେ ପରସ୍ପର ସହମତିରେ ଅଲଗା ହେବାକୁ ନିଷ୍ପତ୍ତି ନେଇଛୁ। ଏହି କଷ୍ଟକର ସମୟରେ ଆମର ଗୋପନୀୟତାକୁ ସମ୍ମାନ କରନ୍ତୁ' ବୋଲି ଆକୃତି ପ୍ରଶଂସକଙ୍କୁ ଅନୁରୋଧ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୬ ବର୍ଷୀୟ ପୃଥ୍ୱୀ ୨୦୧୮ରେ ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ଖେଳି ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେ ଭାରତ ପାଇଁ ୫ଟି ଟେଷ୍ଟ, ୬ ଦିନିକିଆ ଓ ଗୋଟିଏ ଟି-୨୦ ଖେଳିଛନ୍ତି। ଖରାପ ଫର୍ମ ଲାଗି ସେ ଦୀର୍ଘଦିନ ହେବ ଜାତୀୟ ଦଳରୁ ବାଦ୍ ପଡ଼ିଆସୁଛନ୍ତି।

### ସେପ୍ଟେମ୍ବର-ଅକ୍ଟୋବରରେ କ୍ରିକେଟ ଖେଳିବ ୫ ସିନିଅର ପୁରୁଷ ଟିମ୍

# ଓଡ଼ିଶାର ଜଣେ ବି ଖେଳାଳିଙ୍କୁ ସ୍ଥାନ ମିଳିଲାନି

ନୂଆଦିଲ୍ଲୀ,୧୭।୯ (ଏଜେନ୍ସି)

ଭାରତୀୟ କ୍ରିକେଟର ୫ଟି ସିନିଅର ଟିମ୍ ଚଳିତ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ବିଭିନ୍ନ ପ୍ରକାର ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟ ଖେଳିବାକୁ ଯାଉଛି। ଏହି ୫ଟି ଦଳରେ ଭିନ୍ନ ଭିନ୍ନ ପାଖାପାଖି ୭୦ରୁ ଉର୍ଦ୍ଧ୍ୱ ଖେଳାଳି ଦଳରେ ସ୍ଥାନ ପାଇଛନ୍ତି। କିନ୍ତୁ ଓଡ଼ିଶାର ଜଣେ ହେଲେ ଖେଳାଳିଙ୍କୁ କୌଣସି ଗୋଟିଏ ଦଳରେ ସ୍ଥାନ ମିଳିପାରି ନାହିଁ। ସିନିଅର ଦଳରେ ଶିବସୁନ୍ଦର ଦାସ ଶେଷଥର ଲାଗି ଓଡ଼ିଶାରୁ ସିନିଅର ଅନ୍ତର୍ଜାତୀୟ କ୍ରିକେଟ ଖେଳିଥିଲେ। ଏହା ପରେ ସିନିଅର ଦଳକୁ ପ୍ରତିନିଧିତ୍ୱ କରିବା ଏବେ ଓଡ଼ିଶାର ଖେଳାଳଙ୍କ ଲାଗି ସ୍ୱପ୍ନ ପାଲଟିଛି। ଆଫଗାନିସ୍ତାନ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ପରେ ଭାରତ ସେପ୍ଟେମ୍ବର ୨୨ରେ ଜାପାନ ସହ ଏକମାତ୍ର ଟି-୨୦ ମ୍ୟାଚ୍ ଖେଳିବ। ଏହା ପରେ ଏସିଆନ ଗେମ୍ସ ଟି-୨୦, ଅଷ୍ଟ୍ରେଲିଆ-ଏ' ବିପକ୍ଷରେ ଭାରତ-ଏ'ର ୪ଦିନିଆ ଓ ଦିନିକିଆ, ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ଓ ଟି-୨୦ ଏବଂ ଜମ୍ମୁ-କଶ୍ମୀର ବିପକ୍ଷ ଇରାନି କପ୍ ଲାଗି ଅବଶିଷ୍ଟ ଭାରତୀୟ ଏକାଦଶ ଦଳ ଚୟନ କରାଯାଇଛି। କିନ୍ତୁ କେହି ଓଡ଼ିଆ ଖେଳାଳି ଏହି ଟିମ୍‌ରେ ସ୍ଥାନ ପାଇନାହାନ୍ତି। ଭାରତୀୟ କ୍ରିକେଟ୍ ଆଗକୁ ବଢୁଥିଲା ବେଳେ ଓଡ଼ିଶା କ୍ରିକେଟ୍ ଛିଡ଼ିଛିଡ଼ି ଯାଉଛି।

#### ସେପ୍ଟେମ୍ବର ୨୨ ବନାମ ଜାପାନ, ଏସିଆନ ଗେମ୍ସ (୨୮।୯ରୁ ୩।୧୦)

ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ସଞ୍ଜୁ ସାମସନ, ବୈଭବ ସୂର୍ଯ୍ୟବଂଶୀ, ଇଶାନ କିଶାନ, ତିଲକ ବର୍ମା (ଉପଅଧିନାୟକ), ଶିବମ ଦୁବେ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ଯଶପ୍ରୀତ୍ ବୁମ୍‌ରା, ଅର୍ଶଦୀପ ସିଂହ, ଯଶ ଠାକୁର, ବିପରାଜ ନିଗମ।

#### ଭାରତ-ଏ ବନାମ ଅଷ୍ଟ୍ରେଲିଆ-ଏ (ସେପ୍ଟେମ୍ବର ୨୨ରୁ ଅକ୍ଟୋବର ୧୧)

**ଅନ୍‌ଅଫିସିଆଲ ଟେଷ୍ଟ:** ଅମନ ମୋଖାଡେ, ଆୟୁଷ ପାଣ୍ଡେ, ଦେବଦତ୍ତ ପାଡିକଲ (ଅଧିନାୟକ), ବି ସାଇ ସୁଦର୍ଶନ, ଯଶ ରାଠୋଡ, ସେକ୍ ରଶିଦ୍, କୁମାର କୁଶାଗ୍ର, ସାମ୍ସ ମୁଲାନି, ତନୁସ କୋଟିଆନ୍, ତୁଷାର ଦେଶପାଣ୍ଡେ, ଅଂଶୁଲ କାମ୍ବୋଜ୍, ପ୍ରଫୁଲ୍ଲ ହିଙ୍ଗେ, ଏନ୍ ଜଗଦୀଶନ, ନଚିକେତ ଭୂତେ, ବିଜୟକୁମାର ବ୍ୟାସକ।

**ଟି-୨୦ ଟିମ୍:** ପ୍ରିୟାଂଶ ଆର୍ଯ୍ୟ, ସାଇ ସୁଦର୍ଶନ, ଦେବଦତ୍ତ ପାଡିକଲ, ଋତୁରାଜ ଗାଏକ୍ୱାଡ (ଅଧିନାୟକ), ରଜତ ପାଟିଦାର, କୁମାର କୁଶାଗ୍ର, ନିଶାନ୍ତ ସିନ୍ଧୁ, ବିପରାଜ ନିଗମ, ଅର୍ସିନ କୁଲକର୍ଣ୍ଣି, ଅର୍ଶାଦ ଖାନ୍, ନମନ ଧୀର, ହାର୍ଦ୍ଦିକ ପାଣ୍ଡ୍ୟା, ପ୍ରଭସିମରନ ସିଂହ, ଗୁରଜାନପ୍ରୀତ୍ ସିଂହ, ଯଶ ଠାକୁର।

#### ଭାରତ ବନାମ ୱେଷ୍ଟଇଣ୍ଡିଜ୍ (ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୭)

**ଦିନିକିଆ ଭାରତୀୟ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରୋହିତ ଶର୍ମା, ବିରାଟ କୋହଲି, ଋତୁରାଜ ଗାଏକୱାଡ, ଲୋକେଶ ରାହୁଲ, ଧ୍ରୁବ ଜୁରେଲ, ନୀତୀଶ ରେଡ୍ଡୀ, ରବୀନ୍ଦ୍ର ଜାଡେଜା, କୁଲଦୀପ୍ ଯାଦବ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୁର ବ୍ରାର୍, ମହମ୍ମଦ ସିରାଜ, ଆକ୍ୱିବ ନବୀ, ଯଶସ୍ୱୀ ଜୟସ୍ୱାଲ ଓ ନମନ ଧୀର।

**ଟି-୨୦ ଭାରତୀୟ ଦଳ:** ଶ୍ରେୟସ ଆୟର (ଅଧିନାୟକ), ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ଇଶାନ କିଶାନ, ସଞ୍ଜୁ ସାମସନ, ତିଲକ ବର୍ମା, ଶିବମ ଦୁବେ, କୁଲଦୀପ ଯାଦବ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ରବି ବିଷ୍ଣୋଇ, ନୀତୀଶ କୁମାର ରେଡ୍ଡୀ, ଅର୍ଶଦୀପ୍ ସିଂହ, ପ୍ରିନ୍ସ ଯାଦବ ଓ ମୟଙ୍କ ଯାଦବ।

#### ଇରାନି କପ୍ (ଅକ୍ଟୋବର ୧ରୁ ୫)

**ଅବଶିଷ୍ଟ ଭାରତ ଏକାଦଶ:** ଋଷଭ ପନ୍ତ (ଅଧିନାୟକ), ସନତ ସାଙ୍ଗୱାନ୍, ଶିଖର ମୋହନ, ସୁଦୀପ ଘରାମି, ସର୍ଫରାଜ ଖାନ୍, ରବିଚନ୍ଦ୍ରନ ସ୍ମରନ୍, ମାନବ ସୁତାର, ସାରାଂଶ ଜୈନ, ଆକାଶ ଦୀପ, ମୁକେଶ କୁମାର, ମୁକେଶ ଚୌଧୁରୀ, ଆର୍ଯ୍ୟାନ ଜୁୟାଲ, ଆର୍ଯ୍ୟନ ପାଣ୍ଡେ, ଅନୁକୂଳ ରୟ, ଆୟୁଷ ଦୋସେଜା।






### ■ ନିଖିଳ ଓଡ଼ିଶା ୬-ରେଡ୍ ଓପନ୍ ସ୍ନୁକର

# ସେମିରେ ଆଶୁତୋଷ ପାଢ଼ୀ

ଭୁବନେଶ୍ୱର, ୧୭।୯ (ସମିସ): ଓଡ଼ିଶାର ନଂ-୧ ଖେଳାଳି ଆଶୁତୋଷ ପାଢ଼ୀ କଟକ ସିଡିଏସ୍ଥିତ ଗୋଲ୍ଡେନ୍ କ୍ୟୁ ସ୍ନୁକର କାଫେରେ ଚାଲିଥିବା ନିଖିଳ ଓଡ଼ିଶା ୬-ରେଡ୍ ଓପନ୍ ସ୍ନୁକର ଚାମ୍ପିଅନସିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲ ଖେଳରେ ଆଶୁତୋଷ ୪-୧ ଫ୍ରେମ୍‌ରେ ଚେତନ ଆନନ୍ଦଙ୍କୁ ପରାସ୍ତ କରି ସେମିକୁ ଉଠିଥିଲେ। ଆସନ୍ତାକାଲି ଅନ୍ୟ ୩ଟି କ୍ୱାର୍ଟର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଏଥିରେ ସିଦ୍ଧାର୍ଥ ସେନ୍‌ଙ୍କୁ ରୁମିତ ଗୁପ୍ତା, ଆକାଶ ମହାପାତ୍ରଙ୍କୁ ଅନୁଜ ପଣ୍ଡା, ଡାକ୍ତର ରାକେଶ ରୋଶନ ପ୍ରଧାନଙ୍କୁ ସୁବ୍ରତ ଦାସ କିମ୍ବା ଆଚାର୍ଯ୍ୟ ଦିନେଶ ଭେଟିବେ। ଆଜି ଖେଳାଯାଇଥିବା ଅନ୍ୟ ମୁକାବିଲରେ ରାକେଶ ୪-୦ରେ ଆର୍ଯ୍ୟନ ପ୍ରଧାନଙ୍କୁ ପରାସ୍ତ କରି ଏବଂ ଆକାଶ ମଧ୍ୟ ୪-୦ରେ ସାଗର ସ୍ୱାଇଁଙ୍କୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଥିଲେ।



ଆକାଶ ମହାପାତ୍ର

# ସୋନାଲ ଅଗଷ୍ଟର ଶ୍ରେଷ୍ଠ କ୍ରିକେଟର୍

ଦୁବାଇ, ୧୭।୯ (ଏଜେନ୍ସି): ଶ୍ରୀଲଙ୍କାର ଉଦୀୟମାନ ବ୍ୟାଟର୍ ସୋନାଲ ଦିନୁଶା ଅଗଷ୍ଟ ମାସ ଲାଗି ଆଇସିସିର ଶ୍ରେଷ୍ଠ ପୁରୁଷ କ୍ରିକେଟର୍ ବିବେଚିତ ହୋଇଛନ୍ତି। ୨୫ ବର୍ଷୀୟ ବାମହାତୀ ବ୍ୟାଟର୍ ଦିନୁଶା କ୍ୟାରିୟରର ୫ମ ଟେଷ୍ଟ ଖେଳୁଥିବାବେଳେ ପ୍ରଥମଥର ଲାଗି ଏହି ସମ୍ମାନଜନକ ଆଇସିସି ପୁରସ୍କାର ଜିତିଛନ୍ତି। ବାଂଲାଦେଶର ଦ୍ରୁତ ବୋଲର ହାସନ ମହମ୍ମଦ ଓ ଇଂଲଣ୍ଡର ଓଲି ରବିନସନଙ୍କୁ ପଛରେ ପକାଇ ସୋନାଲ ଟ୍ରଫି ହାତେଇ ନେଇଛନ୍ତି। ସୋନାଲ ଭାରତ ବିପକ୍ଷ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜରେ ବେଶ୍ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ଯେଉଁଥିରେ ସେ ୧୪୦ ହାରରେ ମୋଟ୍ ୪୨୦ ରନ ସଂଗ୍ରହ କରିଥିଲେ। ସିରିଜରେ ସୋନାଲ ତିନୋଟି (୧୬୫, ୧୦୩ ଓ ୧୩୩) ଦର୍ଶନୀୟ ଶତକ ଓ ଗୋଟିଏ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହା ସତ୍ତ୍ୱେ ଶ୍ରୀଲଙ୍କା ୧-୦ରେ ଭାରତ ନିକଟରୁ ହାରିଯାଇଥିଲା। କିନ୍ତୁ ବ୍ୟକ୍ତିଗତ ପ୍ରଦର୍ଶନ ବଳରେ ସେ ଅଗଷ୍ଟ ମାସର ଶ୍ରେଷ୍ଠ କ୍ରିକେଟର୍ ପୁରସ୍କାର ଜିତିଛନ୍ତି।








PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS